



ନୀରଜଙ୍କ ବାୟୋପିକ୍ ଫିଲ୍ମରେ ଅକ୍ଷୟ


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-43 ◆THURSDAY ◆6 AUGUST 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୪ ◆ସଂଖ୍ୟା-୪୩ ◆ଗୁରୁବାର ◆୬ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଚନ୍ଦ୍ରପୃଷ୍ଠରେ ପିଟିହେଲା ସ୍ପେସ-ଏକ୍ସ ରକେଟ୍

■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆମେରିକାର ବେସରକାରୀ ମହାକାଶ ଗବେଷଣା ସଂସ୍ଥା 'ସ୍ପେସ-ଏକ୍ସ'ର ଏକ ଫାଲକନ୍ ୯ ରକେଟ୍‌ର ଅବଶିଷ୍ଟାଂଶ ଚନ୍ଦ୍ରପୃଷ୍ଠରେ ଭୀଷଣ ବେଗରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାୟ ୪୦୦୦ କିଲୋଗ୍ରାମ୍ ଓଜନର ଏହି ରକେଟ୍ ଅଂଶଟି ୩ ଟନ୍ ଟିଏନ୍‌ଟି ବିସ୍ଫୋରଣର ଶକ୍ତି ସହ ଚନ୍ଦ୍ରର ଆଇନଷ୍ଟାଇନ୍ କ୍ରାଟର ନିକଟରେ ମାଡ଼ ହୋଇଥିବା ମହାକାଶ ବିଜ୍ଞାନୀମାନେ ଅନୁମାନ କରୁଛନ୍ତି। ୨୦୨୫ ମସିହାରେ ଏକ ଚନ୍ଦ୍ର ମିଶନ ଉଦ୍ଦେଶ୍ୟରେ କ୍ଷେପଣ କରାଯାଇଥିବା ଏହି ରକେଟ୍‌ର ଶେଷ ଭାଗଟିରେ ଜାଳେଣି ସରିଯିବା ପରେ ତାହା ମହାକାଶରେ ନିୟନ୍ତ୍ରଣହୀନ ଭାବେ ଭାସୁଥିଲା। ମହାକର୍ଷଣ ବଳ ଏବଂ ସୌର ବିକିରଣ ଯୋଗୁଁ ଏହା ଧୀରେ ଧୀରେ ଚନ୍ଦ୍ର ଆଡ଼କୁ ଆକର୍ଷିତ ହୋଇ ମାଡ଼ ହୋଇଛି। ଏହି ସଂଘର୍ଷ ଯୋଗୁଁ ଚନ୍ଦ୍ରପୃଷ୍ଠରେ ଏକ ନୂଆ ଗର୍ତ୍ତ ସୃଷ୍ଟି ହୋଇଥିବା ସହ ବିଶାଳ ଧୂଳିଝଡ଼ ସୃଷ୍ଟି ହୋଇଥିଲା। ତେବେ ପୃଥିବୀଠାରୁ ଏହି ବିସ୍ଫୋରଣର ଦୃଶ୍ୟ ସ୍ପଷ୍ଟ ଦେଖାଯାଇ ନ ଥିବା ବେଳେ, ଚନ୍ଦ୍ର ପ୍ରଦକ୍ଷିଣ କରୁଥିବା ମହାକାଶଯାନ (ଯଥା ନାସାର ଏଲ୍‌ଆରଓ ଏବଂ ଦକ୍ଷିଣ କୋରିଆର ଡାନୁରୀ) ଦ୍ୱାରା ଉଠାଯାଇଥିବା ଚିତ୍ର ମାଧ୍ୟମରେ ବିଜ୍ଞାନୀମାନେ ଏହି ଗର୍ତ୍ତର ଅନୁଧ୍ୟାନ କରୁଛନ୍ତି। ଏହି ଘଟଣା ଫଳରେ ଚନ୍ଦ୍ରପୃଷ୍ଠରେ ମାନବକୃତ ଆବର୍ଜନାର ପରିମାଣ ଆହୁରି ବୃଦ୍ଧି ପାଇଛି।



ସୃଷ୍ଟି ହେଲା ନୂତନ ଗର୍ତ୍ତ

## ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ; ସୁପ୍ରିମକୋର୍ଟ ନାରାଜ

■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଛାତ୍ର ବିକ୍ଷୋଭ ଏବଂ ଆନ୍ଦୋଳନକୁ ସମ୍ଭାଳିବା ସମୟରେ ପୋଲିସ ଏବଂ ଶାସନକଳ ଅତ୍ୟଧିକ ଆକ୍ରାମକ ମନୋଭାବ ଗ୍ରହଣ ନକରି ଧୈର୍ଯ୍ୟ ରଖିବା ଆବଶ୍ୟକ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ମତ ପ୍ରକାଶ କରିଛନ୍ତି। ଶକ୍ତିଶାଳୀ ରାଷ୍ଟ୍ର ନାମରେ ଯୁବବର୍ଗଙ୍କ ଉପରେ ଶକ୍ତି ପ୍ରୟୋଗ କଲେ ତାହା ହିଂସାକୁ ଅଧିକ ବୃଦ୍ଧି କରିବ ବୋଲି ନ୍ୟାୟାଳୟ ସତର୍କ କରାଇ ଦେଇଛନ୍ତି। ରାଜଧାନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ଛାତ୍ର ଆନ୍ଦୋଳନ ଏବଂ ଯନ୍ତରମନ୍ତର ପ୍ରତିବାଦ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି କହିଛନ୍ତି ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆନ୍ଦୋଳନକାରୀ ଯୁବକମାନଙ୍କ ସହ ଆଲୋଚନା କରିବା ଏବଂ ସେମାନଙ୍କ ସମସ୍ୟା ଶୁଣିବା ସବୁଠାରୁ ବଡ଼ ଶକ୍ତି। ଯଦି କେତେକ ଭୁଲ ବାଟରେ ଯାଇ ପଥରଫିଙ୍ଗା ପରି କାର୍ଯ୍ୟ କରନ୍ତି, ତଥାପି ସେମାନଙ୍କୁ ବୁଝାସୁଝା କରିବା ଏବଂ ପରାମର୍ଶ ଦେବା ଉଚିତ। ଆନ୍ଦୋଳନରତ ଯୁବକମାନଙ୍କୁ ଦମନ କରିବା ପରିବର୍ତ୍ତେ ଉଚିତ ମାର୍ଗଦର୍ଶନ ଏବଂ ଆଲୋଚନାର ଆବଶ୍ୟକତା ରହିଛି। ଶାସନକଳର ଅତ୍ୟଧିକ କଠୋରତା ପରିସ୍ଥିତିକୁ ଅଧିକ ଜଟିଳ କରିପାରେ। ତେବେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କିପରି ପଦକ୍ଷେପ ନିଆଯିବ, ତାହା ନିୟନ୍ତ୍ରଣ କରୁଥିବା ସଂସ୍ଥାଗୁଡ଼ିକର ଅନୁଭବ ଉପରେ ଛାଡ଼ିଦେବା ଉଚିତ ବୋଲି ▶ପୃଷ୍ଠା-୧୦



ବଳପ୍ରୟୋଗ ନୁହେଁ; ଶାନ୍ତିପୂର୍ଣ୍ଣ ଆଲୋଚନା ଜରୁରୀ

# ୧୭ରେ ସ୍ୱତନ୍ତ୍ର ସଂସଦ ଅଧିବେଶନ !

## ପୁଣି ଆସିବ ସୀମା ନିର୍ଦ୍ଧାରଣ ଓ ମହିଳା ଆରକ୍ଷଣ ବିଲ୍

■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସଂସଦର ଚଳିତ ମୌସୁମୀ ଅଧିବେଶନରେ ବାରମ୍ବାର ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲେ ମଧ୍ୟ କେନ୍ଦ୍ର ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଆସନ୍ତା ଅଗଷ୍ଟ ୧୩ ତାରିଖରେ ମୌସୁମୀ ଅଧିବେଶନ ଶେଷ ହେବା ପରେ ଅଗଷ୍ଟ ୧୭ରୁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଆହୂତ ହୋଇପାରେ। ଏହି ସ୍ୱତନ୍ତ୍ର ଅଧିବେଶନରେ 'ସୀମା ନିର୍ଦ୍ଧାରଣ ବିଲ୍' (ଡିଲିମିଟେସନ୍ ବିଲ୍) ଏବଂ 'ମହିଳା ଆରକ୍ଷଣ ସଂଶୋଧନ ବିଲ୍' ପୁଣି ଆଗତ କରାଯିବାର ସମ୍ଭାବନା ରହିଛି। ଏସଂପର୍କରେ ସରକାର ବିଭିନ୍ନ ଦଳ ସହିତ ପୁଣି ଆଲୋଚନା ଚଳାଇଛନ୍ତି।

ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ସଂସଦର ଉଭୟ ଗୃହରେ ଦୁଇ-ତୃତୀୟାଂଶ ସ୍ୱତନ୍ତ୍ର ବହୁମତର ଆବଶ୍ୟକତା ରହିଛି। ଏହି ଆବଶ୍ୟକ ସଂଖ୍ୟା ଜୁଟାଇବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ରାଜନୈତିକ ସମୀକରଣ ବଦଳିବା ପରେ ଲୋକସଭା (୩୬୦ ସାଂସଦ) ଏବଂ ରାଜ୍ୟସଭାରେ (୧୬୪ ସାଂସଦ) ଆବଶ୍ୟକ ସଂଖ୍ୟାର ନିକଟତର ହେବାକୁ ସରକାର ଚେଷ୍ଟା ଚଳାଇଛନ୍ତି। ବିଶେଷ କରି ମମତାଙ୍କ ଟିଏମ୍‌ସିରେ ବିଭାଜନ ଏବଂ ବିଦ୍ରୋହୀ ଗୋଷ୍ଠୀ କେନ୍ଦ୍ର ସରକାରଙ୍କୁ ସମର୍ଥନ ଦେବାପାଇଁ ଘୋଷଣା କରିଥିବାରୁ ସରକାର ଦୁଇ ତୃତୀୟାଂଶର ନିକଟତର ହୋଇଛନ୍ତି। ଏହାସହିତ ଆଉ କେତେକ ଦଳ ମଧ୍ୟ କିଛି ସର୍ତ୍ତରେ ଏହି ବିଲକୁ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ତାମିଲନାଡୁ ପରି ରାଜ୍ୟରେ ସୀମା ନିର୍ଦ୍ଧାରଣକୁ ନେଇ କିଛି ରାଜନୈତିକ ବିରୋଧ ରହିଥିବାରୁ ଅନ୍ୟ କେତେକ ଆଞ୍ଚଳିକ ଦଳ ଏହି ସମ୍ବିଧାନ ସଂଶୋଧନ ବିଲ୍‌କୁ ସମର୍ଥନ କରିବେ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ମିଳିଥିବା ଖବର ଅନୁଯାୟୀ ମୌସୁମୀ ଅଧିବେଶନ ଶେଷ ହେବା ପରେ ବି ସଂସଦକୁ ସମ୍ପୂର୍ଣ୍ଣ ରୂପେ ମୁଲତବୀ ନ କରି ସ୍ୱଳ୍ପ ସମୟର ନୋଟିସରେ ପୁନର୍ବାର ଆହ୍ୱାନ କରିବା ପାଇଁ ଯୋଜନା ହୋଇଛି। ଆବଶ୍ୟକ ସଂଖ୍ୟାବଳ ଜୁଟିଗଲା ପରେ ସରକାର ବିଲ୍ ଆଗତ କରିବେ। ଏହାପୂର୍ବରୁ ଏପ୍ରିଲ ମାସରେ ହୋଇଥିବା ସ୍ୱତନ୍ତ୍ର ଅଧିବେଶନରେ ଏସଂକ୍ରାନ୍ତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହୋଇଥିଲେ ବି ଆବଶ୍ୟକ ସଂଖ୍ୟା ▶ପୃଷ୍ଠା-୧୦



### ଦୁଇ-ତୃତୀୟାଂଶ ବହୁମତ ପାଇଁ କେନ୍ଦ୍ରର ଉଦ୍ୟମ

### ବିଲ୍ ସମର୍ଥନ ପାଇଁ ରାହୁଲଙ୍କୁ ଭେଟିଲେ ମନ୍ତ୍ରୀ

ଆକାଂକ୍ଷୀ ଜିଲ୍ଲା ଡେଲ୍‌ଟା ର୍‍ୟାଙ୍କିଙ୍ଗ

## ଓଡ଼ିଶାର ନିରୁତ୍ସାହଜନକ ପ୍ରଦର୍ଶନ

■ ଭୁବନେଶ୍ୱର, ୫।୮ (ସମିସ): 'ନିତି' ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ଟି ଜିଲ୍ଲା ସାମିଲ ହୋଇଛି। ୨୦୧୮ ମସିହା ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧିନରେ ଦେଶର ଅନୁନ୍ନତ ଏବଂ ପଛୁଆ ଭାବେ ପରିଗଣିତ ୧୧୨ଟି ଜିଲ୍ଲାରେ ଦ୍ରୁତ ତଥା ଫଳପ୍ରଦ ଭାବେ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଏବଂ ରୂପାନ୍ତରଣ ଆଣିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଗତ କିଛି ମାସ ଧରି ଓଡ଼ିଶାର ସାମିଲ ଜିଲ୍ଲା ଗୁଡ଼ିକ ଏଥିରେ ନିରୁତ୍ସାହଜନକ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳୁଛି। ଜିଲ୍ଲା ଗୁଡ଼ିକର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ବାରମ୍ବାର ପଛୁଆ ଜିଲ୍ଲା ଭାବେ ପରିଗଣିତ ହେବା ଆଦୌ ଶୁଭ ସଙ୍କେତ ନୁହେଁ ବୋଲି ପ୍ରଶାସନିକ ମହଲରେ ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ଏହି ଡେଲଟା ର୍‍ୟାଙ୍କିଙ୍ଗ ପ୍ରତି ୩ ମାସରେ ଥରେ ପ୍ରକାଶ ପାଉଛି। ଗତ ଜାନୁଆରୀ, ଫେବୃଆରୀ ତଥା ମାର୍ଚ୍ଚ ମାସର ସାମଗ୍ରିକ ର୍‍ୟାଙ୍କିଙ୍ଗ ନିକଟରେ ପ୍ରକାଶ ପାଇଛି। ମୋଟ ୫ଟି ମାନଦଣ୍ଡ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଭିତ୍ତିଭୂମି ଓ ଆର୍ଥିକ ▶ପୃଷ୍ଠା-୧୦

### କୌଣସି ବର୍ଗରେ ପ୍ରଥମ ୫ ସ୍ଥାନରେ ଓଡ଼ିଶା ପାଇଲାନି ସ୍ଥାନ

### ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛଆଡୁ ମାଲକାନଗିରି ତୃତୀୟ

### ଯୋଜନାର ସଠିକ୍ କାର୍ଯ୍ୟନ୍ୱୟନକୁ ଗୁରୁତ୍ୱ ଦେବାକୁ ଦାବି

## ଏଲ୍‌ପିଜି ସିଲିଣ୍ଡର ଉପରେ ଲାଗିବ ନୂଆ ଶୁଳ୍କ



■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଦୀର୍ଘ ଦିନ ହେବ ଉଚ୍ଚ ରନ୍ଧନ ଗ୍ୟାସ୍ ଦର ସହ ଯୁଝୁଥିବା ଖାଉଟିଙ୍କୁ ଲାଗିବାକୁ ଯାଉଛି ଆଉ ଏକ ବଡ଼ ଝଟ୍‌କା। କାରଣ ମହଙ୍ଗା ହେବ ଘରୋଇ ଏଲ୍‌ପିଜି ସିଲିଣ୍ଡର। ଏଥର ଗ୍ୟାସ୍ ଦର ବୃଦ୍ଧି ଆଉ ସିଧାସଳଖ ମୂଲ୍ୟ ବୃଦ୍ଧି ଜରିଆରେ ହେବନାହିଁ। ଏହା ନୂତନ ଶୁଳ୍କ ଲାଗୁ ମାଧ୍ୟମରେ ହେବ। ଏଣିକି ଏଲପିଜି ସିଲିଣ୍ଡର ଉପରେ ସରକାର ଲଗାଇବେ ନୂତନ ଶୁଳ୍କ। ସାଧାରଣ ଖାଉଟିଙ୍କୁ ଶୋଷଣ କରିବା ପାଇଁ ତୈଳ ମାର୍କେଟିଂ କମ୍ପାନୀଙ୍କ ନୂଆ ପ୍ଲାନ୍ ପ୍ରସ୍ତୁତ। ଯୋଜନାନୁଯାୟୀ, ଘରୋଇ ଘରୋଇ ରନ୍ଧନ ଗ୍ୟାସ ଉପରେ କିଲୋଗ୍ରାମ ପିଛା ୧.୨୯ ଟଙ୍କା ଶୁଳ୍କ ଲାଗୁ କରାଯିବ। ସିଏନ୍‌ଜି ଉପଭୋକ୍ତାଙ୍କ ଉପରେ ମଧ୍ୟ ଏହି ଶୁଳ୍କ ଛାଟ ଲାଗିବ। ପ୍ରାକୃତିକ ଗ୍ୟାସ ଉପରେ ପ୍ରତି ମାନକ ଘନ ମିଟର (ଏସ୍‌ସିଏମ୍) ପାଇଁ ୧.୪୩ ଟଙ୍କା ଶୁଳ୍କ ଆଦାୟ କରାଯିବ। ଯଦି ଏହି ପ୍ରସ୍ତବାକୁ କାର୍ଯ୍ୟକାରୀ କରାଯାଏ ତେବେ ଆଗକୁ ଘରୋଇ ଏଲ୍‌ପିଜି ସିଲିଣ୍ଡର ୧୮ ଟଙ୍କା ମହଙ୍ଗା ହେବ। ଅର୍ଥାତ୍ ଗ୍ରାହକଙ୍କୁ ସିଲିଣ୍ଡର ପିଛା ଅଧିକ ୧୮ ଟଙ୍କା ତଣ୍ଡ ଗଣିବାକୁ ▶ପୃଷ୍ଠା-୧୦

### ୧୮ ଟଙ୍କା ମହଙ୍ଗା ହେବ ଘରୋଇ ଏଲ୍‌ପିଜି ସିଲିଣ୍ଡର

### କିଲୋ ପିଛା ଏଲ୍‌ପିଜି ୧.୨୯ ଟଙ୍କା, ସିଏନ୍‌ଜି ପାଇଁ ୧.୪୩ ଟଙ୍କା ଅତିରିକ୍ତ ଶୁଳ୍କ

## ଓଡ଼ିଶାରେ ହେବ ଦେଶର ପ୍ରଥମ ଘରୋଇ ପରମାଣୁ ବିଦ୍ୟୁତ୍ କେନ୍ଦ୍ର !

■ ଭୁବନେଶ୍ୱର, ୫।୮ (ସମିସ): ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶାରେ ସ୍ଥାପନ ହେବ ଘରୋଇ ପରମାଣୁ ବିଦ୍ୟୁତ କେନ୍ଦ୍ର। ରାଜ୍ୟରେ ୩ଟି ପରମାଣୁ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ଦୁଇଟି ଘରୋଇ କମ୍ପାନୀ ପ୍ରସ୍ତାବ ଦେଇଥିବା ଓ ଏ ସଂକ୍ରାନ୍ତରେ ସରକାର ବିଚାର କରୁଥିବା ଖବର ପ୍ରକାଶ ପରେ ଏହାକୁ ନେଇ ରାଜନୈତିକ, ଆଇନଗତ, ସୁରକ୍ଷା ଓ ପରିବେଶ ସମ୍ବନ୍ଧୀୟ ବିତର୍କ ମଧ୍ୟ ତୀବ୍ର ହେବାରେ ଲାଗିଛି। ଦେଶରେ ପୂର୍ବରୁ ପ୍ରସ୍ତାବିତ କୁଡ଼ାନକୁଲମ, ଜୈତାପୁର, କୋଭାଡ଼ା ଓ ମିଥି ଭିର୍‌ଦି ପରମାଣୁ ପ୍ରକଳ୍ପକୁ ନେଇ ସମ୍ପୃକ୍ତ ରାଜ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ଆନ୍ଦୋଳନ ଯୋଗୁଁ ପ୍ରକଳ୍ପଗୁଡ଼ିକ ସ୍ଥାପନ ହୋଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଘରୋଇ ପରମାଣୁ ବିଦ୍ୟୁତ୍ ପ୍ରକଳ୍ପ ପ୍ରସ୍ତାବ ରାଜ୍ୟର ସୁରକ୍ଷା ଓ ସ୍ୱାର୍ଥକୁ ନେଇ ପ୍ରଶ୍ନ ଉଠାଇଛି।

ସୂଚନା ଅନୁଯାୟୀ ଗୋଟିଏ ଘରୋଇ କମ୍ପାନୀ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଜିଲ୍ଲାରେ ଦୁଇଟି ପରମାଣୁ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛି। ପ୍ରତ୍ୟେକ ପ୍ରକଳ୍ପର ଉତ୍ପାଦନ କ୍ଷମତା ୨୮୦୦ରୁ ୩୦୦୦ ମେଗାୱାଟ ରଖାଯାଇଥିବାରୁ ଦୁଇଟି ପ୍ରକଳ୍ପରୁ ମୋଟ ୫୬୦୦ରୁ ୬୦୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ରହିଛି। ତେବେ ରାୟଗଡ଼ାର କେଉଁ ଅଞ୍ଚଳରେ ପ୍ରକଳ୍ପ ସ୍ଥାପନ ହେବ, ସେନେଇ ସରକାର କିମ୍ବା କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଦ୍ୱିତୀୟ ଘରୋଇ କମ୍ପାନୀ ମାଲକାନଗିରି ଜିଲ୍ଲାରେ ଆଉ ଏକ ପରମାଣୁ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ଦ୍ୱିତୀୟ ଘରୋଇ ▶ପୃଷ୍ଠା-୧୦

### ରାୟଗଡ଼ା ଓ ମାଲକାନଗିରିରେ ୩ ପ୍ରକଳ୍ପ ପାଇଁ ୨ କମ୍ପାନୀର ପ୍ରସ୍ତାବ

# ଓଡ଼ିଶା ଇଞ୍ଜିନକୁ କମୁଛି ଅନୁଦାନ

## ବର୍ଷକୁ ବର୍ଷ ପୋଷଣ, ବାତ୍ସଲ୍ୟ ଓ ଅଙ୍ଗନବାଡ଼ି ସହାୟତା ହ୍ରାସ

■ ଭୁବନେଶ୍ୱର, ୫।୮ (ସମିସ): ମହିଳା ଓ ଶିଶୁଙ୍କ ପୋଷଣ, ସୁରକ୍ଷା ଏବଂ ସଶକ୍ତିକରଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ବିଡମ୍ବନା ହେଉଛି ଗତ ୩ ବର୍ଷ ହେଲା ପ୍ରତ୍ୟେକ ଯୋଜନାରେ ଓଡ଼ିଶାକୁ ସହାୟତା ରାଶି ହ୍ରାସ ପାଇ ଚାଲିଛି। ପୋଷଣ, ମିଶନ ବାତ୍ସଲ୍ୟ ଓ ସକ୍ଷମ ଅଙ୍ଗନବାଡ଼ି ଅନୁଦାନ ହ୍ରାସ ପରେ ରାଜ୍ୟରେ ଅସହାୟ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ଓ ପୋଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି କେନ୍ଦ୍ର ସରକାର ଏହି ତଥ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ରାଜ୍ୟର ଶିଶୁ, କିଶୋରୀ, ଆସନ୍ନ ପ୍ରସବା ଓ ପ୍ରସୂତିଙ୍କ ପ୍ରତି ଅନୁଦାନ ହ୍ରାସ କରି ଓଡ଼ିଶାକୁ କେନ୍ଦ୍ର ସରକାର ପ୍ରତାରିତ କରିଛନ୍ତି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଗତ ତିନି ଆର୍ଥିକ ବର୍ଷ ଏବଂ ଚଳିତ ବର୍ଷରେ ଓଡ଼ିଶାକୁ ୩,୨୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ସହାୟତା ପ୍ରଦାନ କରିଛନ୍ତି। ପୋଷଣ ୨.୦, ମିଶନ ଶକ୍ତି ଓ ମିଶନ ବାତ୍ସଲ୍ୟ ଅଧୀନରେ ଏହି ଅର୍ଥ ବ୍ୟୟ କରାଯାଇଥିବା ବେଳେ ଲକ୍ଷାଧିକ ମହିଳା, ଶିଶୁ ଓ କିଶୋରୀ ଏଥିରୁ ଉପକୃତ ହୋଇଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଜ୍ୟମନ୍ତ୍ରୀ ସାବିତ୍ରୀ ଠାକୁର ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ସମ୍ପୂରକ ପୁଷ୍ଟିକର ଖାଦ୍ୟ, ପ୍ରାକ୍-ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା ଓ ପୋଷଣ ସଚେତନତା ଭଳି ସେବା ଲାଗି ମିଶନ ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ ୨.୦ ପାଇଁ ୨୦୨୩-୨୪ରେ ଓଡ଼ିଶାକୁ ୯୬୮.୮୦ କୋଟି ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ୨୦୨୪-୨୫ରେ ଏହି ଅନୁଦାନ ୯୪୮.୧୬ କୋଟି ଟଙ୍କାକୁ ହ୍ରାସ ପାଇଛି। ସେହିପରି ୨୦୨୫-୨୬ରେ ଏହା ଆହୁରି କମି ୯୧୧.୨୭ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୬-୨୭ରେ ଜୁଲାଇ ୨୦ ତାରିଖ ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ଏ ବାବଦରେ ୩୩୬.୦୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

କେବଳ ଏହି ଗୋଟିଏ ଯୋଜନା ନୁହେଁ; ଅସହାୟ ଓ ବିପଦଗ୍ରସ୍ତ ଶିଶୁଙ୍କ ପାଇଁ ପ୍ରତିଷ୍ଠାନଗତ ଓ ଅଣ-ପ୍ରତିଷ୍ଠାନଗତ ସେବା, ଶିଶୁ ଯତ୍ନ ପ୍ରତିଷ୍ଠାନ, ଫୋଷ୍ଟର ▶ପୃଷ୍ଠା-୧୦

### ଶିଶୁ, କିଶୋରୀ, ପ୍ରସୂତିଙ୍କ ପୋଷଣକୁ ନେଇ ପ୍ରଶ୍ନବାଚୀ

### ମନ୍ତ୍ରୀଙ୍କ ତଥ୍ୟକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ




## ଜମି ଅଦଳବଦଳ କରିବେ ଭାରତ-ମିଆଁମାର

ନୂଆଦିଲ୍ଲୀ, ୫ ।୮ (ଏଜେନ୍ସି): ସୀମା ସୁରକ୍ଷା ଓ ବାଡ଼ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ଓ ମିଆଁମାର ମଧ୍ୟରେ କିଛି ଜମି ଅଦଳବଦଳ ହୋଇପାରେ ବୋଲି ଆଲୋଚନା ଚାଲିଛି । ମଣିପୁରର ଚାନ୍ଦେଲ୍ ଜିଲ୍ଲା ଭଳି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ଥିବା ବିବାଦର ସମାଧାନ ପାଇଁ ପ୍ରାୟ ୧.୪୪ ବର୍ଗ ମାଇଲ ଜମି ଅଦଳବଦଳ ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ବିଚାର କରୁଥିବା ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଛି । ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ କିଛି ଅସମାହିତ ସୀମାନ୍ତ ଅଞ୍ଚଳକୁ ନେଇ ବର୍ତ୍ତମାନ ଆଲୋଚନା ଜାରି ରହିଛି । ଭାରତ ଓ ମିଆଁମାର ମଧ୍ୟରେ ୧, ୬୪୩ କିଲୋମିଟର ଦୀର୍ଘ ସୀମାରେଖା ରହିଛି, ଯାହା ଚାରୋଟି ଉତ୍ତର-ପୂର୍ବ ରାଜ୍ୟ ଦେଇ ଯାଇଛି । ବେଆଇନ ଅନୁପ୍ରବେଶ, ନିଶାଦ୍ରବ୍ୟ କାରବାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ସୀମାରେ ବାଡ଼ ନିର୍ମାଣ ସହ ମୁକ୍ତ ଚଳାଚଳ ବ୍ୟବସ୍ଥା (ଏଫ୍ଏମ୍ଆର୍)କୁ ରଦ୍ଦ କରିଛନ୍ତି । ସୁରକ୍ଷା ବାହିନୀ ଓ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଆଞ୍ଚଳିକ ସୁରକ୍ଷା ସୁଦୃଢ଼ ହେବା ସହ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ଶେଷ ହୋଇପାରିବ ।

## ବିଦେଶ ଯିବାକୁ ଅଭିଷେକଙ୍କୁ ଅନୁମତି ଦେଲେନାହିଁ ହାଇକୋର୍ଟ

କୋଲକାତା, ୫ ।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍ସି) ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଚକ୍ଷୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ଦେବା ନେଇ ରୁଜୁ ଆବେଦନକୁ କଲିକତା ହାଇକୋର୍ଟ



ବୁଧବାର ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଭାରତରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ଉପଲବ୍ଧ ଥିବାରୁ ଏବେ ବିଦେଶ ଯିବାର କୌଣସି ଆବଶ୍ୟକତା ନାହିଁ । ୨୦୨୬ ନିର୍ବାଚନ ପ୍ରଚାର ସମୟରେ ଉତ୍ତେଜନାମୂଳକ ବକ୍ତବ୍ୟ ଦେବା ମାମଲାରେ ଅଭିଷେକ୍ ତଦନ୍ତର ସମ୍ମୁଖୀନ ହେଉଛନ୍ତି । ଏହି କାରଣରୁ ତାଙ୍କର ବିଦେଶ ଯାତ୍ରା ଉପରେ କଟକଣା ରହିଛି । ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ଅଭିଷେକଙ୍କୁ ସରକାରୀ ଏସ୍ଏସ୍କେଏମ୍ ହସ୍ପିଟାଲର ଚକ୍ଷୁ ରୋଗ ବିଭାଗ ପ୍ରମୁଖଙ୍କ ନିକଟରେ ଚିକିତ୍ସିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଠାକାର ରିପୋର୍ଟ ଆସିବା ପରେ କୋର୍ଟ ପରବର୍ତ୍ତୀ ନିଷ୍ପତ୍ତି ନେବେ । ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି ଯେ ତଦନ୍ତରୁ ବର୍ତ୍ତିବା ପାଇଁ ଅଭିଷେକ୍ ସ୍ୱାସ୍ଥ୍ୟର ବାହାନା ଦେଇ ବିଦେଶ ଫେରାର ହେବାକୁ ଯୋଜନା କରୁଛନ୍ତି । ତେବେ ତୃଣମୂଳ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ୨୦୧୬ ଦୁର୍ଘଟଣା ପରଠାରୁ ତାଙ୍କ ଆଖିର ନିୟମିତ ଚିକିତ୍ସା ଚାଲିଥିବା କହିଛି ।

## ବିଦେଶୀ ସାମ୍ବାଦିକଙ୍କ ଉପରେ ପାକିସ୍ତାନର ନୂଆ କଟକଣା

ଇସଲାମାବାଦ, ୫ ।୮ (ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀରରେ ଚାଲିଥିବା ପ୍ରତିବାଦକୁ ନେଇ ଆନ୍ତର୍ଜାତିକ ସମାଲୋଚନା ମଧ୍ୟରେ ପାକିସ୍ତାନ ସରକାର ବିଦେଶୀ ସାମ୍ବାଦିକଙ୍କ ପାଇଁ ନୂଆ କଟକଣା ଲାଗୁ କରିଛନ୍ତି । ଏଣିକି ଖବର ସଂଗ୍ରହ ପୂର୍ବରୁ ସରକାରଙ୍କ ଅନାପତ୍ତି ପ୍ରମାଣପତ୍ର ନେବା ବାଧ୍ୟତାମୂଳକ କରାଯାଇଛି । ନୂତନ ନିର୍ଦ୍ଦେଶାବଳୀ ଅନୁସାରେ ବିଦେଶୀ ସମ୍ବାଦ ସଂସ୍ଥା ସହ ଜଡ଼ିତ ସମସ୍ତ ସାମ୍ବାଦିକ, ଚିତ୍ରଗ୍ରାହକ ଓ ଅନ୍ୟ କର୍ମୀମାନେ ରାଜଧାନୀ, ଲାହୋର ଓ କରାଚି ବ୍ୟତୀତ ଅନ୍ୟ କୌଣସି ସହରକୁ ଖବର ସଂଗ୍ରହ ପାଇଁ ଯିବା ପୂର୍ବରୁ ସୂଚନା ମନ୍ତ୍ରଣାଳୟର ଅନାପତ୍ତି ପ୍ରମାଣପତ୍ର ନେବାକୁ ପଡ଼ିବ । ସେହିପରି ସମସ୍ତ ବିଦେଶୀ ସାମ୍ବାଦିକ ଓ ସମ୍ବନ୍ଧିତ ସଂସ୍ଥାଙ୍କ ପଞ୍ଜୀକରଣ ମଧ୍ୟ ବାଧ୍ୟତାମୂଳକ କରାଯାଇଛି । ଏହି ପଦକ୍ଷେପ ପାକିସ୍ତାନ ଅଧିକୃତ କାଶ୍ମୀରରେ ପ୍ରତିବାଦ ଓ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ନେଇ ବଢୁଥିବା ଆନ୍ତର୍ଜାତିକ ଚିନ୍ତା ମଧ୍ୟରେ ନିଆଯାଇଛି । ମାନବାଧିକାର ଓ ସାମ୍ବାଦିକ ସ୍ୱାଧୀନତା ସଂଗଠନଗୁଡ଼ିକ ଏହି କଟକଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏପଟେ ଭାରତ ପାକିସ୍ତାନ ଅଧିକୃତ କାଶ୍ମୀରରେ ସାଧାରଣ ଲୋକଙ୍କ ଉପରେ ଦମନକୁ ନିନ୍ଦା କରିବା ସହ ପାକିସ୍ତାନକୁ ଜବାବଦେହ କରିବା ପାଇଁ ଆନ୍ତର୍ଜାତିକ ସମୁଦାୟକୁ ଆହ୍ୱାନ କରିଛି ।

## ସିଜେପି ନେତା ସୌରଭଙ୍କ ଘରେ ପଶିଲେ ୟୁଟ୍ୟୁବର

ନୂଆଦିଲ୍ଲୀ, ୫ ।୮ (ଏଜେନ୍ସି): କକ୍ରୋଚ ଜନତା ପାର୍ଟି (ସିଜେପି) ମୁଖପାତ୍ର ସୌରଭ ଦାସ ନିଜ ପରିବାର ପ୍ରତି ଗୁରୁତର ସୁରକ୍ଷା ବିପଦ ଥିବା ନେଇ ଅଭିଯୋଗ କରିଛନ୍ତି । କେତେକ ୟୁଟ୍ୟୁବର ଓ



ଅସାମାଜିକ ଯୁବକ ତାଙ୍କ ଘର ଭିତରକୁ ଜବରଦସ୍ତ ପଶିଆସିବା ସହ ବାହାରେ ଡେରା ପକାଇଥିବା ସେ ପ୍ରକାଶ କରିଛନ୍ତି । ସୌରଭ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ଗତକାଲି ରାତିରୁ ପ୍ରାୟ ୧୫ରୁ ୨୦ ଜଣ ବ୍ୟକ୍ତି ତାଙ୍କ ଘର ବାହାରେ ରହିଥିଲେ ଏବଂ ଆଜି ସକାଳେ ଘର ଭିତରକୁ ଅନୁପ୍ରବେଶ କରିଥିଲେ । ସେ ବର୍ତ୍ତମାନ ଏକ ଦଳୀୟ ବୈଠକ ପାଇଁ ମହାରାଷ୍ଟ୍ରରେ ଥିବାରୁ ଘରେ ଥିବା ପରିବାର ସଦସ୍ୟଙ୍କ ନିରାପତ୍ତାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି । ଏହିପରି ଅନୁପ୍ରବେଶ ଓ ଭିଡିଓ ପ୍ରସାରଣ ଯୋଗୁଁ ତାଙ୍କ ପରିବାର ସୁରକ୍ଷା ସଙ୍କଟରେ ପଡ଼ିଥିବାରୁ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି ।



## ଦୁବାଇର ଜେବେଲ ଅଲି ବନ୍ଦରରେ ୨୦ ମିନିଟରେ ୭ ବିସ୍ଫୋରଣ

ନୂଆଦିଲ୍ଲୀ, ୫ ।୮ (ଏଜେନ୍ସି): ଦୁବାଇର ପ୍ରସିଦ୍ଧ ଜେବେଲ ଅଲି ବନ୍ଦର ଏବଂ ଏହାର ନିକଟବର୍ତ୍ତୀ ଶିଳ୍ପାଞ୍ଚଳରେ ବୁଧବାର ଭୋର ସମୟରେ ଏକାଧିକ ବିସ୍ଫୋରଣ ଘଟି ବ୍ୟାପକ ଅଗ୍ନିକାଣ୍ଡ ସୃଷ୍ଟି ହୋଇଛି । କେବଳ ୨୦ ମିନିଟ ମଧ୍ୟରେ ଅନ୍ତତଃ ୭ଟି ବିସ୍ଫୋରଣ ହୋଇଥିବା ସଂଯୁକ୍ତ ଅରବ ଏମିରେଟ୍ସ (ୟୁଏଇ) ର ଅଧିକାରୀମାନେ ସ୍ୱୀକାର କରିଛନ୍ତି । ଆମେରିକା-ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଏହି ଘଟଣା ଘଟିଥିବାରୁ ପ୍ରଶାସନ ତୁରନ୍ତ ଏହାର ତଦନ୍ତ ଆରମ୍ଭ କରିଛି । ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ସମ୍ବାଦ ସଂସ୍ଥାରେ ପ୍ରକାଶିତ ଭିଡିଓ ଅନୁଯାୟୀ, ବନ୍ଦର ପରିସରରୁ କଳା ଧୂଆଁର ବିଶାଳ ଆଚ୍ଛାଦନ ଆକାଶକୁ ଉଠୁଥିବା ଦେଖାଯାଇଛି । ଘଟଣାର ଭିଡିଓ ରେକର୍ଡିଂ କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି । ନାସାର ତାପଜ ଚିତ୍ର ଅନୁଯାୟୀ, ବନ୍ଦର ନିକଟସ୍ଥ ଏକ ଇନ୍ଧନ ଗଚ୍ଛିତ ଓ ହସ୍ତାନ୍ତର ଗୋଦାମରେ ଏହି ଅଗ୍ନିକାଣ୍ଡ ଘଟିଛି । ଜେବେଲ ଅଲି ବନ୍ଦର ମଧ୍ୟପ୍ରାଚ୍ୟର ଅନ୍ୟତମ ବୃହତ୍ତମ ବ୍ୟାପାରିକ ଓ ପରିବହନ କେନ୍ଦ୍ର । ଏହାର ମୁକ୍ତ ବାଣିଜ୍ୟ ଅଞ୍ଚଳରେ ୧୫୦ରୁ ଅଧିକ ଦେଶର ୧୧, ୦୦୦ରୁ ଅଧିକ କମ୍ପାନୀ କାର୍ଯ୍ୟରତ । ତେବେ ବିସ୍ଫୋରଣର ମୂଳ କାରଣ ସମ୍ପର୍କରେ ସରକାରୀ ସୂଚନା ସ୍ପଷ୍ଟ ହୋଇନଥିବା ବେଳେ ଏହା କ୍ଷେପଣାସ୍ତ୍ର ଆକ୍ରମଣ ହେତୁ ଘଟିଥାଇପାରେ ବୋଲି କେତେକ ଅଣସରକାରୀ ସୂତ୍ରରୁ ଦାବି କରାଯାଉଛି । ସାମ୍ପ୍ରତିକ ସମୟରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ସାମରିକ ତିକ୍ତତା ଯୋଗୁଁ ଉପସାଗରୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଠୋର କରାଯାଇଛି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ସରକାରୀ ସଂସ୍ଥାଗୁଡ଼ିକୁ ହାଇଆଲର୍ଟରେ ରଖାଯାଇଛି ।

## ଲୋକସଭା ସଚିବାଳୟ ନିର୍ଦ୍ଦେଶକଙ୍କ ଆତ୍ମହତ୍ୟା

■ ରଣ କାରଣରୁ ଆତ୍ମହତ୍ୟା ସନ୍ଦେହ
■ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର



ନୋଏଡା, ୫ ।୮ (ଏଜେନ୍ସି): ଲୋକସଭା ସଚିବାଳୟର ଜଣେ ୪୦ ବର୍ଷୀୟ ନିର୍ଦ୍ଦେଶକ ଗୌରବ ଗୌତମଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ନୋଏଡାସ୍ଥିତ ନିଜ ଆପାର୍ଟମେଣ୍ଟରୁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରୁ ପୁଲିସ ଏକ ଚିଠି (ସୁସାଇଡ ନୋଟ) ଉଦ୍ଧାର କରିଛି, ଯେଉଁଥିରେ ରଣ ସମ୍ପର୍କିତ ବିଷୟ ଉଲ୍ଲେଖ ଥିବା ଜଣାପଡ଼ିଛି । ପୁଲିସର ସୂଚନା ଅନୁଯାୟୀ, ସେକ୍ଟର ୮୨ସ୍ଥିତ କେନ୍ଦ୍ରୀୟ ବିହାର-୨ ସୋସାଇଟିର ନିଜ ଫ୍ଲାଟରେ ଗୌରବ ସିଲିଂ ଫ୍ୟାନରେ ଝୁଲି ରହିଥିଲେ । ତାଙ୍କ ସ୍ତ୍ରୀ ବାପଘରୁ ଫେରିବା ପରେ ଘର ଭିତରୁ ବନ୍ଦ ଥିବା ଦେଖି ସୁରକ୍ଷା କର୍ମୀଙ୍କ ସହାୟତାରେ ଭିତରକୁ ଯାଇଥିଲେ । ସେଠାରେ ଗୌରବଙ୍କୁ ଅଚେତ ଅବସ୍ଥାରେ ଦେଖି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ଫୋରେନ୍ସିକ ଟିମ୍ ଏବଂ ପୁଲିସ ପହଞ୍ଚି ପ୍ରମାଣ ସଂଗ୍ରହ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଉଦ୍ଧାର ହୋଇଥିବା ଚିଠିରେ ରଣ ଭାର ବିଷୟରେ ଉଲ୍ଲେଖ ରହିଛି, ଯାହାକୁ ଆଧାର କରି ପୁଲିସ ବିଭିନ୍ନ ଦିଗରୁ ଅଧିକ ତଦନ୍ତ ଚଳାଇଛି ।

## ଧର୍ଷଣ ଅଭିଯୋଗରେ ସଂଘବଦ୍ଧ ଆକ୍ରମଣ
## ଝାଡ଼ଖଣ୍ଡରେ ଯୁବକଙ୍କୁ ପିଟି ପିଟି ହତ୍ୟା

ରାଞ୍ଚି, ୫ ।୮ (ଏଜେନ୍ସି): ଝାଡ଼ଖଣ୍ଡର ଚାତ୍ରା ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଅଟକ ରଖି ଧର୍ଷଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ହତ୍ୟା କରିଛନ୍ତି । ମୃତ ଯୁବକଙ୍କ ନାମ ମହମ୍ମଦ ଇମ୍‌ରୋଜ ବୋଲି ଜଣାପଡ଼ିଛି । ଏହି ସଂଘବଦ୍ଧ ଆକ୍ରମଣ ଘଟଣାରେ ମୃତକଙ୍କ ବାପା ମହମ୍ମଦ ସୁଲତାନ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଏକ ଆଇନଗତ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, ଗତ ସୋମବାର ରାତିରୁ ଗାଁର ଜଣେ ନାବାଳିକା ନିଖୋଜ ଥିଲେ । ମଙ୍ଗଳବାର ସେ ଫେରିବା ପରେ ଯୁବକଙ୍କ ଘରେ ତାଙ୍କୁ ଅଟକ ରଖି ଅତ୍ୟାଚାର କରାଯାଇଥିବା ଅଭିଯୋଗ କରିଥିଲେ ।



ଏହାପରେ ପ୍ରାୟ ୧୦୦ରୁ ୧୫୦ ଜଣ ଲୋକଙ୍କ ଏକ ଉତ୍ତ୍ୟକ୍ତ ଗୋଷ୍ଠୀ ଯୁବକଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ବାନ୍ଧି ମାଡ଼ ମାରିଥିଲେ । ବାପାମାଆଙ୍କୁ ବଞ୍ଚାଇବାକୁ ଯାଇଥିବା ଯୁବକଙ୍କୁ ସଂଘବଦ୍ଧ ଭାବେ ଲାଠି ଓ ପଥରରେ ପ୍ରହାର କରାଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ବି ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ମୃତକଙ୍କ ବାପା ୫୬ ଜଣଙ୍କ ନାମରେ ଅଭିଯୋଗ ଆଣିଛନ୍ତି । ପ୍ରଶାସନ ୧୦ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳେ ନାବାଳିକାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି । ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ବ୍ୟାପକ ସୁରକ୍ଷା ବାହିନୀ ମୁତୟନ କରାଯାଇଛି ।

## ସେମାନେ ମୋତେ ମାରିପାରନ୍ତି; ତଥାପି ମୁଁ ବାଂଲାଦେଶ ଫେରିବି



**ନୂଆଦିଲ୍ଲୀରୁ ଶେଖ୍ ହସିନାଙ୍କ ଘୋଷଣା**

ନୂଆଦିଲ୍ଲୀ, ୫ ।୮ (ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡ଼ିବାର ୨ ବର୍ଷ ପରେ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ନିଜର ପକ୍ଷ ରଖିଛନ୍ତି । ବୁଧବାର ନୂଆଦିଲ୍ଲୀର 'ଫରେନ୍ କରେସପଣ୍ଡେଣ୍ଟସ୍ କ୍ଲବ୍ ଅଫ୍ ସାଉଥ୍ ଏସିଆ' (ଏଫ୍ସିସିଏସ୍ଏ) ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ସେ ଆସନ୍ତା ଡିସେମ୍ବର ମାସରେ ବାଂଲାଦେଶ ଫେରିବା ନେଇ ଘୋଷଣା କରିଛନ୍ତି । ହସିନା ନିଜ ସମ୍ବୋଧନରେ କହିଛନ୍ତି ଯେ, ତାଙ୍କ ବିରୋଧରେ ଚାଲିଥିବା ଆଇନଗତ ପ୍ରକ୍ରିୟା ଅସାମ୍ବିଧାନିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ସେ କହିଛନ୍ତି, 'ମୁଁ ଜାଣେ ସେମାନେ ମୋତେ ଜେଲରେ ପକାଇ ପାରନ୍ତି କିମ୍ବା ମାରିଦେଇ ପାରନ୍ତି, କିନ୍ତୁ ମୁଁ ମୋ ଲୋକଙ୍କ ପାଖକୁ ଫେରିବି । ମୃତ୍ୟୁଦଣ୍ଡ କିମ୍ବା ମିଥ୍ୟା ମାମଲା ମୋତେ ଅଟକାଇ ପାରିବ ନାହିଁ । ୨୦୨୪ର ସରକାର ବିରୋଧୀ ଛାତ୍ର ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତ ନଥିଲା । କ୍ଷମତା ଦଖଲ କରିବା ପାଇଁ ଏକ ପରିକଳ୍ପିତ ଯୋଜନା ଥିଲା ବୋଲି ସେ ଦାବି କରିଛନ୍ତି । ଭାରତକୁ ବାଂଲାଦେଶର ପ୍ରକୃତ ବନ୍ଧୁ ଭାବେ ବର୍ଣ୍ଣନା କରିଛନ୍ତି ହସିନା କହିଛନ୍ତି ଯେ, ୧୯୭୧ ମସିହା ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ପ୍ରତିଟି ସଙ୍କଟ ସମୟରେ ନୂଆଦିଲ୍ଲୀ ଢାକା ସହିତ ଛିଡ଼ା ହୋଇଛି । ତେବେ ଭାରତ ସରକାର ଏହି କାର୍ଯ୍ୟକ୍ରମରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିଛନ୍ତି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଏକ ବେସରକାରୀ କାର୍ଯ୍ୟକ୍ରମ ବୋଲି କହିବା ସହ ଏଥିରେ ସରକାରଙ୍କର କୌଣସି ସମ୍ପୃକ୍ତି ନଥିବା ସ୍ପଷ୍ଟ କରିଛି ।

୨୦୨୪ ଅଗଷ୍ଟ ୫ରେ ବାଂଲାଦେଶ ଛାଡ଼ିବା ପରେ ଶେଖ୍ ହସିନା ଭାରତରେ ଗୁପ୍ତ ସ୍ଥାନରେ ରାଜନୈତିକ ଆଶ୍ରୟ ନେଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ସମ୍ବୋଧନ ବେଳେ ସେ କ୍ୟାମେରା ସାମ୍ନାକୁ ନଆସି କେବଳ ଅଡିଓ ମାଧ୍ୟମରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ହସିନାଙ୍କ ପୁଅ ସଜୀବ ୱାଜେଦ୍ ଜୟ ମଧ୍ୟ ସାମିଲ ହୋଇଥିଲେ । ସେ ବର୍ତ୍ତମାନର ବାଂଲାଦେଶ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ରାଜନୈତିକ ହତ୍ୟାକୁ ବୈଧ କରାଯାଉଛି । ଜାତିସଂଘ ପକ୍ଷରୁ ପ୍ରକାଶିତ ମୃତ୍ୟୁ ସଂଖ୍ୟାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ଏବଂ ବାଂଲାଦେଶ ଏକ 'ବିଫଳ ରାଷ୍ଟ୍ର'ରେ ପରିଣତ ହୋଇଛି ବୋଲି କହିଛନ୍ତି । ସୂଚନାଯୋଗ୍ୟ, ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ସେପ୍ଟେମ୍ବରରେ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏପରି ସମୟରେ ହସିନାଙ୍କୁ ଭାରତୀୟ ମାଟିରୁ ରାଜନୈତିକ ବାର୍ତ୍ତା ଦେବାରୁ ରୋକିବାକୁ ଢାକା ଭାରତକୁ ଅନୁରୋଧ କରିଥିଲା ।

## ପଶ୍ଚିମବଙ୍ଗରେ ବଟି ଆଦାୟ କରୁଛନ୍ତି ବିଜେପି ନେତା

**୨୨ ନିଲମ୍ବିତ, ୨୫୦ ଜଣଙ୍କୁ ନୋଟିସ**

କୋଲକାତା, ୫ ।୮ (ଏଜେନ୍ସି): ପଶ୍ଚିମବଙ୍ଗ ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ଆଭ୍ୟନ୍ତରୀଣ ଶୃଙ୍ଖଳା କଡ଼ାକଡ଼ି କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି । ଦଳ ବିରୋଧୀ କାର୍ଯ୍ୟକଳାପ ଏବଂ ଚାନ୍ଦା ଆଦାୟ ଭଳି ଗମ୍ଭୀର ଅଭିଯୋଗରେ ୨୨ ଜଣ ନେତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବେଳେ ୨୫୦ରୁ ଅଧିକ ନେତା ଓ କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେମାନଙ୍କ ବିରୋଧରେ ବେଆଇନ୍ ଅର୍ଥ ଆଦାୟ, ଟିଏମ୍ସି କାର୍ଯ୍ୟାଳୟକୁ ଜୋରଜବରଦସ୍ତ ଦଖଲ କରିବା ଏବଂ ବିରୋଧୀ ଦଳର ନେତାଙ୍କ ସହ ଅସାଧୁ ସମ୍ପର୍କ ରଖିବା ଭଳି ଅଭିଯୋଗ ରହିଛି । ଗତ ତିନି ମାସ ମଧ୍ୟରେ ଶୃଙ୍ଖଳାଗତ ନିୟମ ଭଙ୍ଗ କରିଥିବା ଅଭିଯୋଗରେ ଦଳ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସଂଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଦଳୀୟ ଅନୁଶାସନ ବଜାୟ ରଖିବା ପାଇଁ ବିଜେପି ଏହି କଠୋର ପଦକ୍ଷେପ ନେଇଛି । ଅସଦାଚରଣ କିମ୍ବା ଶୃଙ୍ଖଳାହୀନତାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳୀୟ ନେତୃତ୍ୱ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।

## ଗୁଜରାଟ, ରାଜସ୍ଥାନରେ ଚାନ୍ଦିପୁରା ଭାଇରସ୍

■ ୨୨ ଶିଶୁଙ୍କ ଜୀବନ ନେଲାଣି
■ ଶତାଧିକ ସଂକ୍ରମିତ

ନୂଆଦିଲ୍ଲୀ, ୫ ।୮ (ଏଜେନ୍ସି): ଗୁଜରାଟ ଏବଂ ରାଜସ୍ଥାନରେ ଚାନ୍ଦିପୁରା ଭାଇରସ (ସିଏଚ୍‌ପିଭି) ବ୍ୟାପିବାରେ ଲାଗିଛି । ଏହାର ବ୍ୟାପକ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ ନିଯୁକ୍ତ କରିଛନ୍ତି । ଚଳିତ ମୌସୁମୀ ଋତୁରେ କେବଳ ଗୁଜରାଟରେ ଏହି ଭାଇରସ ଯୋଗୁଁ ୨୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି । ଏହାସହ ୩୫ଟି ସଂକ୍ରମଣ ମାମଲା ଚିହ୍ନଟ ହୋଇଛି । ସ୍ଥିତି ଗୁରୁତର ହେବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ଜଏଣ୍ଟ ଆଉଟବ୍ରେକ୍ ରେସପନ୍ସ ଟିମ୍ (ଏନ୍‌ଜେଓଆର୍‌ଟି)କୁ ପ୍ରଭାବିତ ରାଜ୍ୟଗୁଡ଼ିକୁ ପଠାଯାଇଛି । ଏହି ଦଳରେ ନ୍ୟାସନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଡିସି), ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍) ଏବଂ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ବିଭାଗର (ଡିଏଏଚ୍‌ଡି) ବିଶେଷଜ୍ଞମାନେ ସାମିଲ ଅଛନ୍ତି । ଏହି ବିଶେଷଜ୍ଞ ଦଳ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି କ୍ଷେତ୍ରସ୍ତରରେ ଏହାର ପ୍ରତିକାର, ରୋଗ ପରିଚାଳନା ଏବଂ ମହାମାରୀର ଆକଳନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ଏହା ସହିତ ଏନ୍‌ସିଡିସିର ପବ୍ଲିକ ହେଲ୍ଥ ଇମର୍ଜେନ୍ସି ଅପରେସନ୍ ସେଣ୍ଟର (ପିଏଚ୍‌ଇଓସି) ମଧ୍ୟ ସକ୍ରିୟ ହୋଇଛି ।

ଚାନ୍ଦିପୁରା ଭାଇରସ ମୁଖ୍ୟତଃ ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଆକ୍ରାନ୍ତ କରିଥାଏ । ଏହାଦ୍ୱାରା ପ୍ରଥମେ ପ୍ରବଳ ଜ୍ୱର ହେବା ସହ ପରେ କୋମା ଏବଂ କେତେକ କ୍ଷେତ୍ରରେ ମୃତ୍ୟୁର କାରଣ ସାଜିଥାଏ । ବର୍ତ୍ତମାନ ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା ବା ଚିକିତ୍ସା ଉପଲବ୍ଧ ନାହିଁ । ତେଣୁ ସ୍ୱଚ୍ଛତା, ମଶା ଓ ମାଛି ନିୟନ୍ତ୍ରଣ ହିଁ ଏହାର ଏକମାତ୍ର ସୁରକ୍ଷା ବୋଲି କୁହାଯାଇଛି । ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଫୁଲ ପାନସେରିଆଙ୍କ ଅନୁଯାୟୀ, ବର୍ତ୍ତମାନ ୭ ଜଣ ଶିଶୁ ଚିକିତ୍ସିତ ହେଉଛନ୍ତି । ସାଧାରଣତଃ ସାଣ୍ଡଫ୍ଲାଇ ବା ବାଲିମାଛି ଏହାର ବାହକ ବୋଲି ଜଣାପଡ଼ିଛି । ହେଲେ ମଶା, ଟିକ୍ ଜାତୀୟ କୀଟ ଏବଂ ମାଇଟ୍ସର ଭୂମିକା ଉପରେ ମଧ୍ୟ ପରୀକ୍ଷା କରାଯାଉଛି । କେନ୍ଦ୍ର ସରକାର ଏହି ଘଟଣାରେ ୱାନ ହେଲ୍ଥ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏଥିରେ ମଣିଷଙ୍କ ସହ ପଶୁମାନଙ୍କର ମଧ୍ୟ ପରୀକ୍ଷା କରାଯାଉଛି । ଏପର୍ଯ୍ୟନ୍ତ ଗାଈ, ମଇଁଷି ଏବଂ ଛେଳିଙ୍କଠାରୁ ପ୍ରାୟ ୭୦ଟି ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଏହା ବ୍ୟତୀତ ଗୁଜରାଟ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟରରେ ଭାଇରସର ଜେନେଟିକ୍ ପରିବର୍ତ୍ତନକୁ ବୁଝିବା ପାଇଁ ହୋଲ-ଜେନୋମ ସିକ୍ୱେନ୍ସିଂ ମଧ୍ୟ କରାଯାଉଛି । ମୌସୁମୀ ସମୟରେ ଏହିପରି କୀଟବାହିତ ରୋଗ ବୃଦ୍ଧି ପାଉଥିବାରୁ ଶୀଘ୍ର ଚିହ୍ନଟ ଏବଂ ସଚେତନତା ଜରିଆରେ ଏହି ପ୍ରାଣଘାତୀ ରୋଗ ସଂକ୍ରମଣକୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

## ରୁଷରେ 'ବ୍ଲାକ୍ ୱିଡୋ ସ୍କାମ୍'

ମସ୍କୋ, ୫ ।୮ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧରେ ପ୍ରାଣ ହରାଉଥିବା ରୁଷୀୟ ସୈନିକଙ୍କ ପରିବାରକୁ ମିଳୁଥିବା ସରକାରୀ ଆର୍ଥିକ ସହାୟତାକୁ ହଡ଼ପ କରିବା ପାଇଁ ଏବଂ ଦେଶରେ କିମ୍ବା ଗୁରୁତର ଆହତ ହୋଇଥିବା ସୈନିକଙ୍କୁ ପ୍ରଲୋଭିତ କରି କ୍ରୁର ଭାବେ ଶୀଘ୍ର ବିବାହ କରିନେଉଛନ୍ତି । ସୈନିକଙ୍କ ମୃତ୍ୟୁ ପରେ ଏହି ମହିଳାମାନେ ଆଇନଗତ ସ୍ତ୍ରୀ ଭାବେ ସମସ୍ତ

### ମୃତ ସୈନିକଙ୍କ କ୍ଷତିପୂରଣ ଟଙ୍କା ହଡ଼ପ ପାଇଁ ବାହା ହେଉଛନ୍ତି ମହିଳା



'ବ୍ଲାକ୍ ୱିଡୋ ସ୍କାମ୍' ନାମକ ଏକ ଦୁର୍ନୀତି ସାମ୍ନାକୁ ଆସିଛି । ରୁଷ ନିୟମ ଅନୁଯାୟୀ, ଯୁଦ୍ଧକ୍ଷେତ୍ରରେ ସୈନିକ ମୃତ୍ୟୁବରଣ କଲେ ତାଙ୍କର ନିକଟତମ ଆଇନଗତ ଉତ୍ତରାଧିକାରୀଙ୍କୁ ୫୦ ଲକ୍ଷ ରୁବଲ୍ (ପ୍ରାୟ ୫୯.୫ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ କ୍ଷତିପୂରଣ ମିଳିଥାଏ । ଏହାର ଫାଇଦା ନେବା ପାଇଁ କିଛି ଅସାଧୁ ମହିଳା ଯୁଦ୍ଧକୁ ଯାଉଥିବା ସରକାରୀ କ୍ଷତିପୂରଣ ଏବଂ ସମ୍ପତ୍ତି ହାତେଇ ନେଉଛନ୍ତି, ଯାହାଫଳରେ ପ୍ରକୃତ ପରିବାର ଓ ସନ୍ତାନମାନେ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି । ଏହି ନୂଆ ଠକେଇ ପ୍ରକ୍ରିୟା ସାମ୍ନାକୁ ଆସିବା ପରେ ରୁଷରେ ଚିନ୍ତା ବୃଦ୍ଧି ପାଇଛି ଏବଂ ସାଂସଦମାନେ ଏହା ବିରୋଧରେ କଠୋର ଆଇନଗତ ବ୍ୟବସ୍ଥା ଦାବି କରିଛନ୍ତି ।

## ଫରିଦାବାଦରେ ଶିକ୍ଷୟିତ୍ରୀଙ୍କୁ ନୃଶଂସ ହତ୍ୟା

### ୨ ବର୍ଷର ନିର୍ଯାତନା, ଅପହରଣ ପରେ ରକ୍ତାକ୍ତ ପରିଣତି



ଗୁରୁଗ୍ରାମ, ୫ ।୮ (ଏଜେନ୍ସି): ଫରିଦାବାଦର ଏକ ବେସରକାରୀ ବିଦ୍ୟାଳୟରେ ସୋମବାର ଦିନ ଜଣେ ୨୬ ବର୍ଷୀୟା ଶିକ୍ଷୟିତ୍ରୀଙ୍କୁ ଛୁରୀଘାତ କରି ହତ୍ୟା କରାଯିବା ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ମୃତ ଶିକ୍ଷୟିତ୍ରୀ ସନ୍ଧ୍ୟାଙ୍କୁ ଅଭିଯୁକ୍ତ ଅମିତ (୨୧) ବିଗତ ଦୁଇ ବର୍ଷ ଧରି ଲଗାତାର ପିଛା କରି ନିର୍ଯାତନା ଦେଉଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତକଙ୍କ ପରିବାର ଅନୁଯାୟୀ, ୨୦୨୪ ମସିହାରେ ଅମିତଙ୍କ ଗ୍ରାମରେ ଥିବା ଏକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସମୟରେ ସନ୍ଧ୍ୟାଙ୍କ ସହ ଅମିତର ଚିହ୍ନା ହୋଇଥିଲା । ବିବାହିତା ଏବଂ ଦୁଇଟି ସନ୍ତାନର ମା' ସନ୍ଧ୍ୟାଙ୍କୁ ବିବାହ କରିବା ପାଇଁ ଅମିତ ଜୋରଜବରଦସ୍ତ କରୁଥିଲା । ଚଳିତ ବର୍ଷ ଜାନୁଆରୀ ମାସରେ ଅମିତ ସନ୍ଧ୍ୟାଙ୍କୁ ଘରୁ ଅପହରଣ କରି ନେଇଥିଲା, ମାତ୍ର ଦୁଇ ଗ୍ରାମର ଭଦ୍ରଲୋକଙ୍କ ମଧ୍ୟସ୍ଥତା ଓ ଅମିତଙ୍କ ପରିବାରର ପ୍ରତିଶ୍ରୁତି ପରେ କୌଣସି ପୋଲିସ ଅଭିଯୋଗ ନକରି ମାମଲା ସମାଧାନ କରାଯାଇଥିଲା । ତଥାପି ଅମିତ ନିଜ ହରକତରୁ ଓହରି ନଥିଲା ଏବଂ ତିନି ମାସ ପୂର୍ବେ ସନ୍ଧ୍ୟାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲା । ସୋମବାର ସକାଳ ପ୍ରାୟ ୯.୩୦ ସମୟରେ ଅମିତ ମୁଖା ପିନ୍ଧି ସିକରୋନାସ୍ଥିତ ସରସ୍ୱତୀ ସିନିୟର ସେକେଣ୍ଡାରୀ ସ୍କୁଲରେ ପହଞ୍ଚିଥିଲା । ସନ୍ଧ୍ୟାଙ୍କ ସ୍ୱାମୀଙ୍କ ନାମ ନେଇ ସେ ସନ୍ଧ୍ୟାଙ୍କୁ ସ୍କୁଲ ଗେଟ୍ ନିକଟକୁ ଡକାଇଥିଲା । ସନ୍ଧ୍ୟା ବାହାରକୁ ଆସିବା ମାତ୍ରେ ଅମିତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସାମ୍ନାରେ ତାଙ୍କ ବେକ, ଛାତି ଓ ପିଠିକୁ ନିର୍ମମ ଭାବେ ଛୁରୀରେ ଆକ୍ରମଣ କରିଥିଲା । ୨୭ ଥରରୁ ଅଧିକ ଛୁରାଘାତ, ଛୁରୀ ବାଙ୍କିଯିବା ଯାଏଁ ଚାଲିଥିଲା ଆକ୍ରମଣ । ଫଳରେ ଘଟଣାସ୍ଥଳରେ ହିଁ ସନ୍ଧ୍ୟାଙ୍କର ମୃତ୍ୟୁ ଘଟିଥିଲା । ଏହି ନିର୍ମମ ହତ୍ୟାକାଣ୍ଡ ଘଟଣା ସ୍କୁଲର ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଗ୍ରାମବାସୀମାନେ ସ୍କୁଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି, କାରଣ ସେହି ସମୟରେ ସ୍କୁଲ ଗେଟରେ କୌଣସି ସୁରକ୍ଷାକର୍ମୀ ନ ଥିଲେ । ଘଟଣାର ଦୁଇ ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତ ଅମିତକୁ ଗିରଫ କରିଛି । ପରିବାର ଲୋକେ ଅଭିଯୁକ୍ତ ଏବଂ ତାଙ୍କୁ ପ୍ରଶ୍ରୟ ଦେଇଥିବା ପରିବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମୃତକଙ୍କ ସ୍ୱାମୀ ଭିକି ଗୁର୍ଜର କହିଛନ୍ତି ଯେ ପୂର୍ବରୁ ଅମିତଙ୍କ ବିରୋଧରେ ପିଛା କରିବା, ନିର୍ଯାତନା ଅଭିଯୋଗରେ ପୋଲିସ ନିକଟରେ ଏଫଆଇଆର ଦିଆଯାଇଥିଲା । ମାତ୍ର ସେତେବେଳେ କେବଳ କ୍ଷମାପ୍ରାର୍ଥନା ଆଧାରରେ ତାକୁ ଛାଡ଼ିଦିଆଯାଇଥିଲା । 'ଯଦି ପୋଲିସ ସେତେବେଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା, ତେବେ ଆଜି ସନ୍ଧ୍ୟା ଜୀବିତ ଥାଆନ୍ତେ,' ବୋଲି ସେ କ୍ଷୋଭର ସହ କହିଛନ୍ତି । ସନ୍ଧ୍ୟାଙ୍କର ଏକ ୭ ବର୍ଷର ପୁଅ ଏବଂ ୫ ବର୍ଷର ଝିଅ ଅଛନ୍ତି । ଏବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳ ସମେତ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଛଇ । ଅପରାଧୀ ନିର୍ଭୟରେ କାଣ୍ଡ ଘଟାଇବାକୁ ପଛାଉ ନାହାନ୍ତି ।

## ଧୀରେ ଧୀରେ ବଢ଼ିବ ବର୍ଷା

ଭୁବନେଶ୍ୱର,୫।୮ (ସମିସ): ଆଗକୁ ଧୀରେ ଧୀରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ିର ପ୍ରଭାବ ସହ ଏହା ପରେ ଅର୍ଥାତ ୯ ତାରିଖଠାରୁ ବିସ୍ତୃତ ବର୍ଷା ହେବ। ଏବେ ବିଶେଷ କରି ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷା ସମ୍ଭାବନା ଥିବା ବେଳେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବର୍ତ୍ତମାନ ବିହାର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଓଡ଼ିଶା ଉପରେ ଏହାର କାଁ ଭାଁ ପ୍ରଭାବ ରହୁଛି। ଏହି କ୍ରମରେ ବୁଧବାର ରାଜ୍ୟର କେତେକ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ସମ୍ବଲପୁରରେ ସର୍ବାଧିକ ୨୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗୁରୁବାର ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୨ ଜିଲ୍ଲା କେନ୍ଦୁଝର ଓ ମୟୂରଭଞ୍ଜକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ୭ ତାରିଖ ଅର୍ଥାତ ଶୁକ୍ରବାର ଦିନ ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ବେଳେ କେତେକ ପ୍ରବଳ ବର୍ଷା ପାଇଁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କତା ସୂଚନା ଜାରି ହୋଇଛି। ଅନ୍ୟ ସବୁ ଜିଲ୍ଲାରେ ହାଲୁକା ବର୍ଷା ସହ ବଜ୍ରପାତ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୧୦ ସୁଦ୍ଧା ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଏହାଦ୍ୱାରା ରାଜ୍ୟରେ ୯ରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି।

## ବନ୍ୟା ପରିଚାଳନା ବିଭ୍ରାଟ

# ପାଣି କମିଲା; ରୋଷ ବଢ଼ିଲା

ଭୁବନେଶ୍ୱର,୫।୮ (ସମିସ): ଓଡ଼ିଶାରେ ବନ୍ୟା ପରିଚାଳନାକୁ ନେଇ କାଠଗଡ଼ାରେ ଠିଆ ହୋଇଛନ୍ତି ରାଜ୍ୟ ସରକାର। ଠିକ୍ ବନ୍ୟାରେ ରାଜ୍ୟବାସୀ ଉବୁଟୁବୁ ହେଉଥିବା ବେଳେ ରାଜ୍ୟର ପ୍ରମୁଖ ନେତୃମଣ୍ଡଳୀ ଓ ସାଂସଦମାନେ ଦିଲ୍ଲୀରେ ଭୋଜିଭାତ କରୁଥିବା ବେଳେ ଏଠାରେ ରିଲିଫ ମୁଠାଏ ଲୋକଙ୍କୁ ମିଳିପାରି ନ ଥିଲା। ଏବେ ବନ୍ୟା ପାଣି ଗାଁ ଦାଣ୍ଡରୁ ଛାଡ଼ିଛି; ହେଲେ ଲୋକଙ୍କର ଦୁର୍ଦ୍ଦଶା ଆହୁରି ବଢ଼ିବାରେ ଲାଗିଛି। ବନ୍ୟା ପରିଚାଳନାରେ ବିଭ୍ରାଟ ଯୋଗୁଁ ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉ ଥିବା ବେଳେ ଶାସକ ଦଳର ନେତା ଓ ମନ୍ତ୍ରୀ ଏହି ରୋଷର ଶିକାର ହେଉଛନ୍ତି।

ଚଳିତ ବର୍ଷର ଲଗାଣ ବର୍ଷା ଓ ଉପରମୁଣ୍ଡରୁ ଆସୁଥିବା ବିପୁଳ ଜଳପ୍ରବାହ ଯୋଗୁଁ ଓଡ଼ିଶାର ଏକାଧିକ ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଛି। ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ରାସ୍ତା, ସେତୁ, ଚାଷଜମି ଓ ଘରବାଡ଼ିର ବ୍ୟାପକ କ୍ଷତି ହୋଇଛି। ସରକାରୀ ଭାବେ ବନ୍ୟା ଯୋଗୁଁ ପ୍ରାୟ ୭ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା କୁହାଯାଉଛି। ବିଶେଷ କରି ଭଦ୍ରକ ଓ ଯାଜପୁରରେ ଲୋକେ ନାହିଁ ନ ଥିବା ସ୍ଥିତି ଭୋଗୁ ଥିବା ବେଳେ ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଲୋକେ ବ୍ୟାପକ ଭାବେ କ୍ଷତିସହିଛନ୍ତି। ବନ୍ୟା

**■ ପାଲ ମିଳିଲାନି, ଚୁଡ଼ା ମୁଠେ ପହଞ୍ଚିଲାନି**
**■ ଗାଁରେ ନେତା-ମନ୍ତ୍ରୀଙ୍କୁ ଘେରୁଛନ୍ତି ବିପନ୍ନ**

ପରିଚାଳନାକୁ ନେଇ ସରକାରଙ୍କ ପ୍ରସ୍ତୁତି ଓ ପ୍ରଶାସନିକ ତତ୍ପରତା ଉପରେ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ପ୍ରଭାବିତ ଅଞ୍ଚଳର ଲୋକମାନେ ଅଭିଯୋଗ କରୁଛନ୍ତି ଯେ କେତେକ ସ୍ଥାନରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପହଞ୍ଚିବାରେ ମାତ୍ରାଧିକ ବିଳମ୍ବ ହୋଇଛି, ଯାହାଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏମିତି କି ପଲିଥିନ୍ ଦୂରର କଥା; ଚୂଡ଼ା ମୁଠେ ପାଇବା ପାଇଁ ମଧ୍ୟ ଲୋକଙ୍କୁ ଡହଳବିକଳ ହେବାକୁ ପଡ଼ିଛି। ଶାସକ ଦଳର ଯେଉଁଠାରେ ବିଧାୟକ ଅଛନ୍ତି, ସେଠାରେ ନିଜେ ସେମାନେ ମୁଣ୍ଡ ନ ପୂରାଇଲେ ଚୂଡ଼ା ମୁଠେ ଲୋକଙ୍କ ପାଖରେ ପହଞ୍ଚିବା ମୁସ୍କିଲ୍ ହୋଇପଡ଼ିଛି।

ଅନ୍ୟପଟେ, ରାଜ୍ୟ ସରକାର କହିଛନ୍ତି ଯେ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ଓଡ୍ରାଫ, ଅଗ୍ନିଶମ ବାହିନୀ, ଏନ୍‌ଡିଆରଏଫ ଏବଂ ଜିଲ୍ଲା ପ୍ରଶାସନ କାର୍ଯ୍ୟ ଜାରି ରଖିଛି। ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତିର ଶୀଘ୍ର ଆକଳନ ଏବଂ ପୁନର୍ବାସ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାସ୍ତବରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଗତକାଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବନ୍ୟା ସମୀକ୍ଷା ପାଇଁ ଯାଜପୁର ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଶତାଧିକ ଲୋକେ ତାଙ୍କ ଗାଡ଼ି ଅଟକାଇ ନାନା ଅଭିଯୋଗ ବାଢ଼ିଥିଲେ। ଲୋକମାନେ ପାଲ ପାଇଁ ନେହୁରା ହେବା ସହ ପ୍ରଶାସନ କିପରି ବନ୍ୟା ସମୟରେ ସେମାନଙ୍କ ହାତ ଛାଡ଼ି ଦେଇଛି ତାହା ବଖାଣିଥିଲେ। ଏହି ସମୟରେ କିଛି ଅପ୍ରୀତିକର ପରିସ୍ଥିତି ଘଟିବା ପୂର୍ବରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷିତ ଭାବେ ନିଆଯାଇଥିଲା। ଏହାପୂର୍ବରୁ ଯାଜପୁର ଜିଲ୍ଲାର ସାଂସଦ ମଧ୍ୟ ସମାନ ସ୍ଥିତିର ସମ୍ମୁଖୀନ ହୋଇଥିଲେ। କିପରି ବିନା ପ୍ରସ୍ତୁତି ଓ ଆବଶ୍ୟକ ସାମଗ୍ରୀର ଅଭାବ ରହିଥିଲା, ସେନେଇ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ସାଂସଦଙ୍କୁ ସର୍ବସମ୍ମୁଖରେ ପ୍ରଶ୍ନ କରିଥିଲେ। ଏହା ପୂର୍ବରୁ ରେମୁଣା ବିଧାୟକ ଗୋବିନ୍ଦ ଦାସ ମଧ୍ୟ ରିଲିଫ ରୋଷର ଶିକାର ହୋଇଥିଲେ। ତାଙ୍କ ନିର୍ବାଚନମଣ୍ଡଳୀର ଶତାଧିକ ମହିଳା ତାଙ୍କ ଗାଡ଼ି ଅଟକାଇ ନାନା ପ୍ରଶ୍ନ କରିବା ପରେ ସେ ହଟହଟା ହୋଇଥିଲେ। ବର୍ତ୍ତମାନ ସ୍ଥିତିରେ ବନ୍ୟା ଜଳ କିଛି ଅଞ୍ଚଳରେ କମିଥିଲେ ମଧ୍ୟ କ୍ଷୟକ୍ଷତିର ଆକଳନ, ରିଲିଫ ବଣ୍ଟନ ରାଜ୍ୟ ସରକାରଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ହୋଇ ରହିଛି। ଅନେକ ସ୍ଥାନରେ ଦଳୀୟ ଭିତ୍ତିରେ କ୍ଷତିପୂରଣ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ସହ ବିଭିନ୍ନ ସ୍ଥାନରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ବିଷ ବୋତଲ ଧରି କୃଷି ଅଧିକାରୀଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା

ଭଦ୍ରକ/ବାସୁଦେବପୁର,୫।୮ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ରେ ଦୀର୍ଘ ୪ ମାସ ଧରି ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଋଣଗ୍ରସ୍ତ ସୂର୍ଯ୍ୟମୁଖୀ ଚାଷୀ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଫାଟକ ଆଗରେ ବିଷ ବୋତଲ ଧରି



ଧାରଣା ଦେଇଛନ୍ତି। ଧାରଣାରତ ଜଣେ ଚାଷୀ ବିମ୍ବାଧର ମହାଳିକ ଧାରଣାସ୍ଥଳରେ ହଠାତ୍ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପୁଲିସ ଗାଡ଼ିରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଲଘୁଚାପଜନିତ ବର୍ଷାର ତାଣ୍ଡବରେ ବନ୍ୟା ଭାଙ୍ଗି ଦେଇଛି ଚାଷୀର ମେରୁଦଣ୍ଡ। ଜଳଘେରରେ ହନ୍ତସନ୍ତ ହେଉଛନ୍ତି ହଜାର ହଜାର ଚାଷୀ। ଅନ୍ୟପକ୍ଷରେ ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରି ଋଣଗ୍ରସ୍ତ କରିଛି ଚାଷୀମାନଙ୍କୁ। ବାସୁଦେବପୁର ବ୍ଲକ୍ ନୂଆଗାଁ ଓ ଇରମ ଅଞ୍ଚଳର ଶହଶହ ଚାଷୀ ସୂର୍ଯ୍ୟମୁଖୀ ଚାଷ କରିଥିଲେ। ରାଜ୍ୟ ସରକାରଙ୍କ ମାର୍କଫେଡ୍ ଚାଷୀଙ୍କଠାରୁ ମଞ୍ଜି କିଣିଥାଏ। ଚଳିତ ବର୍ଷ ମାର୍କଫେଡ୍ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି। ଚାଷୀମାନେ ମାସ ମାସ ଧରି ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି କୃଷି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ଲୋକଙ୍କ ସରକାର ଚାଷୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ସୂର୍ଯ୍ୟମୁଖୀ ମଞ୍ଜି ବିକ୍ରି କରିବାକୁ ୪ ମାସ ଧରି ଅଭିଯୋଗ କରି ଆସୁଛନ୍ତି। ଓଡ଼ିଶା ମାର୍କଫେଡ୍ ଚାଷୀଙ୍କଠାରୁ କିଣିବାର ନିୟମ ରହିଛି। ଆଉ କିଛିଦିନ ପରେ ସୂର୍ଯ୍ୟମୁଖୀ କ୍ରୟ କରିବା ଅବଧି ଶେଷ ହେବାକୁ ଯାଉଛି। ଚାଷୀଙ୍କ ପାଖରେ ଥିବା

**ଧାରଣାସ୍ଥଳରେ ଜଣେ ଚାଷୀ ଗୁରୁତର; ଡାକ୍ତରଖାନାରେ ଭର୍ତ୍ତି**

ବସ୍ତା ବସ୍ତା ମଞ୍ଜି ନଷ୍ଟ ହେବ। ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିବା ଚାଷୀ ଶେଷରେ ମଞ୍ଜି ବିକ୍ରୟ ପାଇଁ ଧାରଣା ଦେଇଛନ୍ତି। ମଞ୍ଜି ବିକ୍ରି ହେବାରେ ବିଳମ୍ବ ହେଉଥିବାରୁ ଋଣ ବଢ଼ି ବଢ଼ି ଚାଲିଛି। ସରକାର ଯଦି ଅଭାବୀ ସୂର୍ଯ୍ୟମୁଖୀ ମଞ୍ଜି ବିକ୍ରି କରିବାକୁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ଚାଷୀମାନେ ବିଷପିଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ଧମକ ଦେଇଛନ୍ତି।

## ପିଏସିର ଉଦ୍‌ବେଗ

# ବଜେଟ ବ୍ୟୟ ବିଳମ୍ବିତ; ବିକାଶ ପ୍ରଭାବିତ

ଭୁବନେଶ୍ୱର, ୫।୮ (ସମିସ): ରାଜ୍ୟରେ ବିଭିନ୍ନ ବିଭାଗ ପାଇଁ ବଜେଟ୍‌ରେ ବରାଦ ହୋଇଥିବା ଅର୍ଥ ସମୟ ମଧ୍ୟରେ ଖର୍ଚ୍ଚ ହୋଇପାରୁ ନ ଥିବାରୁ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଥିବା ପ୍ରସଙ୍ଗ ବିଧାନସଭାର ଲୋକ ହିସାବ କମିଟି (ପିଏସି) ବୈଠକରେ ବିରୋଧୀ ଅଭିଯୋଗ କରୁଛନ୍ତି। ବାରମ୍ବାର ତାଗିଦ ସତ୍ତ୍ୱେ ବିଭାଗଗୁଡ଼ିକ ଅର୍ଥ ବ୍ୟୟରେ ଆଶାନୁରୂପ ସଫଳ ହୋଇପାରୁ ନ ଥିବାରୁ କମିଟି ସଦସ୍ୟମାନେ ଉଦବେଗ ପ୍ରକାଶ କରିଛନ୍ତି। ଯାହାକୁ ନେଇ ସରଗରମ ହୋଇଛି ରାଜନୀତି। ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିବାବେଳେ ବିରୋଧୀ ଏହାର ପାଲଟା ଜବାବ ଦେଇଛନ୍ତି।

ନିକଟରେ ଅନୁଷ୍ଠିତ ପିଏସି ବୈଠକରେ ବିଭିନ୍ନ ବିଭାଗର ବଜେଟ୍ ବ୍ୟୟ ସ୍ଥିତିକୁ ନେଇ ସମୀକ୍ଷା କରାଯାଇଛି। କେତେକ କ୍ଷେତ୍ରରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇନଥିବାରୁ ଅନେକ ବିକାଶମୂଳକ ପ୍ରକଳ୍ପ ଆଗକୁ ବଢ଼ିପାରୁ ନ ଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା। ବିଭାଗଗୁଡ଼ିକୁ ବାରମ୍ବାର ତାଗିଦ କରାଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଦେଖାଯାଇନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଶାସକ ଦଳ ଉପରେ କଡ଼ା ଆକ୍ରମଣ କରିଛି। ବିଜେପି ସରକାର ବଜେଟ୍ କାର୍ଯ୍ୟକାରିତାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ କରିପାରୁ ନ ଥିବାରୁ ରାଜ୍ୟର ବିକାଶ କାମ ଠପ୍ ହୋଇପଡ଼ିଛି। ଏହାସହ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ପ୍ରବାହ ମଧ୍ୟ ଆଶାନୁରୂପ ନ ଥିବାରୁ ବିଭିନ୍ନ ପ୍ରକଳ୍ପ ପ୍ରଭାବିତ ହେଉଥିବା ବିଜେଡି ଦାବି କରିଛି। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ଶାସକ ଦଳକୁ ଘେରିଛି। ଦଳର ନେତାମାନଙ୍କ କହିବା ଅନୁସାରେ, "ଡବଲ ଇଞ୍ଜିନ' ସରକାରର ଦାବି କରାଯାଉଥିଲେ ମଧ୍ୟ ତାହାର ପ୍ରତିଫଳନ ବିକାଶ କାମରେ ଦେଖିବାକୁ ମିଳୁନାହିଁ। ବରଂ ବିଭିନ୍ନ ପ୍ରକଳ୍ପରେ ବିଳମ୍ବ, ବଜେଟ୍ ବ୍ୟୟରେ ଅବ୍ୟବସ୍ଥା ଏବଂ କେନ୍ଦ୍ରୀୟ ସହାୟତା ପ୍ରାପ୍ତିରେ ସମସ୍ୟା ଯୋଗୁଁ ଓଡ଼ିଶାର ବିକାଶ ବାଧାପ୍ରାପ୍ତ ହେଉଛି। ରାଜ୍ୟର ଲୋକଙ୍କ ଆଶା ପୂରଣରେ ସରକାର ବିଫଳ ବୋଲି କଂଗ୍ରେସ ଅଭିଯୋଗ କରିଛି। ପିଏସି ଏଧକ୍ଷ ପ୍ରମିଳା ମଲ୍ଲିକ କହିଛନ୍ତି, ସରକାର ଅର୍ଥ ଖର୍ଚ୍ଚ କରି ପାରୁନାହାନ୍ତି। ୨ ବର୍ଷ ହେବ ଘର ଦିଆହୋଇନାହିଁ। କେନ୍ଦ୍ରରୁ ଅର୍ଥ ଆସୁ ନାହିଁ। କେନ୍ଦ୍ରରୁ ଅର୍ଥ ଆସୁ ନ ଥିବାରୁ ଖର୍ଚ୍ଚ ସଠିକ ଭାବେ ହୋଇପାରୁ ନାହିଁ ବୋଲି ସରକାର ମଧ୍ୟ ମାନିଥିବା ପ୍ରମିଳା କହିଛନ୍ତ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି, ଅଧିକାଂଶ ବିଭାଗରେ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ଅଧିକାଂଶ ବିଭାଗରେ ବହୁତ କମ୍ ପରିମାଣରେ ଅର୍ଥ ଖର୍ଚ୍ଚ ହେଉଛି। ଏଭଳି ମନ୍ଥରଗତିରେ ସରକାର ଚାଲିଲେ, ରାଜ୍ୟର ବିକାଶ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶାସକ ବିଜେପି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ନୂଆ ସରକାର ଦାୟିତ୍ୱ ନେବା ପରେ ପୂର୍ବ ସରକାର ଅମଳରୁ ଚାଲିଆସୁଥିବା ଅନେକ ପ୍ରଶାସନିକ ସମସ୍ୟାର ସମାଧାନ କରାଯାଉଛି। ବଜେଟ୍ ଅର୍ଥର ସ୍ୱଚ୍ଛ ଏବଂ ଫଳପ୍ରଦ ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ କେବଳ ଖର୍ଚ୍ଚ ବଢ଼ାଇବା ପରିବର୍ତ୍ତେ ଗୁଣାତ୍ମକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରାଥମିକତା ଦିଆଯାଉଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଦଳର ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ଖର୍ଚ୍ଚ ହେଉଛି। ବିଭିନ୍ନ କାରଣରୁ ଯଥା ପ୍ରାକୃତିକ ବିପର୍ଯ୍ୟୟରୁ ଖର୍ଚ୍ଚ ବନ୍ଦ ହୋଇଯାଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ୨୦୨୬-୨୭ ବଜେଟ୍‌ରେ ବିଭିନ୍ନ କ୍ଷେତ୍ର ପାଇଁ ବ୍ୟାପକ ବ୍ୟୟ ବ୍ୟବସ୍ଥା କରାଯାଇଥିବାବେଳେ ସମୟ ମଧ୍ୟରେ ଅର୍ଥ ବ୍ୟୟ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଏବେ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ପରିସ୍ଥିତିରେ ପିଏସିର ଉଦବେଗ ଓ ବିରୋଧୀଙ୍କ ଆକ୍ରମଣ ଆଗାମୀ ଦିନରେ ବଜେଟ୍ ପରିଚାଳନା ଏବଂ ବିକାଶ କାର୍ଯ୍ୟକୁ ନେଇ ରାଜନୈତିକ ଚର୍ଚ୍ଚାକୁ ଆହୁରି ତୀବ୍ର କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ପଞ୍ଜୀକରଣରୁ ବଞ୍ଚିତ ହେବେ ଭାଗଚାଷୀ ଓ ଜମିହୀନ ଚାଷୀ!

### ନୂଆ ଗାଇଡ୍‌ଲାଇନକୁ ନେଇ ବଢ଼ିଲା ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର/ନୟାଗଡ଼, ୫।୮ (ସମିସ): ରାଜ୍ୟ ସରକାର ଚଳିତ ଖରିଫ ଋତୁ ପାଇଁ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣରେ ନୂଆ ଗାଇଡ୍‌ଲାଇନ ଲାଗୁ କରିଥିବାବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଭାଗଚାଷୀ, ବଂଶାନୁକ୍ରମରେ ଚାଷ କରୁଥିବା କୃଷକ ଏବଂ ନିଜ ନାମରେ ଜମି ନଥିବା ଚାଷୀମାନେ ପଞ୍ଜିକରଣରୁ ବାଦ ପଡ଼ିପାରନ୍ତି ବୋଲି ବିଭିନ୍ନ କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ଏହାକୁ "କୃଷକ ମାରଣ ନୀତି" ବୋଲି ବିରୋଧୀ ମହଲ ଅଭିହିତ କରିଛି।

ସାଧାରଣତଃ ପ୍ରତିବର୍ଷ ଜୁଲାଇ ୧୫ରୁ ପ୍ୟାକ୍ସ ମାଧ୍ୟମରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥାଏ। ମାତ୍ର ଚଳିତ ବର୍ଷ ଏହା ବିଳମ୍ବରେ ଆରମ୍ଭ ହେବା ସହ ସରକାର ନୂତନ ନିୟମାବଳୀ ଲାଗୁ କରିଛନ୍ତି। ଏହି ନିୟମ ଅନୁଯାୟୀ ଚାଷୀଙ୍କୁ କୃଷକ ରେଜିଷ୍ଟ୍ରି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପଡ଼ିବ। ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ପରିବାର ଗୁରୁତର ସମସ୍ୟାରେ ପଡ଼ିବେ ବୋଲି କୁହାଯାଉଛି।

ଅନେକ କ୍ଷେତ୍ରରେ ଜମି ଏପର୍ଯ୍ୟନ୍ତ ମୃତ ଜେଜେବାପା କିମ୍ବା ଜେଜେମାଙ୍କ ନାମରେ ରହିଥିବାବେଳେ ବର୍ତ୍ତମାନ ତୃତୀୟ ପିଢ଼ି ସେହି ଜମିରେ ଚାଷ କରୁଛନ୍ତି। ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଥିବା ଜମିର ପଞ୍ଜିକରଣ ମଧ୍ୟ ଜଟିଳ ହୋଇପାରେ।

ଭାଗଚାଷୀଙ୍କ ପାଇଁ ମଧ୍ୟ ନୂଆ ନିୟମ ବଡ଼ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ଜମି ମାଲିକଙ୍କ ସହମତିପତ୍ର ଓ ଆଧାର କାର୍ଡ ଆଧାରରେ ସେମାନେ ପଞ୍ଜିକରଣ କରିପାରୁଥିଲେ। କିନ୍ତୁ ବର୍ତ୍ତମାନ ଜମି ମାଲିକଙ୍କ ବାୟୋମେଟ୍ରିକ୍ ଯାଞ୍ଚ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଥିବାରୁ ଭାଗଚାଷୀଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇପଡ଼ିବ ବୋଲି କୃଷକ ସଂଗଠନମାନେ ଅଭିଯୋଗ କରିଛନ୍ତି।

କୃଷକ ନେତାମାନଙ୍କ ମତରେ, ଏହି ନୂଆ ଗାଇଡ୍‌ଲାଇନ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରାୟ ୫୦ ପ୍ରତିଶତ ଚାଷ ଜମି ପଞ୍ଜିକରଣରୁ ବାଦ ପଡ଼ିପାରେ। ଫଳରେ ଅନେକ ପ୍ରକୃତ ଚାଷୀ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ଧାନ ବିକ୍ରି କରିବାର ସୁଯୋଗ ହରାଇବେ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବ ବୋଲି ସେମାନେ କହିଛନ୍ତି।

ବିଭିନ୍ନ କୃଷକ ସଂଗଠନ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ଧାନ କ୍ରୟର ପରିମାଣ କମାଇବା ଉଦ୍ଦେଶ୍ୟରେ ଏଭଳି କଠୋର ନିୟମ ଆଣିଛନ୍ତି। ସରକାର ତୁରନ୍ତ ପୁରୁଣା ପଦ୍ଧତିରେ ପଞ୍ଜିକରଣ ବ୍ୟବସ୍ଥା ପୁନଃ ଚାଲୁ ନ କଲେ ସାରା ରାଜ୍ୟରେ କୃଷକ ଆନ୍ଦୋଳନ ଆରମ୍ଭ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଭୁବନ ହାଇସ୍କୁଲରେ ଅଘଟଣ

# ମଧ୍ୟାହ୍ନଭୋଜନ ଖାଇବା ପରେ ଅଷ୍ଟମ ଶ୍ରେଣୀ ଛାତ୍ର ମୃତ

ଭୁବନ,୫।୮ (ସମିସ): ଭୁବନ ହାଇସ୍କୁଲରେ ବୁଧବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁବନ ଏନ୍‌ଏସି ୧୨ନଂ ୱାର୍ଡ ଗାଦିସାହିର ପବିତ୍ର ସାଥୁଆ ମହାପାତ୍ର ଏବଂ ପ୍ରମିଳା ସାଥୁଆ ମହାପାତ୍ରଙ୍କ ଏକମାତ୍ର ପୁଅ ମଙ୍ଗରାଜ ସାଥୁଆ ମହାପାତ୍ର (୧୨)। ଏ ନେଇ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ଭଳି ମଙ୍ଗରାଜ ଆଜି ସ୍କୁଲକୁ ଆସିଥିଲେ। ମଧ୍ୟାହ୍ନଭୋଜନ ଖାଇବା ପରେ ଖେଳକୁଦ କରି ପାଣି ପିଇଥିଲେ। ଏହାର କିଛି ସମୟ ପରେ ସେ ଅସୁସ୍ଥ ହେବାରୁ ପ୍ରଧାନଶିକ୍ଷକ ବାଇକରେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ। ପୂର୍ବରୁ ହରିହରପୁର ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ସମୟରେ ମଧ୍ୟ ମଙ୍ଗରାଜ ଅନେକ ଥର ଚେତାଶୂନ୍ୟ ହେଉଥିବା କହିଛନ୍ତି ତାଙ୍କ ଦାଦା ଶଙ୍କର ସାଥୁଆ ମହାପାତ୍ର। ଅନ୍ୟପକ୍ଷରେ ମଧ୍ୟାହ୍ନଭୋଜନ ଖାଇବା ପରେ ଅନ୍ୟ ପିଲାମାନଙ୍କ ସହ ଖେଳିବା ପରେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ସହପାଠୀ କହିଛନ୍ତି। ଏ ସମ୍ପର୍କରେ ଭୁବନ ବିଇଓ ଆକାଂକ୍ଷୀତା ପ୍ରଧାନ କୁହନ୍ତି, ସମସ୍ତ ବିଷୟ ବୁଝିଲି, ଡାକ୍ତରଙ୍କ ସହ କଥା ହେଲି। ଛାତ୍ରଙ୍କ ବୀମା ବିଷୟରେ ଉଚ୍ଚ ଅଧିକାରୀଙ୍କ ସହ କଥା ହେବେ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ମଙ୍ଗରାଜଙ୍କ ବାପା ଭୁବନ ବାହାରେ ରହୁଛନ୍ତି। ସେ ପହଞ୍ଚିବା ପରେ ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ଡା. ରମେଶ ଚନ୍ଦ୍ର ସାହୁ କହିଛନ୍ତି।

## ଲୋକଙ୍କ ସରକାର ଏବେ ରାଜ୍ୟବାସୀଙ୍କ ପାଇଁ କାଳ: ବିଜେଡି

ଭୁବନେଶ୍ୱର,୫।୮ (ସମିସ): ବିଜେପିର ତଥାକଥିତ ଲୋକ ସରକାର ଏବେ ରାଜ୍ୟ ସରକାରଙ୍କ ପାଇଁ କାଳ ପାଲଟିଛି। ରାଜ୍ୟବାସୀଙ୍କ ଜୀବନ ସହ ଖେଳିବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟରେ ପରମାଣୁ ପ୍ରକଳ୍ପ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରି ରାଜ୍ୟବାସୀଙ୍କ ଜୀବନକୁ ନର୍କ କରିଦେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।



ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଓଡ଼ିଶାରେ ନ୍ୟୁକ୍ଲିୟର ପ୍ଲାଣ୍ଟ ସ୍ଥାପନ ହେବା ଦ୍ୱାରା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ବିପଦ ସୃଷ୍ଟି ହେବ। ଡବଲ ଇଞ୍ଜିନ ସରକାର ଘରୋଇ କମ୍ପାନୀ ମୋହରେ ପଡି ରାଜ୍ୟବାସୀଙ୍କ ସୁରକ୍ଷାକୁ ନେଇ ଆଖି ବୁଜିଦେଇଛନ୍ତି। ଉକ୍ତ ଘରୋଇ କମ୍ପାନୀ ଓଡ଼ିଶାରେ ପ୍ରାୟ ୩୦୦୦ ମେଗାୱାଟ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରସ୍ତାବ ରହିଛି। ନ୍ୟୁକ୍ଲିୟର କିମ୍ବା ଏଟୋମିକ୍ ଏନର୍ଜି କଥା ଉଠିଲେ ମନରେ ଭୟ ସୃଷ୍ଟି ହୁଏ। ୧୯୪୫ ମସିହାରେ ନ୍ୟୁକ୍ଲିୟର ବିସ୍ଫୋରଣ ଯୋଗୁଁ ଜାପାନର ହିରୋସୀମା ଓ ନାଗାସାକି ସହର ଧ୍ୱଂସ ସ୍ତୁପରେ ପରିଣତ ହୋଇଥିଲା। ୧୯୮୬ରେ ଚେର୍ଣ୍ଣୋବିଲ୍ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିବା ବେଳେ ୨୦୧୧ରେ ଫୁକୁସୀମା ନ୍ୟୁକ୍ଲିର ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିଲା। ଏହି ନ୍ୟୁକ୍ଲିୟର ବିସ୍ଫୋରଣରେ ହୋଇଥିବା କ୍ଷୟକ୍ଷତିକୁ ସ୍ଥାନୀୟ ସରକାର ଆଜି ପର୍ଯ୍ୟନ୍ତ ଭରଣା କରିପାରି ନାହାନ୍ତି। ପରମାଣୁ ଶକ୍ତି ବିପଦପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଜୀବନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ଦେଶମାନଙ୍କରେ ନ୍ୟୁକ୍ଲିୟର ଏନର୍ଜିକୁ ସରକାର ନିଜ ମାଲିକାନାରେ ରଖିଥାନ୍ତି, କୌଣସି ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରନ୍ତି ନାହିଁ। କିନ୍ତୁ ବିଜେପି ସରକାର ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇ କମ୍ପାନୀର ମାଲିକାନାକୁ ହସ୍ତାନ୍ତର କରାଯାଉଛି। ରୁଷର ଚେର୍ଣ୍ଣୋବିଲ୍ ନ୍ୟୁକ୍ଲିୟର ଏନର୍ଜିର ରିଆକ୍ଟର ଅଘଟଣକୁ ୫୦ ବର୍ଷ ପୂରି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ତାହାର କ୍ଷୟକ୍ଷତିର ଭରଣା ହୋଇପାରି ନାହିଁ। ତେବେ ଓଡ଼ିଶାକୁ ବିପଦ ମୁହଁକୁ ଠେଲି ଦେବାକୁ ବିଜେପି ସରକାର କାହିଁକି ଯୋଜନା କରୁଛନ୍ତି ବୋଲି ସେ ପ୍ରଶ୍ନ କରୁଛନ୍ତି।

**■ ରାଜ୍ୟ ବିଜେପି ସରକାର ଓଡ଼ିଶାବାସୀଙ୍କ ଜୀବନ ସହ ଖେଳିବାକୁ ଚେଷ୍ଟା କରୁଛନ୍ତି**
**■ ପ୍ରକଳ୍ପକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଚେତାବନୀ**

ସେ ପୁଣି କହିଛନ୍ତି ଯେ ଜାତୀୟ ସୁରକ୍ଷାକୁ କେବେ କୌଣସି ଘରୋଇ ସଂସ୍ଥାକୁ ଦିଆଯାଏ ନାହିଁ। କିନ୍ତୁ ବିଜେପି ସରକାର ଚକ୍ରାନ୍ତ କରି ନ୍ୟୁକ୍ଲିୟର ଏନର୍ଜି ପରି ଜାତୀୟ ସୁରକ୍ଷାକୁ ଘରୋଇକରଣ କରାଇବାକୁ ପ୍ରୟାସ କରୁଛନ୍ତି। ଦେଶରେ ୮.୮ ଗିଗାୱାଟ ନ୍ୟୁକ୍ଲିୟର ଏନର୍ଜି ସରକାରଙ୍କ ମାଲିକାନାରେ ରହିଛି। ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଚାଲୁଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନ ନେଇ ରାଜ୍ୟ ସରକାର ଲାଗି ପଡିଛନ୍ତି। ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନା କରି ଓଡ଼ିଶାବାସୀଙ୍କୁ ମୃତ୍ୟୁମୁଖରେ ପକାଇବାରୁ ରାଜ୍ୟ ସରକାର କ୍ଷାନ୍ତ ରୁହନ୍ତୁ। ନଚେତ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲଲି ସେ କହିଛନ୍ତି।

## ଚିକିତ୍ସା ପାଇଁ ୧୩୦ କିଲୋମିଟର ଟ୍ରାଇସାଇକଲରେ ଗଲେ ବୃଦ୍ଧ

ବ୍ରହ୍ମପୁର,୫।୮ (ସମିସ): ଉତ୍ତମ ଚିକିତ୍ସା ଆଶାରେ ପ୍ରାୟ ୧୩୦କିଲୋମିଟର ଦୂରତାକୁ ଟ୍ରାଇ ସାଇକଲରେ ଅତିକ୍ରମ କରି ବ୍ରହ୍ମପୁର ଏମକେସିଜି ମେଡିକାଲରେ ପହଞ୍ଚିଛନ୍ତି ଜଣେ ୬୬ବର୍ଷୀୟ ବୃଦ୍ଧ। ତାଙ୍କର ଏହି ସଂଘର୍ଷମୟ ଯାତ୍ରା ସମସ୍ତଙ୍କୁ ଭାବବିହ୍ୱଳ କରିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବରସାହି ଗ୍ରାମର ଶୁକଦେବ ନାହକ(୬୬) ଗତ ଶନିବାର

**ଭଙ୍ଗାଗୋଡ଼ର ଚିକିତ୍ସା ପାଇଁ ନୟାଗଡ଼ରୁ ଏମ୍‌କେସିଜିକୁ ଯାତ୍ରା**

ଏମକେସିଜି ମେଡ଼ିକାଲରେ ପହଞ୍ଚିଛନ୍ତି। ଅର୍ଥାଭାବ ଓ ନିଜର କେହି ସହଯୋଗୀ ନଥିବାରୁ ବାଧ ହୋଇ ସେ ଟ୍ରାଇସାଇକଲରେ ଗୁରୁବାର ସକାଳେ ଗ୍ରାମରୁ ବାହାରି ଦୀର୍ଘ ଦୁଇଦିନର କଷ୍ଟସାଧ ଯାତ୍ରା ପରେ ଶନିବାର ମଧ୍ୟାହ୍ନରେ ଏମକେସିଜି ମେଡିକାଲରେ ପହଞ୍ଚିଥିଲେ। ପ୍ରଥମେ ତାଙ୍କୁ ମେଡିକାଲର ଆଶୁଚିକିତ୍ସା ବିଭାଗରେ ଡାକ୍ତର ଚିକିତ୍ସା କରିଥିବା ବେଳେ ପରେ ତାଙ୍କୁ ଡେଷ୍ଟିଚ୍ୟୁଟ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଛି। ଶୁକଦେବ ନାହାକଙ୍କ ନିକଟତମ ସମ୍ପର୍କୀୟ କେହି ନ ଥିବାରୁ ତାଙ୍କୁ ଉକ୍ତ ୱାଡର୍‌ରେ ରଖି ଚିକିତ୍ସା କରାଯାଉଛି।



ଶୁକଦେବ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୨୨ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ପାରିବାରିକ ସ୍ଥିତି ମଧ୍ୟ ବେଶ ଦୁଃଖଦ। କିଛିବର୍ଷ ପୂର୍ବରୁ ପତ୍ନୀଙ୍କର ଦେହାନ୍ତ ଘଟିଥିବା ବେଳେ ଏକମାତ୍ର ପୁଅ ମାନସିକ ଅସୁସ୍ଥତାରେ ପୀଡ଼ିତ। ବୋହୂ ତାଙ୍କର ଯତ୍ନ ନେବାରେ ଅସମର୍ଥ ଥିବାରୁ ସେ ପ୍ରାୟ ଏକାକୀ ଜୀବନ ବିତାଉଥିବା କହିଛନ୍ତି ଶୁକଦେବ। ପ୍ରାୟ ୪ବର୍ଷ ପୂର୍ବେ ଘର ସମ୍ମୁଖରେ ଥିବା ଏକ କୂଅ ନିକଟରେ ପଡ଼ିଯିବାରୁ ତାଙ୍କ ବାମ ଗୋଡ଼ର ହାଡ ଭାଙ୍ଗି ଯାଇଥିଲା। ଏହାପରେ ସେ ନୟାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ପରେ କଟକ ବଡ଼ ମେଡିକାଲକୁ ମଧ୍ୟ ଯାଇଥିଲେ। ତେବେ ସେଠାରେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନଥିଲେ। ଏମକେସିଜି ମେଡ଼ିକାଲ ପକ୍ଷରୁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଓ ସଫଳ ଅସ୍ତ୍ରୋପଚାର ସମ୍ପର୍କରେ ସେ ବିଭିନ୍ନ ସୂତ୍ରରୁ ଅବଗତ ହୋଇଥିଲେ। ଏଠାରେ ଚିକିତ୍ସା କଲେ କାଳେ ସେ ସୁସ୍ଥ ହେବେ ସେହି ଆଶାରେ ନିଜ ଟ୍ରାଇସାଇକଲରେ ୧୩୦କିଲୋମିଟର ଦୂରତାକୁ ଅତିକ୍ରମ କରି ମେଡିକାଲରେ ପହଞ୍ଚିଛନ୍ତି ଶୁକଦେବ। ତାଙ୍କୁ ଉପଯୁକ୍ତ ଚିକିତ୍ସା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନରେ ଆଉ ୯୧ଟି ସ୍ୱତନ୍ତ୍ର ପ୍ୟାକେଜ ସାମିଲ

ଭୁବନେଶ୍ୱର,୫।୮ (ସମିସ): ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଓ

**■ ମୋଟ ଚିକିତ୍ସା ପ୍ୟାକେଜ ୨୨୫୪କୁ ବୃଦ୍ଧି**
**■ ଚଳିତ ବଜେଟରେ ୩୧୧ କୋଟିର ପ୍ରାବଧାନ**

ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି। ଏହା ଫଳରେ ରାଜ୍ୟର କ୍ୟାନସର ରୋଗୀମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ କ୍ୟାନ୍‌ସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ। ୨୦୨୬-୨୭ ବଜେଟରେ ଏଥି ପାଇଁ ୩୧୧ କୋଟି ପ୍ରବଧାନ କରାଯାଇଛି। ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟାତ ସୁବିଧା ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ। ଓଡ଼ିଶାରେ ଏବିପିଏମ୍‌ଜେଏୱାଇ. ଓ ଜିଜେଏୱାଇର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା। ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଞ୍ଚିଛି। କ୍ୟାନସର ଭଳି ଜଟିଳ ଓ ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ। ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ। ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି। ଏହି ସମସ୍ତ ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ପ୍ରଦାନ ପାଇଁ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ ନିର୍ଦ୍ଦେଶ ଜାରି କରାଯାଇଛି।

ସକାଳ THE SAKALA



www.sakalaepaper.com

## ବର୍ଷାଦିନେ ବୁଡ଼ାଉଛି ଘାଗରା ନାଳ

# ପାଣିରେ ପଶି ବିପଦରେ ଯାଉଛନ୍ତି ଚାଷୀ

ଆନନ୍ଦପୁର, ୫।୮ (ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ମହାପାତ୍ରସାହିର ଦୁଃଖ ପାଲଟିଛି ଘାଗରା ନାଳ। ବର୍ଷାଦିନେ ବେକେ ପାଣିରେ ପଶି ନାଳ ପାରି ହେବାକୁ ପଡୁଛି। ଏଠାରେ ଏକ ଛୋଟ ପୋଲ ଆବଶ୍ୟକ ରହିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶାଳଚୁଆ ପଞ୍ଚାୟତର ମଶାଘାଟି ବାହାରିଛି ଘାଗରାନାଳ ବାଁଶପାଣି ଗ୍ରାମ ପରେ କଣ୍ଟିପାଳ ନିକଟରେ। କେନ୍ଦୁଝର ଜିଲ୍ଲାରେ ପ୍ରବେଶ କରିଛି। ବାରୁଆଁ, ବିରିଡିହା, ଚମର୍ଦ୍ଦା, ମୋଚିନ୍ଦା, ତରତରା ପଞ୍ଚାୟତର ଦୁଡୁଗାଁ ଦେଇ ଚାରନାଳିଆ ନିକଟରେ ମିଶିଛି ପରେ ହାଟଡିହି ବ୍ଲକ୍ ବଞ୍ଜୋ, ଶିବନାରାୟଣପୁର, ଅଣତିରା ଦେଇ ପ୍ରବାହିତ ହୋଇ ଆମ୍ରୋ ନିକଟରେ ଏହି ନାଳ ବୈତରଣୀ ନଦୀରେ ମିଶିଛି। ବିରିଡିହା ନିକଟରେ ଘଣ୍ଟିଆନାଳ ସମେତ ଅନ୍ୟ ଦୁଇଟି ଛୋଟନାଳ ମଧ୍ୟ ଘାଗରାନାଳରେ ମିଶିଛିଛ ବର୍ଷାଦିନେ ଘାଗରାନାଳ ଭୟଙ୍କର ରୂପ ଧାରଣ କରୁଛି। ବିଶେଷ କରିକଣ୍ଟିପାଳ ପଞ୍ଚାୟତ ମହାପାତ୍ରସାହି ନିକଟରେ ସମସ୍ୟା ସୃଷ୍ଟି କରିଛି। ମହାପାତ୍ରସାହିର ଲୋକଙ୍କ ଅଧିକାଂଶ ଚାଷଜମି ନାଳର ଅପର ପାର୍ଶ୍ୱରେ ରହିଛି। ବର୍ଷାଦିନେ ପ୍ରଖର ସ୍ରୋତ ସତ୍ତ୍ୱେ ଚାଷକାମ ପାଇଁ ନାଳ ଭିତରେ ପଶି ଲୋକେ ଯାତାୟାତ କରୁଛନ୍ତି। ଏହି ସ୍ଥାନରୁ ଏକକିମି ଦୂରରେ ବିରିଡିହାଓ ପଇତାପାଣି ନିକଟରେ ଦୁଇଟି ପୋଲ ରହିଛି। ପୋଲ ଦେଇ ଚାଷଜମିକୁ ଯିବାକୁ ହେଲେ ଦୁଇକିମିରୁ ଅଧିକ ରାସ୍ତା କାଦୁଅରେ ଯିବାକୁ ପଡୁଛି ବାଧ ହୋଇ ଚାଷୀମାନେ ନାଳ ଭିତରେ ପଶି ଯାତାୟାତ କରୁଛନ୍ତି। ତତ୍କାଳୀନ ଆନନ୍ଦପୁର ବିଧାୟକ ସେଠୀଙ୍କ ଉଦ୍ୟମରେ ଘାଗରାନାଳରେ ଏକାଧିକ ନାଳ ନିର୍ମାଣ ହେବା ପରେ ଅନେକ ସ୍ଥାନରେ ଯାତାୟାତ ସହଜ ହୋଇଛି। ହେଲେ ମହାପାତ୍ରସାହିର ଜନସାଧାରଣଙ୍କ ସମସ୍ୟାର ପାରି ନାହିଁ। ତୁରନ୍ତ ଏଠାରେ ଏକ ପୋଲ ନିର୍ମାଣ କରିବାକୁ ସାହିର ଅଜୟ ପ୍ରଧାନ, ପ୍ରଦୀପ ଦାସ, ପ୍ରମୋଦ ଦାସ, ବିଷ୍ଣୁଚରଣ ନାୟକ, ଉତ୍ତମ ନାୟକ, ଅଭିମନ୍ୟୁ ପ୍ରଧାନ, ବାବୁଲି ଚରଣ ମହାପାତ୍ର, ଶଙ୍କର୍ଷଣ ପ୍ରଧାନ, ରାବଣ ପ୍ରଧାନ, ପୀତାମ୍ବର ନାୟକ, ପରମାନନ୍ଦ ଦାସ, ବିଜୟ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ଖଟିଆରେ ନାଳ ପାରି ହେଲେ ରୋଗୀ

### ଦୁଃଖ ବଢ଼ାଉଛି ଭାଲିଆ ନାଳ

ହାଟଡିହି, ୫।୮ (ସମିସ): ହାଟଡିହି ବ୍ଲକ୍ କେ.ବାଲିପାଳ ପଞ୍ଚାୟତ ମଲ୍ଲିପଶି ଗ୍ରାମବାସୀଙ୍କ ପାଇଁ ଭାଲିଆ ନାଳ ଦୁଃଖ ବଢ଼ାଉଛି। ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇପାରୁନି। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସୋମବାର ରାତିରେ ଗ୍ରାମର ବିଭୀଷଣ ନାଏକ ଅସୁସ୍ଥ ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଡାକିଥିଲେ। ମାତ୍ର ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରି ନଥିଲା। ନାଳ ଏପଟରେ ଆମ୍ବୁଲାନ୍ସ ରହିବାରୁ ଗ୍ରାମବାସୀ ରୋଗୀ ବିଭୀଷଣଙ୍କୁ ଖଟିଆରେ ବୋହି ବିଳମ୍ବିତ ରାତିରେ ବିପଦପୂର୍ଣ୍ଣ ଭାବେ ଭାଲିଆ ନାଳ ପାରି କରାଇଥିଲେ। ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବା ପରିବାର ଲୋକେ କହିଛନ୍ତି। ଭାଲିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ଅନୁଦାନ ମିଳିଥିଲେ ମଧ୍ୟ ଜଙ୍ଗଲ ବିଭାଗ ଅନୁମତି ମିଳୁ ନଥିବାରୁ ପୋଲ ନିର୍ମାଣ ହୋଇପାରୁନି।

## ରାସ୍ତା ଅବରୋଧକୁ କେନ୍ଦ୍ରକରି ମାରପିଟ୍: ବାପ-ପୁଅ ଗିରଫ

ହାଟଡିହୀ/ଆନନ୍ଦପୁର, ୫।୮ (ସମିସ): ହାଟଡିହୀ ବ୍ଲକ୍ ଆନନ୍ଦପୁର ଥାନା ଅନ୍ତର୍ଗତ ଶିବରାୟଣପୁର ଗ୍ରାମରେ ରାସ୍ତା ଅବରୋଧକୁ କେନ୍ଦ୍ରକରି ଘଟିଥିବା ମାରପିଟ ଘଟଣାରେ ପୁଲିସ ବାପ ପୁଅଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଗର ଘଡ଼େଇ ଏବଂ ତାଙ୍କ ପୁଅ ଦୁଷ୍ମନ୍ତ ଘଡ଼େଇ। ଉଭୟଙ୍କ ଘର ଶିବରାୟଣପୁର ଗ୍ରାମରେ। ପୁଲିସ ସୂଚନା ଅନୁଯାୟୀ, ସେହି ଗ୍ରାମର ଦିଲ୍ଲୀପ ମହାନ୍ତି ଗତ ଅଗଷ୍ଟ ୧ ତାରିଖ ରାତି ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆନନ୍ଦପୁର ଥାନାରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ନିୟମିତ ଭାବେ ରାସ୍ତା ଉପରେ ଟେଣ୍ଟ ହାଉସ୍ ସାମଗ୍ରୀ ଓ ଏକ ବାଇକ୍ ରଖି ରାସ୍ତାକୁ ଅବରୋଧ କରୁଥିଲେ। ଫଳରେ ଦିଲ୍ଲୀପ ମହାନ୍ତି ଓ ତାଙ୍କ ଭାଇ ଚାରିଚକିଆ ଗାଡ଼ିରେ ଯାଇପାରି ନଥିଲେ। ସେମାନେ ରାସ୍ତା ଖାଲି କରିବାକୁ ଅନୁରୋଧ କରିବା ସହ ବାରମ୍ବାର ରାସ୍ତା କାହିଁକି ଅବରୋଧ କରାଯାଉଛି ବୋଲି ପଚାରିଥିଲେ। ଏହାକୁ କେନ୍ଦ୍ର କରି ବଚସା ହେବା ପରେ ଅଭିଯୁକ୍ତମାନେ ଦିଲ୍ଲୀପ ମହାନ୍ତି ଓ ତାଙ୍କ ଭାଇଙ୍କୁ ମାରପିଟ କରିଥିଲେ। ମଙ୍ଗଳବାର ଆନନ୍ଦପୁର ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ ପଣ୍ଡା ସୂଚନା ଦେଇଛନ୍ତି।



## ସ୍କୁଲସ୍ତରୀୟ କ୍ରୀଡ଼ା ଶିବିର ପ୍ରସ୍ତୁତି

ଆନନ୍ଦପୁର, ୫।୮ (ସମିସ): ଘସିପୁରା ବ୍ଲକରେ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ଶିବିର ପ୍ରସ୍ତୁତି ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ସଦ୍ୟୋଷ୍ଣାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତିରେ ଅତିରିକ୍ତ ଶିକ୍ଷାଧିକାରୀ ହାଡିବନ୍ଧୁ ସାହୁ, ବସନ୍ତ ନାୟକ ଉପସ୍ଥିତ ଥିଲେ। ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ବିଜୟ ସାହୁ ଚଳିତ ବର୍ଷର ଖୋଖୋ, କବାଡି, ଫୁଟବଲ୍, କ୍ରିକେଟ, ଭଲିବଲ୍, ଆଥଲେଟିକ ଖେଳକୁଦ ପରିଚାଳନା ପ୍ରସଙ୍ଗରେ ଆଲୋଚନା କରିଥିଲେ। ୨୦୨୫ ବର୍ଷରେ ଘସିପୁରା ବ୍ଲକର ଖେଳାଳୀ ମାନେ ଜିଲ୍ଲା ତଥା ଜାତୀୟ ସ୍ତରକୁ ମନୋନୀତ ହୋଇଥିବାରୁ ବ୍ଲକ ଶିକ୍ଷାଧିକାରୀ ଏହାର ଶ୍ରେୟ କ୍ରୀଡ଼ା ଶିକ୍ଷକଙ୍କୁ ଦେବା ସହ ଉଚ୍ଚ ପ୍ରଶଂସା କରିଥିଲେ। ଘସିପୁରା ବ୍ଲକ ୩୦ଟି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ସୁଚିନ୍ତିତ ମତାମତ ରଖିଥିଲେ।

## ଡିଏମ୍ଏଫ୍ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା



ଯୋଡ଼ା, ୫।୮ (ସମିସ): କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ର ମୁଖ୍ୟ ନିର୍ବାହୀ ଅଧିକାରୀ ବୁଧବାର ଯୋଡ଼ା ପୌରପାଳିକା ଗସ୍ତରେ ଆସି ବିଭିନ୍ନ ଡିଏମ୍ଏଫ୍ ଅନୁଦାନପ୍ରାପ୍ତ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ପ୍ରଥମେ ସେ ଯୋଡ଼ା ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ଚାଲୁଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ, ଗୁଣାତ୍ମକ ମାନ ଏବଂ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ପୌରାଧ୍ୟକ୍ଷ ଜଗଦୀଶ ସାହୁଙ୍କ ସମେତ ପୌରପାଳିକାର ବରିଷ୍ଠ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚ ମାନର ସହ ସମ୍ପୂର୍ଣ୍ଣ କରିବା, ଜନସାଧାରଣଙ୍କ ଉପଯୋଗିତାକୁ ପ୍ରାଥମିକତା ଦେବା ଓ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ମୁଖ୍ୟ ନିର୍ବାହୀ ଅଧିକାରୀ ଯୋଡ଼ା ସହରରେ ଡିଏମ୍ଏଫ୍ ଅନୁଦାନରେ ନିର୍ମାଣାଧୀନ ଏବଂ ସମ୍ପନ୍ନ ହୋଇଥିବା ବୃଦ୍ଧାଶ୍ରମ, ସ୍ମାର୍ଟ ପାର୍କ, 'ଆମ କଳିକା' କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ସମେତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏଥିସହ ବୁଦ୍ଧ ପାର୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବଂ ପୋଖରୀର ପୁନରୁଦ୍ଧାର (ନବୀକରଣ) କାମର ସ୍ଥିତି ମଧ୍ୟ ସେ ଯାଞ୍ଚ କରିଥିଲେ। ପ୍ରକଳ୍ପଗୁଡ଼ିକର ଗୁଣବତ୍ତା, କାର୍ଯ୍ୟର ଅଗ୍ରଗତି ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ସମବାୟ ସମିତି ଓ ସାର ବିକ୍ରୟ କେନ୍ଦ୍ରର ସମୀକ୍ଷା କଲେ ବିଧାୟକ

ହାଟଡିହୀ, ୫।୮ (ସମିସ): ହାଟଡିହି ବ୍ଲକ୍ ବଡ଼ରମ୍ପାସ ସମବାୟ ସମିତିରେ ସାର ସଙ୍କଟ ଦେଖାଯାଇଛି। ଚାଷ ସମୟରେ ସାର ମିଳୁ ନଥିବାରୁ ଚାଷୀମାନେ ମଙ୍ଗଳବାର ବଡ଼ରମ୍ପାସ ସମବାୟ କେନ୍ଦ୍ର ସମିତି ସମ୍ମୁଖରେ ପ୍ରତିବାଦ କରି ତୁରନ୍ତ ସାର ଯୋଗାଇ ଦେବାକୁ ଦାବି କରିଛନ୍ତି। ଖବରପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ୍ ସହକୃଷି ଅଧିକାରୀ ଭାମାଞ୍ଜରୀ ମହାନ୍ତଙ୍କୁ ସାଙ୍ଗରେ ନେଇ ସମବାୟ ସମିତିରେ ପହଞ୍ଚି ଗଚ୍ଛିତ ସାର ସମ୍ପର୍କରେ ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ, ଏବେ ଜମିରେ ତଳି ପକାଇବା ଓ ରୁଆପୋତା ବେଳ, ବର୍ତ୍ତମାନ ଡିଏପି, ଗ୍ରୋମର ଭଳି ସାର ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ବଜାରରେ ମଧ୍ୟ ଆବଶ୍ୟକ ଅନୁସାରେ ଡିଏପି ୧୮-୪୬ ସାର ମିଳୁନି। ବଜାର ଦର ପ୍ୟାକେଟ୍ ୧୩୫୦ ଟଙ୍କା ଥିବାବେଳେ କେଉଁଠି ୨ ହଜାର ତ ଆଉ କେଉଁଠି ୨୨ ଶହ ଟଙ୍କାରେ ବିକ୍ରି ହେଉଛି। ଆବଶ୍ୟକ ଅନୁସାରେ ସାର ସୁହାଇଲା ଭଳି ଦର ଠୁଁ ଅତ୍ୟଧିକ ଦରରେ ବିକ୍ରି ହେଉଛି ଯେଉଁଥିପାଇଁ କିଣିବାରେ ସମସ୍ୟା ଜଟିଳ ହେଉଥିବା ଚାଷୀମାନେ କହିଛନ୍ତି। ବିଧାୟକ ଶ୍ରୀ ସେଠୀ ସମିତି ସମ୍ପାଦକଙ୍କ ସହ ଆଲୋଚନା କରିବା ପରେ ବଡରମ୍ପାସର ସ୍ୱାଇଁ ଟ୍ରେଡର୍ସ ପରିଦର୍ଶନ କରି କେତେକ ସାରର ମୂଲ୍ୟବୃଦ୍ଧି ଘଟିଥିବା ବେଳେ ଟ୍ୟାଗିଂ ସାର ଯୋଗୁଁ ଦର ଉଚ୍ଚା ରହିଥିବା ଡିଲରମାନେ ବିଧାୟକଙ୍କୁ ଅବଗତ କରାଇଛନ୍ତି। ଗୋଟିଏ ସାର ଡିଲର ସନ୍ତୋଷ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପରେ ଛେନାପଦି ଛକ ସ୍ଥିତ ଜୟଲକ୍ଷ୍ମୀ ଭେରାଇଟ ଷ୍ଟୋର ସାର ବିକ୍ରୟ କେନ୍ଦ୍ର ପରିଦର୍ଶନ କରି ଡିଲର ନାରାୟଣ ଘଡ଼େଇଙ୍କୁ ପଚରାଉଚରା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଦୀପ୍ତିରଞ୍ଜନ ଦାସଙ୍କ ସମେତ ଅନ୍ୟାନ୍ୟ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ସାରର ଅଭାବୀ ବିକ୍ରିର କାରଣ ସମ୍ପର୍କରେ ଡିଲରଙ୍କଠାରୁ ଅବଗତ ହୋଇଥିଲେ। ସହିତ ଅନ୍ୟ କିଛି ସାର ବାଧ୍ୟତାମୂଳକ ଭାବେ ଦିଆଯାଉଥିବାରୁ ସମସ୍ୟା ଉପୁଜିଥିବା ଡିଲରମାନେ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ଶ୍ରୀ ସେଠୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ସହିତ ଟ୍ୟାଗିଂ ସିଷ୍ଟମକୁ ଉଠାଇବା ଲାଗି ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇବା ସହିତ ବିଧାନସଭାରେ ପ୍ରସଙ୍ଗ ଉଠାଇବେ ବୋଲି ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି।



## ଏସ୍ଆଇଆର୍ ସମୀକ୍ଷା ବୈଠକ

କେନ୍ଦୁଝର, ୫।୮ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ଉପରେ ଆଜି ମିନି ସମ୍ମିଳନୀ କକ୍ଷରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକ ଯୋଗଦେଇଥିଲେ। ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ, କେନ୍ଦୁଝର, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର (ନିର୍ବାଚନ) ଅରୁଣିମା ସାହୁ, ସହକାରୀ ଜିଲ୍ଲାପାଳ ସନ୍ତୋଷ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଧ୍ୟରୁ ପ୍ରକାଶଚନ୍ଦ୍ର ସୁତ୍ରଧର, ପ୍ରମୋଦ ପଟ୍ଟନାୟକ, ସୁଢଳ ସେଠୀ, ଭବାନି ଶଙ୍କର ମହନ୍ତ, ସୋମନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ସଫଳତା

ଆନନ୍ଦପୁର, ୫।୮ (ସମିସ): ଚଳିତ ବର୍ଷ ଷଷ୍ଠ ଶ୍ରେଣୀ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲିବରୁଆଁର ଷଷ୍ଠ ଶ୍ରେଣୀର ଛାତ୍ରୀ ସୁନିତା ସାହୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁନିତାଙ୍କ ସଫଳତାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପୃଷ୍ଟି ଏବଂ ସିଆରସିସି ପ୍ରଶାନ୍ତ ନାଥ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି। ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ସଞ୍ଜୟ କୁମାର ରାଉତ, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ କର, ଶିକ୍ଷୟିତ୍ରୀ ସ୍ୱପ୍ନାମୟୀ ସାହାଣୀ, ଶିକ୍ଷୟିତ୍ରୀ ଦେବସ୍ୱିନୀ ଦାସ ଏବଂ ଅଧ୍ୟକ୍ଷ ଶମ୍ଭୁପ୍ରସାଦ ମିଶ୍ର କୃତୀ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## ଆନନ୍ଦପୁର ଶିକ୍ଷକ-କର୍ମଚାରୀ ମିଳିତ ସଂଘର ଦାବିପତ୍ର

ଆନନ୍ଦପୁର, ୫।୮ (ସମିସ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଆନନ୍ଦପୁର ବ୍ଲକର ମିଳିତ ମଞ୍ଚ ଶିକ୍ଷକ କର୍ମଚାରୀମାନେ ଆନନ୍ଦପୁର ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ତଥା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତ ୨୦୧୩ରୁ ବାଦ୍ ପଡିଥିବା ଯୋଗ୍ୟ ବିବେଚିତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ମାଡ୍ରାସା ସଂସ୍କୃତ ବିଦ୍ୟାପୀଠ ଏବଂ ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କର ଚାକିରୀ ସର୍ତ୍ତାବଳି ଓ ପେନ୍ସନ ପ୍ରଦାନ ତଥା ଚୁକ୍ତିଭିତ୍ତିକ ଶିକ୍ଷକଙ୍କର ୬ ବର୍ଷ ଚାକିରିର ବରିଷ୍ଠତା ତଥା ୬ଟି ବାର୍ଷିକ ବର୍ଦ୍ଧିତ ଦରମା ପ୍ରଦାନ ଆଦି ଦାବି ରହିଛି। ଆନନ୍ଦପୁର ବ୍ଲକ୍ ସଭାପତି ବିଜୟ କୁମାର ସୁର ଓ ଜିଲ୍ଲା ସଂପାଦକ ଓଷ୍ଟା ରଂଜନ ଘଡେଇଙ୍କ ନେତୃତ୍ୱରେ ଶାନ୍ତନୁ ମିଶ୍ର ଉପଦେଷ୍ଟା ଓଷ୍ଟା କେନ୍ଦୁଝର, ନିରାକର ମହାପାତ୍ର, ପ୍ରଦୀପ ମିଶ୍ର ବୃନ୍ଦାବନ ସଡଙ୍ଗୀ, ତ୍ରିଲୋଚନ ସାହୁ, ଅନାଦି ବେହେରା, ଅରୁଣ ବାରିକ, ନୀଳମଣି ସାହୁ, ବିଶ୍ୱରଂଜନ ସାହୁ ଯୋଗ ଦେଇଥିଲେ। ଆସନ୍ତା ୭ ତାରିଖ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଆନନ୍ଦପୁର ଓଷ୍ଟା ସଂପାଦକ ପ୍ରଦୀପ ହଜାରୀ ବାର୍ତ୍ତା ପ୍ରଦାନ କରିବା ସହ ବହୁ ସଂଖ୍ୟକ ଶିକ୍ଷକ ଓ କମିଚାରୀ ଜିଲ୍ଲାସ୍ତରୀୟ ଧାରଣାରେ ଯୋଗ ଦେବା ପାଇଁ ଅନୁରୋଧ କରିଛନ୍ତି।



## ହାତୀ ଉପଦ୍ରବ ଜାରି; ଅତିଷ୍ଠ ଅଞ୍ଚଳବାସୀ

ତୁରୁମୁଙ୍ଗା, ୫।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ଚମ୍ପୁଆ ରେଞ୍ଜରେ ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଏକ ସପ୍ତାହ ମଧ୍ୟରେ ହାତୀପଲ ୫୦ରୁ ଅଧିକ ଘର ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିବା ସହ ହାତୀପଲ ବିଭିନ୍ନ ଗ୍ରାମରେ ପଶି ବ୍ୟାପକ ଧାନ ଫସଲ, ମକା ଚାଷ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବିଳମ୍ବିତ ରାତିରେ ହାତୀପଲ ପଲାଣଘାଟି ଗ୍ରାମର ବନା ମୁଣ୍ଡାଙ୍କ ଘରକୁ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବ ଯୋଗୁଁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଉଥିବା ବେଳେ କ୍ଷତିଗ୍ରସ୍ତ ପରିବାରଙ୍କୁ ଯଥାଶୀଘ୍ର ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ୍ ଫୁଲକଅଁଳେଇ କାଜୁ ଜଙ୍ଗଲରେ ବୁଧବାର ଅପରାହ୍ନରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତ ଗିଧିବାସ ଗ୍ରାମର ପ୍ରଭାକର ମହାନ୍ତଙ୍କ ପୁଅ ଶମ୍ଭୁନାଥ (୨୪)। ତାଙ୍କୁ ବନ ବିଭାଗ ତୁରନ୍ତ ଉଦ୍ଧାର କରି ପ୍ରଥମେ ଭଣ୍ଡା ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଛି।



## ଚନ୍ଦ୍ରଶେଖର କଲେଜ +୨ ନବାଗତଙ୍କୁ ସ୍ୱାଗତ



ଚମ୍ପୁଆ, ୫।୮ (ସମିସ): ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ +୨ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୂଆ ଶିକ୍ଷାବର୍ଷରେ ମହାବିଦ୍ୟାଳୟରେ ପ୍ରବେଶ କରିଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ଅଧ୍ୟାପକଅଧ୍ୟାପିକା ଓ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଉଷ୍ମ ସ୍ୱାଗତ ଜଣାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ ନନ୍ଦ, ଚମ୍ପେକିଶୋର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗିରି, ସୁମନ୍ତ ମିଶ୍ର, ଅଧ୍ୟାପିକା ଚିନ୍ମୟୀ ମହାନ୍ତ, ରଶ୍ମିରେଖା ବେହେରା, ଲିପିକା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ମହାବିଦ୍ୟାଳୟରେ ନିଜ ଶିକ୍ଷାଜୀବନକୁ ସଫଳ କରିବା ସହ ଭଲ ଫଳାଫଳ ହାସଲ କରିବାକୁ ଛାତ୍ରଛାତ୍ରୀମାନେ ସଂକଳ୍ପବଦ୍ଧ ହୋଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଏକ ଆନନ୍ଦମୟ ଓ ଶିକ୍ଷଣୀୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା।

## ରେଙ୍ଗାଲବେଡ଼ା ମଦ ଦୋକାନକୁ ମହିଳାଙ୍କ ବିରୋଧ



ତୁରୁମୁଙ୍ଗା, ୫।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଧନୁର୍ଯ୍ୟୟପୁର ଜଙ୍ଗଲ ଭିତରେ ରେଙ୍ଗାଲବେଡା ସରକାରୀ ମଦ ଦୋକାନ ସ୍ଥାନାନ୍ତର କରି ଖୋଲିବା ପ୍ରୟାସକୁ ଶତାଧିକ ଗ୍ରାମବାସୀ ବିରୋଧ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ପରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛି। ଧନୁର୍ଯ୍ୟୟପୁର ଜଙ୍ଗଲ ଭିତରେ କଣ୍ଟେନର ରଖି ରେଙ୍ଗାଲବେଡା ସରକାରୀ ମଦ ଦୋକାନ ଖୋଲିବା ପାଇଁ ପ୍ରୟାସ କରାଯାଉଥିବା ଖବର ପାଇ ବୁଧବାର ସ୍ଥାନୀୟ ଲୋକ ଏକଜୁଟ ହୋଇଥିଲେ। ଧନୁର୍ଯ୍ୟୟପୁର, ବାଉଁଶୁଳି, ବାରଡ଼ାଙ୍ଗୁଆ ଓ ଗୋଡିପୋଖରୀ ସମେତ ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଜଙ୍ଗଲ ଅଞ୍ଚଳରେ ମଦ ଦୋକାନ ଖୋଲିଲେ ସାମାଜିକ ପରିବେଶ ନଷ୍ଟ ହେବା ସହିତ ମହିଳା ଓ ଯୁବପିଢ଼ି ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ଅଭିଯୋଗ କରି ଉକ୍ତ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଆଗକୁ ମଦ ଦୋକାନ ଖୋଲିଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ବନ୍ୟା କ୍ଷୟକ୍ଷତି ଆକଳନ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

କେନ୍ଦୁଝର, ୫।୮ (ସମିସ): ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଆଜି କେନ୍ଦୁଝର ସର୍କିଟ ହାଉସଠାରେ ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଓ ପୁନରୁଦ୍ଧାର ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ସାମ୍ପ୍ରତିକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରାଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅଧ୍ୟକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ମମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବିଭାଗୱାରୀ ଆକଳନ ଅନୁଯାୟୀ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ପୋଲ, ପାନୀୟ ଜଳଯୋଗାଣ, ବିଦ୍ୟୁତ ଭିତ୍ତିଭୂମି, କୃଷିଜନିତ କ୍ଷୟକ୍ଷତି ଏବଂ ଜଙ୍ଗଲ ଅଞ୍ଚଳର ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ସମସ୍ତ ବିଭାଗର ପୁନରୁଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିବା ସହ ଜରୁରିକାଳୀନ ସେବାଗୁଡ଼ିକର ଅବ୍ୟାହତ ଯୋଗାଣ ନିଶ୍ଚିତ କରିବାକୁ, ନିବିଡ଼ ସମନ୍ୱୟ ରକ୍ଷା କରିବାକୁ ଏବଂ ଆଗାମୀ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ତୁରନ୍ତ ପଦକ୍ଷେପ ନେବା, ନିରନ୍ତର ନଜର ରଖିବା ଏବଂ ପ୍ରଭାବିତ ଲୋକଙ୍କୁ ସଠିକ୍ ସମୟରେ ସହାୟତା ଯୋଗାଇଦେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।



## ଆନନ୍ଦପୁର ରିଙ୍ଗରୋଡ୍‌ର ଘାଇ ଓ ବନ୍ୟା କ୍ଷୟକ୍ଷତି ଅନୁଧ୍ୟାନ

ଆନନ୍ଦପୁର, ୫।୮ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀର ବନ୍ୟା ପ୍ରଭାବିତ ଅଞ୍ଚଳ ତଥା ଆନନ୍ଦପୁର ରିଙ୍ଗ ରୋଡ଼ରେ ସୃଷ୍ଟି ହୋଇଥିବା ୫୦ ଫୁଟରୁ ଅଧିକ ଘାଇକୁ ଆଜି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରିଙ୍ଗ ରୋଡ଼ର ବର୍ତ୍ତମାନ ସ୍ଥିତି ଓ ମରାମତି କାର୍ଯ୍ୟ ଏବଂ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ବିଜେପିର ବରିଷ୍ଠ ନେତା ଆଲୋକ ସେଠୀ, ରାମଚନ୍ଦ୍ର ସାହୁ ମଳୟ ମିଶ୍ରଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ମଧ୍ୟ ଏହି ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କ୍ଷତିଗ୍ରସ୍ତ ରିଙ୍ଗ ରୋଡ଼ର ଶୀଘ୍ର ମରାମତି ସହ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ସ୍ଥାନୀୟ ଲୋକମାନେ ଦାବି ଜଣାଇଥିଲେ।



# ଭତ୍ତା ନ ପାଇ ମାଗୁଛନ୍ତି ଭିକ

ଜଳେଶ୍ୱର, ୫।୮ (ସମିସ): ଦୃଷ୍ଟିହୀନ ଝିଅର ୩ ମାସର ଭତ୍ତା, ଆବାସ ଘର, ଅନ୍ତ୍ୟୋଦୟ ଯୋଜନାରେ ସାମିଲ୍ ଲାଗି ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରିଛନ୍ତି ମାଁ ମଞ୍ଜୁ ପାତ୍ର। ଜଳେଶ୍ୱର ବ୍ଲକ ମାକଡିଆ ପଞ୍ଚାୟତ କୁଆଁରପୁର ଗାଁର ନିରଞ୍ଜନ ପାତ୍ର ଙ୍କ ଦୁଇ ଝିଅ ଅନ୍ଧ



ଥିବା ବେଳେ ମିତାଲ ପାତ୍ରଙ୍କ ୩ ମାସ ଧରି ଭତ୍ତା ସହାୟତା ମିଳୁନାହିଁ। ଫଳରେ ଭିକ ମାଗି ପରିବାର ପ୍ରତିପୋଷଣ କରୁଥିବା ମାଁ କହିଛନ୍ତି। ସରକାରୀ ଯୋଜନାରେ ସାମିଲ୍ ଲାଗି ୩୫ କିମି ଦୂର ପଞ୍ଚାୟତ ରୁ ବ୍ଲକରେ ପହଞ୍ଚିଥିଲେ ଅସହାୟ ମାଁ ଜଣକ। ସରକାରୀ କାର୍ଯ୍ୟରେ ବିଡିଓ ଓ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନୁପସ୍ଥିତି ଥିବା ବେଳେ ନିରାଶ ହୋଇ ସନ୍ଧ୍ୟାରେ ଘରକୁ ଫେରିଛନ୍ତି। ଅନୁରୂପ ଭାବେ ପଶ୍ଚିମବାର୍ଡ ପଞ୍ଚାୟତ ଦେବ କୁମାର ଗାଁର ୯୦ ବର୍ଷିଆ ଦେବେନ୍ଦ୍ର ବାରିକ୍ ୩ ମାସ ଧରି ଭତ୍ତା ସହାୟତାରୁ ବଞ୍ଚିତ ହୋଇ ଦୁଃଖ ରେ ଫେରିଛନ୍ତି। ତେଣୁ ବ୍ଲକ ରେ ସ୍ଥାୟୀ ସାମାଜିକ ସୁରକ୍ଷା ଅଧିକାରୀ ନିଯୁକ୍ତି ସହିତ ଭତ୍ତାରୁ ବଞ୍ଚିତ ହିତାଧିକାରୀ ମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ସାଧାରଣ ରେ ଦାବି କରାଯାଇଛି।

# ଭୋଗରାଇ ବ୍ଲକ ସମ୍ମୁଖରେ ଶିକ୍ଷକଙ୍କ ଧାରଣା

ବାଲେଶ୍ୱର(ଉତ୍ତର), ୫।୮(ସମିସ): ଭୋଗରାଇ ବ୍ଲକ ସମ୍ମୁଖରେ ଆଜି ଓଡ଼ିଶା ସ୍କୁଲ କଲେଜ ଶିକ୍ଷିକା ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୪ ଦଫା ଦାବିନେଇ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦକ୍ଷିଣ ଭୋଗରାଇ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ ଏହି ଗଣଧାରଣାରେ ସଭାପତିତ୍ୱ କରିଥିଲେ। ଗଣଧାରଣା ଓ ବିକ୍ଷୋଭରେ ଶତାଧିକ ଶିକ୍ଷିକା ଶିକ୍ଷକ ସାମିଲ ହୋଇ ଏକ ପ୍ରତିବାଦ ସଭା



କରିଥିଲେ। ରାଜ୍ୟରେ ଥିବା ୧୯୪ କଲେଜ, ହାଇସ୍କୁଲକୁ ସରକାରୀ ଅନୁଦାନ ପ୍ରଦାନ, ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସାଇକେଲ, ପୋଷାକ, ମଧ୍ୟାହ୍ନ ଭୋଜନ ଓ ବହି ଯୋଗାଇବା, ଅବସର ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ପୁରୁଣା ପେନସନ ନୀତି ଲାଗୁ କରିବା, ଚାକିରୀ କାଳକୁ ୬୨ବର୍ଷ ପର୍ଯ୍ୟନ୍ତ ବଢ଼ାଇବା ଇତ୍ୟାଦି ନ୍ୟାଯ୍ୟ ଦାବି ଗୁଡ଼ିକ ସରକାର ମାନି ନେବାକୁ ଦାବୀ କରିଥିଲେ। ଏହି ବିକ୍ଷୋଭ ସଭାରେ ମାଧ୍ୟମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ଜିଲା ସଭାପତି ମନୋରଞ୍ଜନ ଦାସ, କଂଗ୍ରେସ ନେତା ସତ୍ୟଶିବ ଦାସ, ସନ୍ତୋଷ କୁମାର ଜେନା, ଶିକ୍ଷକ ସମନ୍ୱୟ ସମିତିର ମହାସଚିବ ନଟରଞ୍ଜନ ଘରାଇ, ଓଷ୍ଟାର ସଭାପତି ମହେଶ୍ୱର ଗିରି, କୁଳମଣି ଜେନା, ସମ୍ପାଦକ ଶାଶ୍ୱତ କୁମାର ଜେନା, ବ୍ରଜଗୋପାଳ ଦାସ ବରିଷ୍ଠ ଶିକ୍ଷକ ନେତା ବାଲଗୋପାଲ ଦାସ, ମନୋରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଆନ୍ଦୋଳନକୁ ସମର୍ଥନ କରି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଶିକ୍ଷକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୋଗରାଇ ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା



ସୋର, ୫।୮ (ସମିସ): ସୋର ବ୍ଲକ ସମ୍ମୁଖରେ ୪ଦଫା ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଏବଂ କର୍ମଚାରୀ ସମନ୍ୱୟ କମିଟିର ଶିକ୍ଷକ ଏବଂ କର୍ମଚାରୀମାନଙ୍କ ପକ୍ଷରୁ ଧାରଣା ଓ ପ୍ରତିବାଦ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ ଓ ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ। ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ସହିତ ସରକାରୀକରଣ କରିବା, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଦାବି କରି ଶିକ୍ଷକ ଶିକ୍ଷୟିତ୍ରୀ ଧାରଣାରେ ବସିଥିଲେ। କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମନ୍ୱୟ ସମିତିର ଆବାହକ ତଥା ସୋର ଓଷ୍ଟାର ସମ୍ପାଦକ ବଳରାମ ସ ପ୍ରାରମ୍ଭିକ ଅଭିଭାଷଣ ଦେବା ସଙ୍ଗେ ଅଗଷ୍ଟ ୧୬ ଦାବି ଦିବସରେ ସୋର ବ୍ଲକରୁ ବହୁ ସଂଖ୍ୟାରେ ଶିକ୍ଷକ ସାମିଲ ହେବା ପାଇଁ ଶିକ୍ଷକ ବନ୍ଧୁ ମାନଙ୍କୁ ଅନୁରୋଧ କରିଥିଲେ। ଏହି ଆନ୍ଦୋଳନକୁ ସମର୍ଥନ କରି ଅଲଓଷ୍ଟା ସମ୍ପାଦକ ଗୋପୀନାଥ ରାଉତ, ମହେଶ୍ୱର ବେହେରା, ସୋର ମଣ୍ଡଳର ସହ ସମ୍ପାଦକ ଅଜୟ କୁମାର ପାଢ଼ୀ, ଶ୍ରୀକାନ୍ତ ସୁନ୍ଦର ଦାଶ, ପ୍ରାକ୍ତନ ରାଜ୍ୟ ଶିକ୍ଷା ପ୍ରଦୀପର ସହ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ବେହେରା, ଅଶୋକ କୁମାର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ ବିଜେଡି ସଭାପତି ଶଙ୍କର୍ଷଣ ବାରିକ ଏବଂ କଲେଜ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ ଦାସ ଶିକ୍ଷକ ମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇ ସରକାରଙ୍କ କାର୍ଯ୍ୟକଳାପକୁ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତି ମାନେ ସମାଲୋଚନା କରିଥିଲେ। ଏହି ଅବସରରେ ସୋର ବିଡ଼ିଓଙ୍କ ଅନୁପସ୍ଥିତିରେ ସୋର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟ ରଞ୍ଜନ ନାଥଙ୍କୁ ଏକ ଦାବିପତ୍ର ଶିକ୍ଷାବିଭାଗ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

# ବନ୍ୟା କ୍ଷୟକ୍ଷତି ନେଇ ଉପମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର, ୫।୮ (ସମିସ)

ବାଲେଶ୍ୱର ଜିଲ୍ଲାରେ ଭୟଙ୍କର ବନ୍ୟା ପରେ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ହଜାର ହଜାର ପରିବାର ଘରବାଡ଼ି, ଫସଲ, ରାସ୍ତାଘାଟ, ପାନୀୟ ଜଳ ଏବଂ ଜୀବିକା ହରାଇ ଦୁର୍ଦ୍ଦଶାରେ ରହିଥିବା ବେଳେ କ୍ଷୟକ୍ଷତିର ଆକଳନ ଓ ସରକାରୀ ପଦକ୍ଷେପର ସମୀକ୍ଷା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବାଲେଶ୍ୱର ଗସ୍ତ କରିଥିଲେ। ସେ ସଦର ବ୍ଲକର ପୁରାଡିହା ଓ ଛାନୁଆ ଏବଂ ରେମୁଣା ବ୍ଲକର ଦହପଡ଼ା ଅଞ୍ଚଳକୁ ଯାଇ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ନେଇଥିଲେ। ଗସ୍ତ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଡ୍ରେନେଜ, ଇରିଗେସନ, ପୂର୍ତ୍ତ, କୃଷି, ଜଳସମ୍ପଦ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ବିଧାୟକମାନେ ମଧ୍ୟ ଉପସ୍ଥିତ ରହି ବନ୍ୟା ସ୍ଥିତି, ରିଲିଫ୍ ବଣ୍ଟନ, କ୍ଷୟକ୍ଷତିର ଆକଳନ ଓ ପୁନର୍ବାସ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। କିନ୍ତୁ ବୈଠକ ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମଧ୍ୟ ଆୟୋଜନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଏମିତି କିଛି ପ୍ରଶ୍ନ ଉଠିଥିଲା, ଯାହା ବର୍ଷ ବର୍ଷ ଧରି ବାଲେଶ୍ୱରବାସୀଙ୍କ ମନରେ ରହିଆସିଛି। ସାମ୍ବାଦିକମାନେ ପଚାରିଥିଲେ ପ୍ରତିବର୍ଷ କାହିଁକି ବାଲେଶ୍ୱର ସହର ସହରୀ ବନ୍ୟାରେ ବୁଡ଼ୁଛି ? କୋଷ୍ଟ କେନାଲର ପୁନଃରୁଦ୍ଧାର କେବେ ହେବ ? ବର୍ଷା ପାଣି ନିଷ୍କାସନ ପାଇଁ ସ୍ଥାୟୀ ମାଷ୍ଟର ପ୍ଲାନ୍ କେଉଁଠି? ଡ୍ରେନେଜ ବ୍ୟବସ୍ଥାର ଦୁର୍ବଳତା ପାଇଁ ଦାୟୀ କିଏଙ୍କ? ବନ୍ୟାର ମୂଳ କାରଣ ଦୂର କରିବାକୁ ସରକାରଙ୍କ ଠୋସ୍ ରୋଡମ୍ୟାପ୍ କ'ଣ ? ଏହି ପ୍ରଶ୍ନଗୁଡ଼ିକର ସିଧାସଳଖ ଉତ୍ତର ଦେବା ପରିବର୍ତ୍ତେ ଉପମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରୁ ଉଠି ଚାଲିଯାଇଥିବା ଅଭିଯୋଗ ହୋଇଛି। ଏହାପରେ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି ଯେ, ଯଦି ସହରୀ ବନ୍ୟାର ସ୍ଥାୟୀ ସମାଧାନ, କୋଷ୍ଟ କେନାଲର ପୁନଃରୁଦ୍ଧାର ଏବଂ ଜଳ ନିଷ୍କାସନ ଭଳି ମୌଳିକ ପ୍ରଶ୍ନର ଉତ୍ତର ମଧ୍ୟ ମିଳୁନାହିଁ, ତେବେ ବାର୍ଷିକ ବନ୍ୟା ଘଟଣାରୁ ବାଲେଶ୍ୱର କେବେ ମୁକ୍ତି ପାଇବ? ବାଲେଶ୍ୱରରେ ପ୍ରତ୍ୟେକ ବର୍ଷ ବନ୍ୟା ଆସୁଛି, ସରକାରୀ ଟିମ୍ ଆସୁଛନ୍ତି, ସମୀକ୍ଷା ବୈଠକ ହେଉଛି, କ୍ଷୟକ୍ଷତିର ଆକଳନ ହେଉଛି, ଘୋଷଣା ହେଉଛି; କିନ୍ତୁ ସହରୀ ବନ୍ୟାର ମୂଳ କାରଣ, କୋଷ୍ଟ କେନାଲର ଅବସ୍ଥା, ଅବୈଜ୍ଞାନିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଦୀର୍ଘମିଆଦି ପ୍ରକଳ୍ପକୁ ନେଇ ସ୍ପଷ୍ଟ ନୀତି ଆଜି ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ଫଳରେ ବର୍ଷା ହେଲେ ସହର ଜଳବନ୍ଦୀ, ଲୋକେ ଦୁର୍ଦ୍ଦଶାରେ ଏବଂ ପ୍ରଶାସନ ଅସହାୟ ହେଉଥିବା ଦୃଶ୍ୟ ପ୍ରତିବର୍ଷ ପୁନରାବୃତ୍ତି ହେଉଛି। ଏବେ ପ୍ରଶ୍ନ ଉଠୁଛି ବାଲେଶ୍ୱରବାସୀଙ୍କୁ କେବଳ କ୍ଷୟକ୍ଷତିର ହିସାବ ମିଳିବ, ନା ବନ୍ୟାର ସ୍ଥାୟୀ ସମାଧାନର ରୋଡମ୍ୟାପ୍ ମଧ୍ୟ ମିଳିବ ? ସମୀକ୍ଷା ବୈଠକ ପରେ ଯଦି ଜନସାଧାରଣଙ୍କ ପକ୍ଷରୁ ଉଠୁଥିବା ପ୍ରଶ୍ନର ଉତ୍ତର ମିଳେନାହିଁ, ତେବେ ଏହା ସ୍ୱାଭାବିକ ଭାବେ ପ୍ରଶାସନିକ ସ୍ୱଚ୍ଛତାକୁ ନେଇ ନୂଆ ପ୍ରଶ୍ନ ସୃଷ୍ଟି କରୁଛି।

**● ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ**

**● ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ନ ଦେଇ ଚାଲିଗଲେ**

## ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ତଳେ ବସିଲେ ସାମ୍ବାଦିକ

ଜିଲ୍ଲାର ବାତ୍ୟା ପରବର୍ତ୍ତୀ ପରିସ୍ଥିତି ଓ ସରକାରୀ ସହାୟତା ପ୍ରଦାନ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ସହ ସାମ୍ବାଦିକ ସମ୍ମିଳନୀକୁ କଭରେଜ୍ କରିବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ଅପରାହ୍ନ ୬ ଟା ସମୟରେ ଡକାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ନିର୍ଦ୍ଧାରିତ ସମୟରୁ ଆସି ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ମାତ୍ର ବୈଠକ ଆରମ୍ଭ ହେବା ସମୟରେ ସେମାନଙ୍କୁ ବୈଠକ ହଲ୍ ଭିତରକୁ ପ୍ରବେଶ




କରିବାକୁ ଦିଆଯାଇନଥିଲା କିମ୍ବା ସେମାନଙ୍କ ବସିବା ପାଇଁ କୌଣସି ଆସନ ବ୍ୟବସ୍ଥା କରାଯାଇନଥିଲା କିମ୍ବା ପାନୀୟ ଜଳର ମଧ୍ୟ ସୁବ୍ୟବସ୍ଥା କରିନଥିଲା ଜିଲ୍ଲା ପ୍ରଶାସନ। ଅପରପକ୍ଷରେ, ଗଣମାଧ୍ୟମ ପ୍ରତିନିଧିଙ୍କୁ ବାହାରେ ରଖାଯାଇଥିବା ବେଳେ ବୈଠକ ହଲ୍ ଭିତରେ ଦଳୀୟ କର୍ମୀ ଓ ଅନ୍ୟାନ୍ୟ ଅନଧିକୃତ ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦେଇ ବସାଯାଇଥିବା ଦୃଶ୍ୟ ସାମ୍ନାକୁ ଆସିବା ପରେ ପ୍ରଶାସନର ଭୂମିକାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବାଲେଶ୍ୱର ଜିଲ୍ଲାର ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଉପ ମୁଖ୍ୟମନ୍ତ୍ରୀଙ୍କ ବାଇଟ ଦେବା ସମୟରେ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ତଳେ ବସିଥିବାରୁ ସଦର ବିଧାୟକ ଏବଂ ରେମୁଣା ବିଧାୟକ ତଥା ସରକାରୀ ଦଳ ଉପ ମୁଖ୍ୟ ସଚେତକ ସାମ୍ବାଦିକଙ୍କୁ ହାତ ଧରି ଉଠାଇଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଜିଲ୍ଲାପ୍ରଶାସନର ଅବହେଳାର ଚିତ୍ର ସମସ୍ତଙ୍କୁ ତାଜୁବ କରିଥିଲା।

# ତାମୁଲିଆ ଉଡ଼ନ୍ତା ପୋଲ ମରାମତି ଆରମ୍ଭ



ବାଲେଶ୍ୱର, ୫।୮ (ସମିସ): ବାଲେଶ୍ୱର ତାମୁଲିଆ ଉଡ଼ନ୍ତା ପୋଲକୁ ନେଇ ଜନସାଧାରଣଙ୍କ ଆନ୍ଦୋଳନ, ବିକ୍ଷୋଭ ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ ପରେ ଶେଷରେ ମରାମତି କାମ ଆରମ୍ଭ ହୋଇଛି। କିନ୍ତୁ ଯେଉଁ ପଦ୍ଧତିରେ କାମ ଆରମ୍ଭ କରାଯାଇଛି, ତାହା ଜନସାଧାରଣଙ୍କ ସୁରକ୍ଷା ଓ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ନୂଆ ପ୍ରଶ୍ନ ସୃଷ୍ଟି କରିଛି। ସହରର ସବୁଠାରୁ ବ୍ୟସ୍ତ ପ୍ରବେଶପଥ ହୋଇଥିବା ଏହି ଓଭରବ୍ରିଜରେ ରାସ୍ତାର ଏକ ଅଂଶ ଖୋଲାଯାଇଥିଲେ ମଧ୍ୟ ଯାତାୟାତ ବନ୍ଦ କରାଯାଇ ନ ଥିଲା। ବିକଳ୍ପ ରୁଟ୍, ସୁସଂଗଠିତ ଟ୍ରାଫିକ୍ ଡାଇଭର୍ସନ୍, ପର୍ଯ୍ୟାପ୍ତ ବ୍ୟାରିକେଡ୍, ସତର୍କ ସୂଚନା ବୋର୍ଡ ଓ ଟ୍ରାଫିକ୍ ନିୟନ୍ତ୍ରଣର ସ୍ପଷ୍ଟ ବ୍ୟବସ୍ଥା ବିନା କାମ ଆରମ୍ଭ ହେବାରୁ ଦିନସାରା ହଜାର ହଜାର ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭାରୀ ଟ୍ରକ୍, ବସ୍, ସ୍କୁଲ ବସ୍, ଆମ୍ବୁଲାନ୍ସ ଓ ଛୋଟ ଯାନ ଗୋଟିଏ ପାର୍ଶ୍ୱ ଦେଇ ଚଳାଚଳ କରିବାରୁ ବିପଦପୂର୍ଣ୍ଣ ପରିସ୍ଥିତି ଦେଖାଦେଇଥିଲା। ଗତ ୪ ଅଗଷ୍ଟରେ ଜନସାଧାରଣଙ୍କ ପ୍ରତିବାଦ ପରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶ୍ୱାସନ ଦେଇଥିଲେ ଯେ କାମ ତୁରନ୍ତ ଆରମ୍ଭ ହେବ ଓ ୨୦୨୭ ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ। ପ୍ରତିମାସ କାମର ଅଗ୍ରଗତି ସାର୍ବଜନୀନ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ତେବେ ପ୍ରଥମ ଦିନର ଦୃଶ୍ୟ ଦେଖି ଲୋକଙ୍କ ପ୍ରଶ୍ନ କାମର ଗତି ସହିତ ସୁରକ୍ଷା ଓ ଯୋଜନାବଦ୍ଧ ପରିଚାଳନାକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଉଛି କି? ଏହି ପ୍ରକଳ୍ପ ପାଇଁ ପୂର୍ତ୍ତ ବିଭାଗର ବାଲେଶ୍ୱର ଡିଭିଜନ୧ ପକ୍ଷରୁ ୪.୪୬ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଥିବା ବେଳେ ୩.୬୨ କୋଟି ଟଙ୍କାରେ ଚୁକ୍ତି ସ୍ୱାକ୍ଷର ହୋଇଛି। କାମ ସମ୍ପୂର୍ଣ୍ଣ ପାଇଁ ଛଅ ମାସରୁ ଅଧିକ ସମୟ ଧାର୍ଯ୍ୟ ହୋଇଛି। ଏତେ ବଡ଼ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଯଦି ଟ୍ରାଫିକ୍ ପରିଚାଳନା ଓ ସୁରକ୍ଷା ପାଇଁ ପ୍ରସ୍ତୁତି ନ ଥାଏ, ତେବେ ପ୍ରକଳ୍ପ ପରିଚାଳନାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅନ୍ୟପଟେ, ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ଉଡ଼ନ୍ତା ପୋଲରେ ବର୍ଷକୁ ବର୍ଷ ମରାମତି କାମ ହେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ମିଳୁନାହିଁ। ଏହା ଫଳରେ ପ୍ରତିବର୍ଷ ଯାତାୟାତ ବାଧାପ୍ରାପ୍ତ ହେଉଛି ଏବଂ ସାଧାରଣ ଲୋକ ଅସୁବିଧା ଭୋଗୁଛନ୍ତି। ଏବେ ସମସ୍ତଙ୍କ ନଜର ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନର ସମନ୍ୱିତ ପଦକ୍ଷେପ ଉପରେ।

# ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ବାଲେଶ୍ୱର ସଦର, ୫।୮ (ସମିସ): ସାରା ରାଜ୍ୟ ଏବେ ଶିକ୍ଷା ବିଭାଗ କୁ ନେଇ ଚର୍ଚ୍ଚାରେ। କେତେ ବେଳେ ପିଲାଙ୍କ ପଢ଼ା ବହିରେ ଭୁଲକୁ ନେଇ କେତେ ବେଳେ ଶିକ୍ଷକ ଅଭାବ ନେଇ। ଏଭଳି ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ କସିପଦା



ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ସ୍କୁଲରେ ଚଳିତ ବର୍ଷ ୩୬୧ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି କିନ୍ତୁ ଦୁର୍ଭାଗ୍ୟ ର ବିଷୟ ସ୍କୁଲ ରେ ପ୍ରଧାନ ଶିକ୍ଷକଙ୍କୁ ଛାଡି ଦେଲେ ଜଣେ ଶିକ୍ଷକ ଓ ତିନି ଜଣ ଶିକ୍ଷୟିତ୍ରୀ ଅଛନ୍ତି। ସେହି ଜଣେ ଶିକ୍ଷକ ସରକାରଙ୍କ ଏସ ଆଇ ଆର କାମରେ ଲାଗି ରହିଛନ୍ତି। ତେଣୁ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ତିନୋଟି ଦିଦି କ'ଣ ପଢ଼ାଇବେ କଣ ପଢ଼ିବେ କଣ ଶିଖିବେ ଛାତ୍ର ଛାତ୍ରୀ। ତାହାକୁ ନେଇ ନେଇ ଆଜି ସ୍କୁଲ ରେ ପି ଟି ଏ ମିଟିଂ ରେ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଯଦି ଖୁବ୍‌ଶୀଘ୍ର ଶିକ୍ଷକ ପଦ ପୂରଣ ନ ହୁଏ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି କହିଛନ୍ତି।

# ପଡ଼ିରହିଛି ୪୦ ଲକ୍ଷ, ହେଉନି ଉନ୍ନତିମୂଳକ କାର୍ଯ୍ୟ

ରାଜଘାଟ, ୫।୮ (ସମିସ): କେନ୍ଦ୍ର ସରକାରଙ୍କ 'ଆଦର୍ଶ ଗ୍ରାମ ଯୋଜନା' ଅଧୀନରେ ବସ୍ତା ବ୍ଲକ ତାଡଦା ପଞ୍ଚାୟତ ଅନ୍ତର୍ଗତ ପାଣସୁଳିଆ ଗ୍ରାମ ପାଇଁ ୨୦୨୨ ମସିହାରେ ଆସିଥିବା ୪୦ ଲକ୍ଷ ଟଙ୍କା ପଡ଼ି ରହିଛି। କିଛି ମନ୍ଦ ଉଦେଶ୍ୟ ରଖିଥିବା ମୁଷ୍ଟିମେୟ ଲୋକଙ୍କ ଯୋଗୁଁ ଗ୍ରାମର ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନି ବୋଲି ଅଭିଯୋଗ କରି କିଛି ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ୨୦୨୨ ମସିହାରେ ଆଦର୍ଶ ଗ୍ରାମ ପାଇଁ ଆସିଥିବା ୪୦ ଲକ୍ଷ ଟଙ୍କାରୁ ମାତ୍ର ୫ଲକ୍ଷ ଟଙ୍କାର ଏକ ବୋରିଂ ହୋଇ ଆହୁରି ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନପାରି ପଡ଼ିରହିଛି। ଗ୍ରାମରେ ରାସ୍ତା, ପାନୀୟ ଜଳ, ଡ୍ରେନେଜ ଓ ସୌର ଆଲୋକ ପାଇଁ ଯୋଜନା ଥିଲା। କିନ୍ତୁ ଗ୍ରାମରେ କିଛି ହୋଇନାହିଁ। କିଛି ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ପ୍ରଭାବଶାଳୀ ମୁଷ୍ଟିମେୟ ଲୋକ ଟେଣ୍ଡର ଓ କାମ ନିଜ ମର୍ଜିରେ କରିବାକୁ ଚାହୁଁଥିବାରୁ ଫାଇଲ ଅଟକି ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ତାଡଦା ସରପଞ୍ଚ ପ୍ରଭାତ ଦାସ ବସ୍ତା ବିଡ଼ିଓ ଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ ପରେବି କୌଣସି ସୁଫଳ ନ ମିଳିବାରୁ, ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିରରେ ତାଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେଇଛନ୍ତି। ସେମାନେ ଦାବି କରିଛନ୍ତି, ତୁରନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଉ। ଯେଉଁମାନେ ଟଙ୍କା ଅଟକାଇ ରଖିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ପୋଲିସ ସୁରକ୍ଷାରେ ଗ୍ରାମର ଉନ୍ନତି ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ କରାଯାଉ। ଆଦର୍ଶ ଗ୍ରାମ ଯୋଜନାରେ ଗ୍ରାମର ଭୌତିକ ଓ ସାମାଜିକ ଉନ୍ନତି ପାଇଁ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିଥାନ୍ତି ଯଦି ଏହା ନହୋଇ ପାରିବ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପିଏମ୍‌ଶ୍ରୀ ଶ୍ୟାମ ସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାପୀଠରେ ଖାଦ୍ୟ ପ୍ରଦର୍ଶନୀ

ସୋର, ୫।୮ (ସମିସ): ସୋର ବ୍ଲକ ପାଖର ପଞ୍ଚାୟତ ପି.ଏମ୍. ଶ୍ରୀ ଶ୍ୟାମ ସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ସ୍ୱାସ୍ଥ୍ୟ ଯତ୍ନଶୀଳତା ଉପରେ ଏକ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟର ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଖାଦ୍ୟ ପ୍ରଦର୍ଶନୀକୁ ପାଖର ପଞ୍ଚାୟତର ସରପଞ୍ଚ ପଦ୍ମାଳୟା ମହାପାତ୍ର ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ଯତ୍ନଶୀଳତା ବିଷୟରେ ୨୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ଘରୋଇ ଖାଦ୍ୟ ପ୍ରସ୍ତୁତ କରି ମେଳାରେ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ଶୁକଦେବ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଭୋଳାନାଥ ପଣ୍ଡା, ସମ୍ପାଦକ ଭାଗୀରଥି ବିଶ୍ୱାଳ, ପ୍ରାକ୍ତନ ଛାତ୍ର ବିଦ୍ୟାଧର ପ୍ରଧାନ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପ୍ରସାଦ ପାତ୍ର, ଛାତ୍ରଛାତ୍ରୀମାନେ ଖୋଲା ବଜାରରେ ବିକ୍ରି ହେଉ ଥିବା ଫାଷ୍ଟ ଫୁଡ଼ର ବ୍ୟବହାର ନ କରି ଘରୋଇ ପ୍ରସ୍ତୁତ ଖାଦ୍ୟକୁ ଦୈନନ୍ଦିନ ଜୀବନରେ ବ୍ୟବହାର କଲେ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖାଯାଇ ପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ଥିଲେ। ବିଚାରକ ଭାବେ ପାଖର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର୍ ଡକ୍ଟର ସୂର୍ଯ୍ୟ ନାରାୟଣ ଘରୋଇ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଯଥା ନାଲି ଚୁଡ଼ା, ମୁଢ଼ି, ପିଠା, ଛତୁଆ ଓ ବିଭିନ୍ନ ପ୍ରକାରର ଋତୁକାଳୀନ ଫଳ ଓ ପନିପରିବା ଗୁଡ଼ିକରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ରହିଥିବାରୁ ସେଗୁଡ଼ିକ ଦୈନନ୍ଦିନ ଜୀବନରେ ବ୍ୟବହାର କଲେ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରହିବ ବୋଲି ମତ ରଖିଥିଲେ। ଅନ୍ୟତମ ବିଚାରକ ଭାବେ ଗୋପାଳପୁର ପି.ଏମ୍. ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାପୀଠର ଖାଦ୍ୟ ପ୍ରକ୍ରିୟାକରଣ ବିଭାଗର ଶିକ୍ଷକ ଜୀବନକୃଷ୍ଣ ସାହୁ ଛାତ୍ରଛତ୍ରୀମାନେ ହାତ ତିଆରି ଖାଦ୍ୟକୁ ଆଦରି ନେଲେ ସ୍ୱାସ୍ଥ୍ୟର ଗୁଣବତ୍ତା ବଜାୟ ରହିପାରିବ ବୋଲି ଦର୍ଶାଇ ଥିଲେ। ଉଭୟ ବିଚାରକ ପ୍ରତିଟି ଷ୍ଟଲକୁ ପରିଦର୍ଶନ କରି ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସଞ୍ଜନାରାଣୀ ମଲିକ (ପ୍ରଥମ), ସୁନୀତା ମହାପାତ୍ର ଓ ଇପ୍ସିତା ଜେନା(ଯୁଗ୍ମ ଦ୍ୱିତୀୟ), ବିଜୟଲକ୍ଷ୍ମୀ ନାୟକ (ତୃତୀୟ) ହୋଇଥିବା ବେଳେ ନବମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସ୍ନେହା ପ୍ରିୟଦର୍ଶନୀ ସେଠି (ପ୍ରଥମ), ବୀରେନ୍ଦ୍ର ସାହୁ (ଦ୍ୱିତୀୟ), ଚିନ୍ମୟୀ ରଣା(ତୃତୀୟ) ସ୍ଥାନ ଅଧିକାର କରିଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କଲବଲ କରୁଛି ରେମୁଣା ଗୋଲେଇ ଟ୍ରାଫିକ ସମସ୍ୟା

ରେମୁଣା, ୫।୮ (ସମିସ)



ବାଲେଶ୍ୱର ଓ ରେମୁଣାର ମୁଖଶାଳା କୁହାଯାଉଥିବା ରେମୁଣା ଗୋଲେଇ ବିପର୍ଯ୍ୟସ୍ତ ଟ୍ରାଫିକ ପାଇଁ ଯାତାୟାତରେ ବାଧା ଉପୁଜୁଛି। ଘଣ୍ଟା ଘଣ୍ଟା ଧରି ଜାମରେ ଫସି ରହୁଛନ୍ତି ନିରୀହ ଯାତ୍ରୀ ଓ ଏହା ସହିତ ସବୁଠାରୁ ଦୁଃଖର ବିଷୟ ଏହି ଭିଡ଼ରେ ବାଦ ପଡୁନାହିଁ ଆମ୍ବୁଲାନ୍ସ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସହରର ମୁଖଶାଳା ରେମୁଣା ଗୋଲେଇର ସ୍ଥିତି ସୁଧୁରିବାର ନାଁ ଧରୁନାହିଁ। ଫଳରେ ପ୍ରଶାସନିକ ଅବହେଳା ଯୋଗୁଁ ରେମୁଣା ଗୋଲେଇ ଟ୍ରାଫିକରେ ଘଣ୍ଟା ଘଣ୍ଟା ଧରି ଫସି ରହୁଛନ୍ତି ସାଧାରଣଜନତାଙ୍କ ସହିତ ନିରୀହ ରୋଗୀ। ଆଜି ଦ୍ୱିପ୍ରହର ସମୟରେ ଘଣ୍ଟା ଘଣ୍ଟା ଧରି ରେମୁଣାରେ ପ୍ରବଳ ବର୍ଷା ସହିତ ଘଡଘଡି ହୋଇଥିଲା। ସେହି ସମୟରେ ରେମୁଣା ଗୋଲେଇ ବ୍ରିଜ ତଳେ ବର୍ଷାରୁ ରକ୍ଷା ପାଇବା ପାଇଁ ବହୁ ପଥଚାରୀ ନିଜ ଯାନବାହାନ ସହିତ ଛିଡ଼ା ହୋଇ ରହିଥିଲେ। ଜାମ ଏତେ ମାତ୍ରାରେ ଥିଲା ଚାଲିକି ଯିବା ବି ସମ୍ଭବ ହୋଇନଥିଲା। ଏହା ସହିତ ଗୋଲେଇର ଚତୁଃର୍ଦ୍ଦିଗକୁ ପାଖାପାଖି ୧ କିଲୋମିଟର ପର୍ଯ୍ୟନ୍ତ ଧାଡି ହୋଇ ବିଭିନ୍ନ ଯାନବାହାନ ଘଣ୍ଟାଧିକ ସମୟ ଛିଡା ହୋଇ ରହିଥିଲା। ଫଳରେ ବିଭିନ୍ନ ଜରୁରୀକାଳୀନ ଯାନବାହାନ ଉକ୍ତ ଜାମରେ ଫସି ରହିଥିବାର ଲକ୍ଷ କରାଯାଇଛି। ରେମୁଣାରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ, ଫକୀରମୋହନ ୟୁନିଭରସିଟି ଥିବାରୁ ରେମୁଣାର ମୁଖ୍ୟରାସ୍ତା ଅଧିକ ଚଳଚଞ୍ଚଳ ହୋଇଛି। ବିଶେଷ ଭାବେ ରେମୁଣା ଗୋଲେଇ ଦେଇ ସବୁବେଳେ ଆମ୍ବୁଲାନ୍ସ ଯାତାୟାତ କରୁଛି। ହେଲେ ଏଠାରେ କୌଣସି ଟ୍ରାଫିକ ବ୍ୟବସ୍ଥା ନଥିବା କାରଣରୁ ଯାତାୟତରେ ପ୍ରଭାବ ଦେଖିବାକୁ ମିଳିଛି। ଦୈନିକ ରେମୁଣା ଗୋଲେଇରେ ସମସ୍ତ ଦିଗରୁ ବିଭିନ୍ନ ଯାନବାହାନ ମୁହାଁମୁହିଁ ହେବା ଫଳରେ ପ୍ରବଳ ଜାମ ହେଉଛି। ହେଲେ ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ବସିଛି। ଏଠାରେ ପ୍ରଶ୍ନ ଉଠୁଛି କି ଏଭଳି ଏକ ଜନଗହଳିପୂର୍ଣ୍ଣ ସମ୍ବେଦନଶୀଳ ସ୍ଥାନ ବିଷୟରେ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ବସିଛି କଣ ପାଇଁ। ଯଥାଶୀଘ୍ର ରେମୁଣା ଗୋଲେଇରେ ଟ୍ରାଫିକ ପୋଷ୍ଟ ସହିତ ଟ୍ରାଫିକ ପୁଲିସ ନିୟୋଜିତ କରିବାକୁ ସାଧାରଣରେ ତଥା ବୁଦ୍ଧିଜୀବି ମହଲରେ ପ୍ରବଳ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏହା ଜନ ଆନ୍ଦୋଳନର ରୂପ ନେବ ବୋଲି ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।

# 'ଭାରତରେ ସମାଜ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ଭବିଷ୍ୟତ' ଆଲୋଚନାଚକ୍ର

ବାଲେଶ୍ୱର, ୫।୮(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଭାରତରେ ସମାଜ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ଭବିଷ୍ୟତ ଶୀର୍ଷକରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ତଥା ଭାରତୀୟ ସମାଜବିଜ୍ଞାନ ସମିତି, ନୂଆଦିଲ୍ଲୀର ସଭାପତି ଡ. ଦୀପ୍ତି ରଞ୍ଜନ ସାହୁ ମୁଖ୍ୟ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ




ଭାରତରେ ସମାଜ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ବର୍ତ୍ତମାନ ସ୍ଥିତି, ପରିବର୍ତ୍ତନଶୀଳ ଧାରା, ନୂତନ ଆହ୍ୱାନ ଏବଂ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଓ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ସମାଜର ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତିରେ ସାମାଜିକ ବିଜ୍ଞାନର ଗୁରୁତ୍ୱ ଏବଂ ସମସାମୟିକ ସାମାଜିକ ସମସ୍ୟାର ସମାଧାନରେ ଏହାର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫିରୋଜ କୁମାର ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ସମାଜ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ. ସେବତୀ ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡକ୍ଟର ମୌସୁମୀ ଦାସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାର ବର୍ଣିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଗବେଷକ ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ସ୍ୱତନ୍ତ୍ର ଆଲୋଚନାଚକ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଜ ବିଜ୍ଞାନ ପ୍ରତି ଆଗ୍ରହ ଏବଂ ଗବେଷଣାମୂଳକ ଚିନ୍ତାଧାରାକୁ ଅଧିକ ସୁଦୃଢ଼ କରିଥିବା ମତ ପ୍ରକାଶ ପାଇଥିଲା। ଡ. ସେବତୀ ମଲ୍ଲିକ, ବିଭାଗୀୟ ମୁଖ୍ୟ, ଏହି ସଭାର ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଛାତ୍ରୀ ପ୍ରତିଜ୍ଞା ପ୍ରତିଶ୍ରୁତି ସ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସଭା ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

# କୁମ୍ଭୀର-କାନ୍ଦଣା

କୁମ୍ଭୀର ଆକ୍ରମଣରେ ମଣିଷ ମୃତ୍ୟୁ ଘଟଣାରେ କେନ୍ଦ୍ରାପଡ଼ା ପୁଣି ଥରେ ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଦାମୋଦରପାଟଣା ଗ୍ରାମର ଜନୈକା ୪୬ ବର୍ଷର ମହିଳା ଶୌଚ ହେବା ପାଇଁ ବ୍ରାହ୍ମଣୀ ନଦୀ ତଟକୁ ଯାଇଥିବା ବେଳେ କୁମ୍ଭୀର ତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ଏଭଳି ଅବାଞ୍ଛିତ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ନିୟମିତ ଘଟଣା ହୋଇଯାଇଛି। ସରକାରୀ ସୂତ୍ରରୁ ପ୍ରାପ୍ତ ତଥ୍ୟାନୁଯାୟୀ ଗତ ୧୭ ମାସ ଭିତରେ କୁମ୍ଭୀର ଆକ୍ରମଣରେ ୬ଜଣଙ୍କ ଜୀବନ ଯାଇଥିବା ବେଳେ ଗତ ତିନିବର୍ଷ ଭିତରେ ୧୬ ଜଣଙ୍କର ମୃତ୍ୟୁ ଘଟିଛି।

ମଣିଷ-ପଶୁ ଲଢ଼େଇ ଓ ମୃତାହତ ଘଟଣା ଅସ୍ୱାଭାବିକ ନୁହେଁ। ଜୀବନ ସଂଘର୍ଷରେ ଉଭୟେ ଉଭୟଙ୍କୁ ଆକ୍ରମଣ ଓ ପ୍ରତିଆକ୍ରମଣର କ୍ରିୟା-ପ୍ରତିକ୍ରିୟା ପ୍ରାଗ୍‌ଐତିହାସିକ ଯୁଗରୁ ଚାଲିଆସିଛି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା, ବିଶେଷକରି ରାଜନଗର ବ୍ଲକର ବିଭିନ୍ନ ନଦୀକୂଳିଆ ଅଞ୍ଚଳରେ ଘଟୁଥିବା କୁମ୍ଭୀର-ମଣିଷ ଲଢ଼େଇର କାହାଣୀ ଭିନ୍ନ ଧରଣର। ସ୍ଥାନୀୟ ଭିତରକନିକା ଅଭୟାରଣ୍ୟରେ ବିଶ୍ୱବିଦିତ ଘଡ଼ିଆଳ କୁମ୍ଭୀର ପ୍ରକଳ୍ପ ଆରମ୍ଭ ହେବାର କିଛିବର୍ଷ ପରେ ଏହି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟତଃ ଘଡ଼ିଆଳ କୁମ୍ଭୀରର ବଂଶବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ଏବେ କୁମ୍ଭୀର ସଂଖ୍ୟା ଏତେ ବଢ଼ିଯାଇଛି ଯେ ସେମାନେ ଖାଦ୍ୟ ଅନ୍ୱେଷଣରେ ନଦୀ ତଟକୁ ଚାଲି ଆସି ମଣିଷମାନଙ୍କୁ ଆକ୍ରମଣ କରୁଛନ୍ତି। ଏଣୁ ସେମାନଙ୍କ ସଂଖ୍ୟା ହ୍ରାସ କରିବାକୁ ସ୍ଥାନୀୟ ଅଞ୍ଚଳରୁ ବାରମ୍ବାର ଦାବି ହୋଇଆସୁଛି।

ଅପରପକ୍ଷରେ ପରିବେଶବିତ୍ ଓ ପ୍ରାଣୀ ଅଧିକାର ବିଶେଷଜ୍ଞମାନେ ଭିନ୍ନ ମତ ପୋଷଣ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ପଶୁମାନେ ପ୍ରଥମେ ମଣିଷକୁ ଆକ୍ରମଣ କରନ୍ତି ନାହିଁ। ପ୍ରଜନନ ସମୟରେ କିମ୍ବା ଜନ୍ମିତ ଶାବକ କିମ୍ବା ସେମାନଙ୍କ ଅଣ୍ଡାର ସୁରକ୍ଷା ବେଳେ ସେମାନେ ଆକ୍ରମଣାତ୍ମକ ହୁଅନ୍ତି। ଆକ୍ରମଣ ପୂର୍ବରୁ ଏକ ସତର୍କ ସଙ୍କେତ ଦେଇଥା'ନ୍ତି। ତାହାକୁ ଭ୍ରୂକ୍ଷେପ ନ କଲେ ସେମାନେ ଆକ୍ରମଣ କରନ୍ତି। ତେଣୁ ରାଜନଗର ଅଞ୍ଚଳରେ କୁମ୍ଭୀର-ମଣିଷ ଲଢ଼େଇର ଯେଉଁ ଦୁର୍ଭାଗ୍ୟଜନକ ଅଘଟଣମାନ ଘଟୁଛି ତାହା ମୁଖ୍ୟତଃ ନଦୀକୂଳରେ କୁମ୍ଭୀରମାନେ ଦେଇଥିବା ଅଣ୍ଡାର ସୁରକ୍ଷା ଦୃଷ୍ଟିରୁ ହୋଇଥାଇପାରେ। ପୁଣି ଘଡ଼ିଆଳ କୁମ୍ଭୀରମାନେ ଏତେ ଆକ୍ରମଣାତ୍ମକ ନୁହନ୍ତି। ସେଠାରେ ବାହାରୁ ଆସି ବସବାସ କରୁଥିବା ମଗର କୁମ୍ଭୀରମାନେ ହିଁ ମଣିଷମାନଙ୍କୁ ଅଧିକ ଆକ୍ରମଣ କରୁଥାଇପାରନ୍ତି।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବର୍ଷାଋତୁରେ କୁମ୍ଭୀରମାନେ ଭିତରକନିକା, ସାତକୋଶିଆ ଅଞ୍ଚଳରୁ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଆଦି ନଦୀ ଅଞ୍ଚଳକୁ ଭାସି ଆସନ୍ତି। ତେଣୁ ବର୍ଷାଋତୁ ଚାରିମାସ ଲୋକମାନେ ନଦୀକୂଳକୁ ଯଥାସମ୍ଭବ ବର୍ଜନ କରିବା ଉଚିତ। ଏବେ ଗାଁଗାଁରେ ନଳକୂପ, ପାନୀୟ ଜଳ ଯୋଗାଣ ଆଦି ହୋଇସାରିଥିବାରୁ ନଦୀକୂଳକୁ ଯିବା ନିହାତି ଅପରିହାର୍ଯ୍ୟ ନୁହେଁ। ଏହାଛଡ଼ା ବନବିଭାଗ ତରଫରୁ କୁମ୍ଭୀର ପ୍ରବଣ ଅଞ୍ଚଳରେ ଅସ୍ଥାୟୀ ଘାଟ ଓ ଘେରାମାନ ନିର୍ମାଣ କରାଯାଇଛି, ଯେଉଁଠାରେ ଲୋକମାନେ ସୁରକ୍ଷିତ ଭାବେ ସ୍ନାନଶୌଚାଦି ନିତ୍ୟକର୍ମ କରିପାରିବେ। ଏହି ସାବଧାନତା ଉଲ୍ଲଙ୍ଘନ କରି ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ବନବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ ପ୍ରାୟ ଦୁଇମାସ ପୂର୍ବରୁ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁରେ ବନବିଭାଗ ଦ୍ୱାରା ନିର୍ମିତ ଗାଧୁଆ ତୁଠରୁ ଜନୈକ ବ୍ୟକ୍ତିଙ୍କୁ କୁମ୍ଭୀର ପାଣିଭିତରକୁ ଟାଣି ନେଇଥିବା ବେଳେ କୁମ୍ଭୀର ସହିତ ସଂଘର୍ଷ କରି ସେ ଭାଗ୍ୟବଳରେ ବଞ୍ଚିଯାଇଥିଲେ। ଏହି ଦୁର୍ଘଟଣା ବନବିଭାଗ ଦ୍ୱାରା ଚିହ୍ନିତ ସୁରକ୍ଷିତ ଅଞ୍ଚଳରେ ଘଟିଥିବାରୁ ଲୋକଙ୍କ ଅସାବଧାନତା କହି ଉତ୍ତରଦାୟିତ୍ୱରୁ ଓହରି ଯାଇପାରିବ ନାହିଁ। ରାଜନଗର ବ୍ଲକ ଏଭଳି କୁମ୍ଭୀର-ମଣିଷ ଲଢ଼େଇର ଏକପ୍ରକାର ପ୍ରୟୋଗସ୍ଥଳ ପାଲଟିଥିବା ବେଳେ କର୍ତ୍ତୃପକ୍ଷ ଓ ଜନସାଧାରଣ ପରସ୍ପରକୁ ଦୋଷ ଲଦାଲଦି ହୋଇ ଆସୁଛନ୍ତି।

ଏ ସବୁ ତର୍କ-ବିତର୍କ ଏବଂ ଆରୋପ-ପ୍ରତ୍ୟାରୋପରୁ ଊର୍ଦ୍ଧ୍ୱରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଜଙ୍ଗଲୀ ପଶୁମାନଙ୍କ ସଂଖ୍ୟା ନିର୍ଦ୍ଧାରିତ ସୀମା ଟପିଲେ ଜୈବ ସନ୍ତୁଳନ ନିୟନ୍ତ୍ରଣ ପାଇଁ ସରକାରୀ ଭାବେ ସେମାନଙ୍କୁ ନିପାତ ବା ଶିକାର କରିବାକୁ ଆଇନରେ ପ୍ରାବଧାନ ରହିଛି। ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏଭଳି ବନ୍ୟଜନ୍ତୁ ନିପାତ(କଲିଂ) ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ଏପରିକି 'ମଣିଷଖିଆ' ପ୍ରମାଣିତ ହେଲେ ଜାତୀୟ ପଶୁ ବାଘକୁ ମଧ୍ୟ ଶିକାର କରାଯିବା ପାଇଁ ଭାରତରେ ଅନୁମତି ରହିଛି। ସେହି ନିୟମ ଅଧୀନରେ ଭିତରକନିକାରେ ଦିନକୁଦିନ ବୃଦ୍ଧି ପାଇ ଚାଲିଥିବା ଏବଂ ଜନବସତି ପ୍ରତି ଆତଙ୍କ ସୃଷ୍ଟି କରୁଥିବା କୁମ୍ଭୀରମାନଙ୍କର ନିପାତ ବା ଶିକାର କରା ନ ଯିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ବନ୍ୟଜନ୍ତୁ ବିଶାରଦଙ୍କ ସୂଚନା ଅନୁଯାୟୀ କୁମ୍ଭୀର ସଂରକ୍ଷିତ ବର୍ଗ ତାଲିକାରେ ସାମିଲ୍ ହୋଇସାରିଥିବାରୁ ସେମାନଙ୍କୁ କଲିଂ କରାଯାଇପାରିବ ନାହିଁ। ଏଥିପାଇଁ ବନ୍ୟଜନ୍ତୁ ସଂରକ୍ଷଣ ଆଇନରେ ସଂଶୋଧନ ଆଣିବା ଆବଶ୍ୟକ।

ପରିବେଶବିତ୍‌ମାନଙ୍କ ଦୃଷ୍ଟିରେ ଲୋକମାନେ ନିଜର ଅସାବଧନତା ଯୋଗୁଁ କୁମ୍ଭୀରକୁ ଦୋଷ ଦେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କୁମ୍ଭୀର ଆକ୍ରମଣ ଜନିତ ମୃତାହତ ଘଟଣାରେ ସରକାରୀ କ୍ଷତିପୂରଣ ରାଶି ପରିମାଣ ବୃଦ୍ଧି ପାଉଥିବାରୁ ଏଭଳି ଅଘଟଣ ଓ ଅଭିଯୋଗ ସଂଖ୍ୟା ବଢ଼ୁଛି। ସରକାରୀ ଅନୁକମ୍ପା ରାଶି ପାଇବା ପାଇଁ ଜାଣିଶୁଣି ଯେ କେହି ମରଣ ମୁହଁକୁ ଯିବ ସେ ଯୁକ୍ତି ଅବାନ୍ତର ଲାଗୁଛି। ଅପରପକ୍ଷରେ ସ୍ଥାନୀୟ ଲୋକମାନେ ପାଲଟା ଅଭିଯୋଗ କରୁଛନ୍ତି। କୁମ୍ଭୀରକୁ ସରକାରୀ ପୃଷ୍ଠପୋଷକତା ଓ ସୁରକ୍ଷା ମିଳୁଥିବାରୁ ସେମାନେ ଆତ୍ମୀୟଙ୍କୁ ହରାଇ ଲୁହ ଝରାଉଛନ୍ତି। ସମୟ ଆସିଛି ଏବେ ଏ ବିଷୟରେ ବନ ବିଭାଗ ଓ ସରକାର ଗମ୍ଭୀରତାର ସହ ଚିନ୍ତା କରିବା ଆବଶ୍ୟକ।



# ସମ୍ପାଦକୀୟ



କେବଳ ଅର୍ଥ ଓ କ୍ଷମତା ସୁଖ ଦେଇପାରିବ ନାହିଁ, ଏହାର ପ୍ରକୃତ ଉତ୍ସ ହେଉଛି ହୃଦୟବତ୍ତା।
-ଦଲାଇଲାମା

# ସରକାରୀ ଶିକ୍ଷାର ସମୟ ସରିଆସୁଛି!

ଅଞ୍ଜନ ଚାନ୍ଦ

ପ୍ରାୟ ଦୁଇଦଶନ୍ଧି ଧରି ସରକାରୀ ସ୍କୁଲଗୁଡ଼ିକର ଶିକ୍ଷାଦାନ ସମ୍ପର୍କରେ ଯେତେଥର ସର୍ବେକ୍ଷଣ କରାଯାଇଛି ପ୍ରାୟ ପ୍ରତ୍ୟେକଥର ଏହାର ମାନ ହ୍ରାସପାଉଛି ବୋଲି ବିବରଣ ଆସିଛି। ତାହାକୁ ସୁଧାରିବା ପାଇଁ ଯେଉଁସବୁ ନୂତନ ଯୋଜନା ହୋଇଛି ଏବଂ ସେଥିପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ କରାଯାଇଛି ସେ ସବୁଗୁଡ଼ିକ ନିଷ୍ଫଳ ହୋଇଛି। ସରକାରୀ ଶିକ୍ଷାର ମାନ ଆଜି ମଧ୍ୟ ତଳକୁ ତଳକୁ ବୁଡ଼ିଯାଉଛି। ଏହାର ଅର୍ଥ ଆମେ ପ୍ରକୃତ କାରଣଟିକୁ ଜାଣି ପାରୁନାହୁଁ। ଶୁଖି ଯାଉଥିବା ଗଛର ମୂଳରେ ଜଳ ନଦେଇ ଡାଳପତ୍ରରେ ସିଞ୍ଚନ କରୁଛୁ।

କେବଳ ଶିକ୍ଷାର ମାନ ହ୍ରାସ ପାଇବା ସମସ୍ୟା ନୁହେଁ। ସରକାରୀ ସ୍କୁଲଗୁଡ଼ିକରେ ବହୁପିଲା ଅଧାରୁ ପାଠପଢ଼ା ଛାଡ଼ି ଦେଉଛନ୍ତି। ସରକାରଙ୍କ ହିସାବରେ ଏହି ପିଲାଙ୍କ ସଂଖ୍ୟା ଯେତିକି ଦର୍ଶାଯାଉଛି ବାସ୍ତବ ସଂଖ୍ୟା ତା'ଠାରୁ ଅଧିକ। ସ୍କୁଲକୁ ଆସୁ ନ ଥିବା ପିଲାମାନଙ୍କର ଉପସ୍ଥାନ ପକାଯାଇ, ପରୀକ୍ଷା ସମୟରେ ତା' ନାମରେ ଖାତାଖଣ୍ଡିଏ ଲେଖି ଶିକ୍ଷକମାନେ ତା'କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଦେଉଛନ୍ତି। ସ୍କୁଲର ଶେଷ ଶ୍ରେଣୀ ବେଳକୁ ସେ ପରୀକ୍ଷା ଦେଲା ନାହିଁ ବା ପାଠପଢ଼ା ଛାଡ଼ିଲା ବୋଲି ରିପୋର୍ଟ ଦେଉଛନ୍ତି। ଏପରି ଛଳକୌଶଳ ସେମାନେ ଅଗତ୍ୟା କରିବାକୁ ବାଧ ହେଉଛନ୍ତି। ସରକାରୀ ନିର୍ଦ୍ଦେଶ ରହିଛି ଯେଉଁ ପିଲା ସ୍କୁଲକୁ ଆସୁନାହିଁ ସ୍କୁଲ ଶିକ୍ଷକ ତା' ଘରକୁ ଯାଇ କାରଣ ପଚାରି ବୁଝିବେ। ତାହାର ବାପା, ମାଆ ଅଥବା ଅଭିଭାବକଙ୍କୁ ବୁଝାଇବେ। ଏସବୁ ସତ୍ତ୍ୱେ ଯଦି ସେ ସ୍କୁଲକୁ ନ ଆସେ ତା'ହେଲେ ଶିକ୍ଷକ ସମସ୍ତ ଉଦ୍ୟମର ବିବରଣୀ ସହିତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ। ଏଣେ ସ୍କୁଲରେ ଶହଶହ ପିଲାଙ୍କୁ ସମ୍ଭାଳିବା ପାଇଁ ଶିକ୍ଷକ ନାହାନ୍ତି। ତେଣେ କେଉଁ ଶିକ୍ଷକ ଗାଁ ଗାଁରେ ବୁଲି ଅଭିଭାବକଙ୍କୁ ପାଠ ପଢ଼ାଇବ?

ସବୁଠାରୁ ବଡ଼ସମସ୍ୟା ହେଉଛି ସରକାରୀ ସ୍କୁଲଗୁଡ଼ିକରେ ପିଲାମାନଙ୍କ ପ୍ରବେଶ ସଂଖ୍ୟା ମଧ୍ୟ ଧୀରେଧୀରେ ହ୍ରାସପାଉଛି। ସରକାର ଶିକ୍ଷାରଥ ଗଡ଼ାଉଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ଶିକ୍ଷକମାନେ ସ୍କୁଲରେ ପ୍ରବେଶ ଉତ୍ସବ କରାଉଛନ୍ତି। କିନ୍ତୁ ଏହାର କୌଣସି ପ୍ରଭାବ ସମାଜ ଉପରେ ପଡୁନାହିଁ। 'ପାଠ ପଢ଼ିବ ଯଦି ପ୍ରାଇଭେଟ ସ୍କୁଲକୁ, ଅଣ୍ଡା ଖାଇବ ଯଦି ସରକାରୀ ସ୍କୁଲକୁ ଯାଅ' - ଲୋକଙ୍କ ମୁହଁରେ ଏଇ ଗୋଟିଏ କଥା ସରକାରଙ୍କ ସମସ୍ତ ଉଦ୍ୟମକୁ ନଗଣ୍ୟ କରିଦେଉଛି। ସରକାରୀ ଶିକ୍ଷା ପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ କରାଯାଉଛି। ଶିକ୍ଷକମାନଙ୍କ ଦରମା ସହିତ ସ୍କୁଲଘର, ପାଠାଗାର, ବିଜ୍ଞାନାଗାର, କ୍ରୀଡ଼ା ସରଞ୍ଜାମ, ଖେଳପଡ଼ିଆ, ଉଦ୍ୟାନ ଓ ଅନ୍ୟାନ୍ୟ ବହୁବିଧ ଖର୍ଚ୍ଚ ରହିଛି। କିନ୍ତୁ ବୋର୍ଡ ପରୀକ୍ଷାଫଳ ବାହାରିବା ବେଳକୁ ବେସରକାରୀ ସ୍କୁଲଗୁଡ଼ିକର ପିଲାମାନେ ବହୁଆଗରେ। କେତେକ ସରକାରୀ ସ୍କୁଲର ପରୀକ୍ଷାଫଳ ତ ଶୂନ୍ୟ ହୋଇଯାଉଛି। ଖୁବ କମ ସ୍କୁଲରେ 'ଏ-ୱାନ' ପିଲା ରହୁଛନ୍ତି। ଏହି ପରୀକ୍ଷାଫଳ ହିଁ ଅଭିଭାବକମାନଙ୍କୁ ସରକାରୀ ସ୍କୁଲ ପ୍ରତି ବିମୁଖ କରିବା ସହିତ ପ୍ରାଇଭେଟ ସ୍କୁଲ ପ୍ରତି ଅଧିକ ଆକର୍ଷିତ କରୁଛି।

ସୁତରାଂ ଏ ସମ୍ପର୍କରେ ଏକ ତୁଳନାତ୍ମକ ବିଚାରର ଆବଶ୍ୟକତା ରହିଛି। କେଉଁ କାରଣରୁ ବେସରକାରୀ ସ୍କୁଲରେ ଶିକ୍ଷାଦାନର ମାନ ଅଧିକ ରହୁଛି, ତଦନୁସାରେ ପରୀକ୍ଷାଫଳ ଭଲ ହେଉଛି; ଛାତ୍ରଛାତ୍ରୀଙ୍କ ପ୍ରବେଶ ସଂଖ୍ୟା ବର୍ଷକୁବର୍ଷ ବଢ଼ୁଛି; ମଝିରୁ ପାଠପଢ଼ା ଛାଡୁଥିବା ପିଲା ପ୍ରାୟ ନାହାନ୍ତି; ସରକାରୀ ସ୍କୁଲଗୁଡ଼ିକ ଯେଉଁସବୁ ସମସ୍ୟାରେ ଜର୍ଜରିତ ବେସରକାରୀ ସ୍କୁଲରେ ତାହା ନାହିଁ କାହିଁକି? ସରକାରୀ ସ୍କୁଲର ଶିକ୍ଷକମାନେ ଯେ ଯୋଗ୍ୟ ଏହା ପ୍ରାମାଣିତ। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ସହିତ ସରକାରଙ୍କ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବା ପରେ ସେମାନେ ଶିକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି। ସରକାରୀ ସ୍କୁଲରେ ଚାକିରି ପାଇ ନ ଥିବା ବ୍ୟକ୍ତିମାନେ ହିଁ ବେସରକାରୀ ସ୍କୁଲରେ ଶିକ୍ଷକତା କରୁଛନ୍ତି। ଅଥଚ ଏମାନଙ୍କଠାରୁ ଅଧ୍ୟୟନ କରିଥିବା ବିଦ୍ୟାର୍ଥୀମାନେ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କଠାରୁ ଅଧିକ ପ୍ରତିଭା ସମ୍ପନ୍ନ ହେଉଛନ୍ତି କିପରି? ଉଭୟ ସ୍କୁଲର ପରିଚାଳନା, ଉଭୟ ସ୍କୁଲର ଶିକ୍ଷକମାନଙ୍କ କାର୍ଯ୍ୟଧାରାରେ କ'ଣ ପାର୍ଥକ୍ୟ ରହିଛି?

ଗୋଟିଏ ଦୁଇଟି କଥା ଯାହା ସମସ୍ତଙ୍କୁ ଜଳଜଳ ଦେଖାଯାଉଛି ତାହା ହେଉଛି ବେସରକାରୀ ସ୍କୁଲର ଶିକ୍ଷକମାନେ ସେମାନଙ୍କର ସମସ୍ତ ସମୟ ଛାତ୍ରଛାତ୍ରୀ ଓ ଅଧ୍ୟାପନା ପାଇଁ ବିନିଯୋଗ କରୁଥିବା ବେଳେ ସରକାରୀ ସ୍କୁଲର ଶିକ୍ଷକମାନେ ସରକାରଙ୍କ ବହୁବିଧ ନିର୍ଦ୍ଦେଶାବଳୀକୁ ପାଳନ କରିବା ଏବଂ ସେଥିପାଇଁ ନିତିଦିନ କାଗଜଚାଷରେ ବ୍ୟସ୍ତ ରହୁଛନ୍ତି। ଦ୍ୱିତୀୟରେ ବେସରକାରୀ ସ୍କୁଲରେ ଶ୍ରେଣୀ ଓ ଛାତ୍ରଛାତ୍ରୀ ଅନୁସାରେ ଆବଶ୍ୟକ ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ସରକାରୀ ସ୍କୁଲରେ ଶିକ୍ଷକଙ୍କ ମରୁଡ଼ି ପଡ଼ିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ୟୁଡାଇସ ରିପୋର୍ଟ ଅନୁସାରେ ଏବେ ଆମ ରାଜ୍ୟରେ ୧୪୫୮ ଟି ସ୍କୁଲ ମାତ୍ର ଜଣେ ଶିକ୍ଷକରେ ଚାଲୁଅଛି। ସେହି ସ୍କୁଲଗୁଡ଼ିକରେ ପ୍ରାୟ ୬୦ହଜାର ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ଗତବର୍ଷ ତୁଳନାରେ ଏବର୍ଷ ଏହି ସଂଖ୍ୟା ୩୬୬ଟି ଅର୍ଥାତ ୩୪ ପ୍ରତିଶତ ବଢ଼ିଛି। ଏହି ଜଣେ ଶିକ୍ଷକ ହିନ୍ଦୀ, ସଂସ୍କୃତ ଅବା ଖେଳ ମଧ୍ୟ ହୋଇପାରନ୍ତି ଏବଂ ସେ ସ୍କୁଲ କାର୍ଯ୍ୟ ସହିତ ଜନଗଣନା, ନିର୍ବାଚନ ତଥା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ମଧ୍ୟ ସରକାରୀ ନିର୍ଦ୍ଦେଶକ୍ରମେ ନିଯୁକ୍ତ ହେଉଛନ୍ତି।

ନୂତନ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷକମାନେ ଅବସର ନେବା ପରେ ସେଠାରେ ପୁନଃନିଯୁକ୍ତି ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଦିନକୁଦିନ ସେହି ସ୍କୁଲଗୁଡ଼ିକ ଶିକ୍ଷକଶୂନ୍ୟ ହୋଇଯାଉଛି। ଡେପୁଟେସନ ଅଥବା ଅତିଥି ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ଜାରି ରଖିବାକୁ ନାମକୁମାତ୍ର ଚେଷ୍ଟା କରାଯାଉଛି। ଫାଇଭ ଟି ଯୋଜନାରେ ଏହି ସ୍କୁଲଗୁଡ଼ିକରେ ସୁନ୍ଦର ପକ୍କାଘର, ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ଶୌଚାଳୟ, ଶୁଦ୍ଧ ପାନୀୟଜଳ ଇତ୍ୟାଦିର ସୁବ୍ୟବସ୍ଥା କରାଯାଇଛି। ଅଥଚ ଦୁର୍ଭାଗ୍ୟ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି।

ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପୋଷଣ ଯୋଜନା ସ୍କୁଲ ମାଧ୍ୟମରେ ଓ ଶିକ୍ଷକମାନଙ୍କ ଦ୍ୱାରା କାହିଁକି ହେଉଛି? କାହିଁକି ବିଦ୍ୟାଦାନର ପବିତ୍ର ପୀଠକୁ ସରକାରୀ ଆବଣ୍ଟନ କେନ୍ଦ୍ରରେ ପରିଣତ କରାଯାଉଛି? ଯେଉଁ ଶିକ୍ଷକମାନେ ଏକଦା ଜ୍ଞାନଦାତା ଭାବରେ ସମାଜରେ ପରିଚିତ ଥିଲେ ଏବେ 'ଅଣ୍ଡାଦିଆ ମାଷ୍ଟର' ଭାବରେ କାହିଁକି ସେମାନଙ୍କ ମର୍ଯ୍ୟାଦାକୁ ନଷ୍ଟ କରାଯାଉଛି? ଏ ସମ୍ପର୍କରେ ବିଶେଷଚର୍ଚ୍ଚା ଅଥବା ସମାଲୋଚନା ଦେଖିବାକୁ ମିଳୁନାହିଁ। ଶିକ୍ଷକ ସଂଗଠନଗୁଡ଼ିକ କେବଳ ଶିକ୍ଷକମାନଙ୍କର ସମସ୍ୟାକୁ ନେଇ ଆନ୍ଦୋଳନ କରୁଛନ୍ତି। ମାଗଣାପ୍ରିୟ ଅଭିଭାବକ କେଉଁଦିନ ତାଙ୍କ ପିଲାଙ୍କୁ ଅଣ୍ଡା ମିଳିଲାନାହିଁ ସେଇ କଥାକୁ ଜଗିବସୁଛନ୍ତି। ସଚେତନ ଅଭିଭାବକମାନେ ନିରବରେ ନିଜ ପିଲାଙ୍କୁ ନେଇ ପ୍ରାଇଭେଟ ସ୍କୁଲରେ ଭର୍ତ୍ତି କରିଦେଉଛନ୍ତି। ସେଥିପାଇଁ ଛତୁ ଫୁଟିବା ପରି ଏବେ ସବୁଆଡ଼େ ପ୍ରାଇଭେଟ ସ୍କୁଲ ଖୋଲିଯାଉଛି। ପ୍ରତିଦିନ ସକାଳେ ଗାଁ ଗଣ୍ଡାର ରାସ୍ତାରେ ବି ବେସରକାରୀ ସ୍କୁଲ ଗାଡ଼ି ଗଡ଼ିବା ଦେଖାଯାଉଛି। ମନେହେଉଛି ଶିକ୍ଷାକୁ ଘରୋଇକରଣ କରିବାର ଦୀର୍ଘମିଆଦୀ ଯୋଜନା ବହୁବର୍ଷ ତଳୁ ଆରମ୍ଭ ହୋଇଯାଇଛି। ବୋଧହୁଏ ସେହି ଯୋଜନାକୁ ସଫଳ କରିବା ପାଇଁ ଧୀର-ମଧୁର ବିଷ ଦେଇ ଦେଇ ସରକାରୀ ଶିକ୍ଷାକୁ କ୍ରମଶଃ ନିଃଶେଷ କରିଦିଆଯାଉଛି।

ଅଙ୍ଗାରଗଡ଼ିଆ(ବାଲେଶ୍ୱର),
ମୋ: ୬୩୭୦୬୬୧୧୪୭

# ଆମେ ଯେତେବେଳେ ବୁଢ଼ାବୁଢ଼ୀ ହେବା

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ

ନିକଟ ଅତୀତରେ ଗୋଟିଏ ଖବର ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା। ବୃଦ୍ଧ ପିତାମାତାଙ୍କୁ ତିନିପୁଅ ଘରୁ ବାହାର କରି ଦେଇଥିଲେ। ଅସହାୟ ପିତାମାତା ଉପଜିଲ୍ଲାପାଳଙ୍କ ଅଦାଲତରେ ପୁଅମାନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ମହୋଦୟ ପୁଅମାନଙ୍କୁ ଡାକି ତାଗିଦ କରିଥିଲେ ଏଭଳି ଘଟଣାର ଯେମିତି ପୁନରାବୃତ୍ତି ନହୁଏ। କିନ୍ତୁ ପୁନଶ୍ଚ ଅକୃତଜ୍ଞ ପୁଅମାନଙ୍କ ଦୌରାତ୍ମ୍ୟ ବଢ଼ିବାରୁ ବୃଦ୍ଧ ପିତାମାତା ପୁଣି ଅଦାଲତର ଆଶ୍ରୟ ନେଲେ। ଏଥର ରାୟ ଆସିଲା- ପୁଅମାନେ ଗୃହ ଛାଡ଼ିବେ, କେବଳ ପିତାମାତା ସେ ଘରେ ରହିବେ। ଉପସ୍ଥିତ ସାମ୍ବାଦିକ ବନ୍ଧୁମାନେ ପିଲାମାନଙ୍କ ମା'ଙ୍କୁ ପଚାରିଲେ, 'ଏଭଳି ରାୟରେ ସେମାନେ ଖୁସି ତ?' ଉତ୍ତର ମିଳିଲା, 'ଆମେ ବହୁତ ଖୁସି।' 'ଭବିଷ୍ୟତରେ ଯଦି ପୁଅମାନେ ଭୁଲ ପାଇଁ ଅନୁତାପ କରନ୍ତି, ଆପଣମାନେ ସେମାନଙ୍କୁ କ୍ଷମା ଦେବେ?' ଏହି ପ୍ରଶ୍ନରେ ମାଆଙ୍କ ଉତ୍ତର ଥିଲା, 'ମୋଟେ ନୁହଁ।' ଏହି ସତ୍ୟ ଘଟଣାଟି କି ବାର୍ତ୍ତା ଦେଉଛି ପାଠକେ ବୁଝିପାରୁଥିବେ ନିଶ୍ଚୟ। ଏଭଳି ଦୁଃଖଦ ଘଟଣା ଗାଁ ସହର ସବୁଆଡ଼େ ଦିନକୁ ଦିନ ବୃଦ୍ଧି ପାଇଚାଲିଛି।

ବିଶ୍ୱ ଜନାଦୃତ ମହାନ୍ ଭାରତୀୟ ସଂସ୍କୃତିରେ ପିତାମାତାଙ୍କୁ ଧର୍ମ ତଥା ସ୍ୱର୍ଗଠାରୁ ଉଚ୍ଚତର ବୋଲି କୁହାଯାଇଛି। ପିତାମାତା ଜୀବନ୍ତ ଦେବଦେବୀ ଭାବେ ଚିର ପୂଜନୀୟ ଓ ବନ୍ଦନୀୟ। ଶାସ୍ତ୍ର ଅନୁସାରେ ପିତାଙ୍କ ଶରୀରର ଅସ୍ଥି, ସ୍ନାୟୁ ଓ ମଜ୍ଜା ତଥା ମାତାଙ୍କ ଶରୀରର ରକ୍ତ, ମାଂସ ଓ ଚର୍ମ ଇତ୍ୟାଦି ଗ୍ରହଣ କରି ସନ୍ତାନ ଶରୀର ଧାରଣ କରେ। ଏହି ଛଅଟି ଉପାଦାନ ପିତାମାତାଙ୍କ ବ୍ୟତୀତ ଆଉ କେଉଁଠୁ ମିଳେ ନାହିଁ। ତେଣୁ ପିତାମାତାଙ୍କ ଋଣ ଅପରିଶୋଧ। କେତେ ପୂଜା ଆରାଧନା କରି ଏବଂ ଦଶ ମାସ ଦଶ ଦିନ ଗର୍ଭବେଦନା ସହି ମା' ସନ୍ତାନକୁ ଜନ୍ମ ଦିଏ। ଗର୍ଭାବସ୍ଥାରେ ମା' ଷୋହଳ ପ୍ରକାର କଷ୍ଟ ସହିଥାଏ, ଯାହାକୁ 'ମାତୃ ଷୋଡ଼ଶୀ' ବୋଲି କୁହାଯାଏ। ଉଭୟ ପିତାମାତା ଦୁଃଖ କଷ୍ଟ ସହି ସନ୍ତାନକୁ ଲାଳନପାଳନ କରି, ଶିକ୍ଷିତ ଓ ଯୋଗ୍ୟ କରି ସଂସାର ବଡ଼ଦାଣ୍ଡରେ ଛିଡ଼ା କରାନ୍ତି। ବିବାହ କରି ପିଲାମାନେ ସଂସାର କରନ୍ତି। ବାହାବେଦୀରେ ଅଗ୍ନି ଓ ବନ୍ଧୁ ପରିଜନମାନଙ୍କ ଉପସ୍ଥିତିରେ ମା' ସନ୍ତାନ ପାଇଁ କେତେ କଷ୍ଟ ଓ ତ୍ୟାଗ କରିଛନ୍ତି ଏହି 'ମାତୃ ଷୋଡ଼ଶୀ' ମାଧ୍ୟମରେ ଗୋସେଇଁ ମନେ ପକାଇ ଦିଅନ୍ତି ଏଇଥିପାଇଁ ଯେ ସେମାନେ ଯେତେବେଳେ ପିତାମାତା ହେବେ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲି ନ ଯାଆନ୍ତି।

ବାଲ୍ୟକାଳରେ ଆମେ ସମସ୍ତେ ପଢ଼ିଛନ୍ତି ଓ ଲେଖିଛନ୍ତି 'ପିତାମାତାଙ୍କୁ ଭକ୍ତି କର'। କିନ୍ତୁ ବଡ଼ ହେଲା ପରେ ଭୁଲିଯାଆନ୍ତି। ଆମ ପୁରାଣ ଓ ଇତିହାସରେ ପିତୃମାତୃ ଭକ୍ତିର ଅନେକ ଦୃଷ୍ଟାନ୍ତ ରହିଛି। ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ର ଚଉଦ ବର୍ଷ ବନବାସ କଷ୍ଟ ବରଣ କରିଥିଲେ। ଶ୍ରବଣକୁମାର ଅନ୍ଧ ପିତାମାତାଙ୍କୁ କାନ୍ଧଭାରରେ ବୋହି ତୀର୍ଥ ଭ୍ରମଣ କରାଉଥିଲେ। ପିତା ଶାନ୍ତନୁଙ୍କ ସତ୍ୟ ରକ୍ଷା କରିବାକୁ ଯାଇ ଚିରକୁମାର ରହିଗଲେ ପିତାମହ ଭୀଷ୍ମ। ରାଜସମ୍ମାନର ଅଧିକାରୀ ହୋଇ ସେ ପିତାମାତାଙ୍କୁ ଭୁଲିଯିବେ ବୋଲି ଭବିଷ୍ୟବାଣୀ କରିଥିଲେ ଜ୍ୟୋତିଷ। କିନ୍ତୁ ପିତାମାତାଙ୍କୁ ଭୁଲି ନ ଯିବା ପାଇଁ ତାଙ୍କ ସୌଭାଗ୍ୟର ପ୍ରତୀକ ସମ୍ମୁଖ ଦାନ୍ତ ଦ୍ୱୟକୁ ଭାଙ୍ଗି ଦେଇଥିଲେ ନିଜେ ଚାଣକ୍ୟ। ପିତାମାତାଙ୍କ ସେବା ଭକ୍ତି ପାଇଁ ଠାକୁର ଅନୁକୂଳଚନ୍ଦ୍ର ନିଜ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତୁଚ୍ଛ କରିଦେଇଥିଲେ। ସେ ସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିବା ଦୁଃଖର ବିଷୟ। ରାସ୍ତା ପାର୍ଶ୍ୱରେ ଥିବା ସିନ୍ଦୂର ଚନ୍ଦନ ବୋଳା କାଠ ପଥରମୂର୍ତ୍ତିକୁ ଆମେ ଦେବଦେବୀ ଜ୍ଞାନରେ ପ୍ରଣାମ କରୁଛୁ। ଅଥଚ ଆମ ଜୀବନ୍ତ ଦେବଦେବୀ ପିତାମାତାଙ୍କୁ ହେୟଜ୍ଞାନ କରୁଛୁ। ପିତାମାତାଙ୍କ ପ୍ରତି ଅବହେଳା କରି ଯେତେ ଧର୍ମକର୍ମ ବା ତୀର୍ଥ ପର୍ଯ୍ୟଟନ କଲେ ସନ୍ତାନର ଜୀବନ କେବେ ବି ସାର୍ଥକ ହେବ ନାହିଁ।

ପିତାମାତାଙ୍କ ପ୍ରତି ଅବଜ୍ଞା, ଅବହେଳା ଓ ନିର୍ଯାତନା ଘଟଣା ବୃଦ୍ଧି ପାଇଚାଲିଛି। ଅନେକ ଶିକ୍ଷିତ ଓ ସ୍ୱାବଲମ୍ବୀ ପୁଅ ନିଜ ପତ୍ନୀ ଓ ପୁତ୍ରକନ୍ୟା ବିଶିଷ୍ଟ କ୍ଷୁଦ୍ର ପରିବାର ଭିତରେ ରହି ବୃଦ୍ଧ ପିତାମାତାଙ୍କୁ ଉପେକ୍ଷା ଓ ଅବହେଳା କରିବା ଅତ୍ୟନ୍ତ ଦୁଃଖ ଓ ବିଡ଼ମ୍ବନାର ବିଷୟ। କେତେକ ଶିକ୍ଷିତ ପୁତ୍ର ସମ୍ମାନ ଦୃଷ୍ଟିରୁ ପିତାମାତାଙ୍କୁ ନିଜ ପାଖରେ ରଖୁଛନ୍ତି ସତ, କିନ୍ତୁ ସେମାନଙ୍କୁ ଚାକରବାକର ଭଳି ବ୍ୟବହାର କରୁଛନ୍ତି। ନିଜ ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ପିତାମାତା ଭିକ୍ଷା ବୃତ୍ତି କରି ପେଟ ପୋଷୁଛନ୍ତି; ନଚେତ କେଉଁ ଜରାଶ୍ରମରେ ରହି ମୃତ୍ୟୁ ପର୍ଯ୍ୟନ୍ତ କୌଣସି ମତେ ଚଳିଯାଉଛନ୍ତି। ପିତାମାତାଙ୍କ ପ୍ରତି ନିଜ ନୈତିକ କର୍ତ୍ତବ୍ୟ ଭୁଲି ଯାଉଥିବା ସନ୍ତାନଙ୍କୁ ସତର୍କ କରାଇବା ପାଇଁ 'ମେଣ୍ଟେନାନସ ଆଣ୍ଡ ୱେଲଫେୟାର ଅଫ୍ ପ୍ୟାରେଣ୍ଟ ଆଣ୍ଡ ସିନିୟର ସିଟିଜେନ ଆକ୍ଟ' (ପିତାମାତାଙ୍କ ଭରଣ ପୋଷଣ ଆଇନ)୨୦୦୭ ମସିହାରେ ପ୍ରଣୟନ ହୋଇଛି। ଏହି ଆଇନ ଅନୁଯାୟୀ ପିତାମାତାଙ୍କୁ ଅବହେଳା କରୁଥିବା ସନ୍ତାନଙ୍କୁ ତିନିବର୍ଷ କାରାଦଣ୍ଡ ସହ ପାଞ୍ଚହଜାର ଟଙ୍କା ଜରିମାନା ବ୍ୟବସ୍ଥା ରହିଛି।

ଜେ.ବି ଡଟ.କମର ସର୍ବେକ୍ଷଣ ଅନୁଯାୟୀ ଆଧ୍ୟାତ୍ମିକ ଦେଶ ଭାବେ ବିଖ୍ୟାତ ଭାରତ ବିଶ୍ୱ ନିଃସଙ୍ଗତା ସୂଚୀରେ ଦ୍ୱିତୀୟ ସ୍ଥାନରେ ରହିବା ଦୁଃଖ ଓ ବିଡ଼ମ୍ବନାର ବିଷୟ। ବାର୍ଦ୍ଧକ୍ୟର ନିଃସଙ୍ଗଦ୍ୱୀପରେ ବୟସ୍କଙ୍କ ବେଦନା ଅବର୍ଣ୍ଣନୀୟ। ବୃଦ୍ଧାବସ୍ଥାରେ ସମସ୍ତେ ଚାହାନ୍ତି ଟିକେ ସେବା, ସନ୍ତୋଷ ଓ ଶାନ୍ତି। ସେମାନେ ଚାହାନ୍ତି ନିଜ ପିଲାମାନଙ୍କ କଳରବରେ ବାର୍ଦ୍ଧକ୍ୟର ନିସଙ୍ଗତା ଦୂର ହୋଇଯାଉ। ଜରାଶ୍ରମରେ କ'ଣ ଏହି ଶାନ୍ତି ଓ ସନ୍ତୋଷର ପରିବେଶ ମିଳିପାରିବ? ଆଜି ଯେଉଁମାନେ ପୁଅବୋହୂ, ଆଗାମୀ ଦିନରେ ସେମାନେ ହେବେ ପିତାମାତା। ତେଣୁ କେହି ବି ଭୁଲିଯିବା ଉଚିତ ନୁହେଁ ଯେ ଆମେ ସମସ୍ତେ ସମୟସ୍ରୋତରେ ଭାସିଭାସି ଦିନେ ବାର୍ଦ୍ଧକ୍ୟର ନିଃସଙ୍ଗ ଦ୍ୱୀପରେ ପହଞ୍ଚିବା। ସେତେବେଳେ ଆମେ ନିଜ ପିଲାମାନଙ୍କଠାରୁ ଯେପରି ସେବା ପାଇଲେ ଖୁସି ହେବା, ଅନ୍ତତଃ ସେହିପ୍ରକାର ସେବା ଆମ ପିତାମାତାଙ୍କୁ ଦେବା ଉଚିତ। ପିତାମାତାଙ୍କ ଆଶୀର୍ବାଦରେ ଆମ ଜୀବନ ସୁଖମୟ ହେବା ସହ ଆମକୁ ଦେଖି ଆମ ପିଲାମାନେ ମଧ୍ୟ ସ୍ୱତଃ ପିତୃମାତୃ ଭକ୍ତି ଶିଖିବେ। ଏ ଭଲପାଇବାର କଥା ଆଇନ ଶିଖାଇବ ନାହିଁ। ନୈତିକ ଶିକ୍ଷା ଦରକାର। ନୈତିକତା, ସଚେତନତା ଓ କର୍ତ୍ତବ୍ୟ ଜ୍ଞାନର ଅଭାବ ହେଲେ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟ ଅତିଶୀଘ୍ର ଆରମ୍ଭ ହେବ। ଆସନ୍ତୁ ଆମେ ଆତ୍ମସମୀକ୍ଷା କରି ପିତାମାତାଙ୍କ ପ୍ରତି ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରି ଜୀବନକୁ ସାର୍ଥକ କରିବା।

ସିଂହପୁର(ଯାଜପୁର), ମୋ: ୯୯୩୭୮୮୧୧୮୪

# ଦଣ୍ଡମୁକ୍ତ ବିଦ୍ୟାଳୟ: ଘୋଷଣାରୁ ବାସ୍ତବତାକୁ ଆସିବାର ସମୟ

ସ୍ନେହଲତା ରାଉତରାୟ

ବିଦ୍ୟାଳୟ କେବଳ ପାଠ ପଢ଼ିବାର ସ୍ଥାନ ନୁହେଁ; ଏହା ଜଣେ ଶିଶୁର ବ୍ୟକ୍ତିତ୍ୱ ଗଠନର ପ୍ରଥମ ସାମାଜିକ ପାଠଶାଳା। ଏଠାରେ ସେ କେବଳ ଅକ୍ଷର ଜ୍ଞାନ ନୁହେଁ, ଶୃଙ୍ଖଳା, ମୂଲ୍ୟବୋଧ, ସହାନୁଭୂତି ଓ ମାନବିକତା ଶିଖିଥାଏ। ସେଥିପାଇଁ ଭାରତରେ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଗଢ଼ି ତୋଳିବାର ଧାରଣାକୁ ଗୁରୁତ୍ୱ ଦିଆଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଭୟ ନୁହେଁ, ବିଶ୍ୱାସ ଓ ସ୍ନେହର ପରିବେଶରେ ଶିଶୁମାନଙ୍କ ଶିକ୍ଷା ଓ ବିକାଶ ସୁନିଶ୍ଚିତ କରିବା। ଦୁଃଖର ବିଷୟ, ଆଜି ମଧ୍ୟ କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା, ଗାଳି ଦେବା, ଅପମାନ କରିବା କିମ୍ବା ସହପାଠୀଙ୍କ ସାମ୍ନାରେ ହେୟ କରିବା ଭଳି ଘଟଣା ସାମ୍ନାକୁ ଆସୁଛି। ଏଭଳି ବ୍ୟବହାର କେବଳ ଶିଶୁର ଆତ୍ମବିଶ୍ୱାସକୁ ଆଘାତ କରେ ନାହିଁ, ବରଂ ଶିକ୍ଷା ପ୍ରତି ତା'ର ଆଗ୍ରହକୁ ମଧ୍ୟ କମାଇ ଦେଇଥାଏ। ଭୟରେ ଶିଖିଥିବା ଶିକ୍ଷା କେବେ ବି ସ୍ଥାୟୀ ହୋଇପାରେ ନାହିଁ।

ପିଲାମାନେ କୋମଳ ମନର ଅଧିକାରୀ। ସେମାନଙ୍କୁ କଠୋର ଦଣ୍ଡ ନୁହେଁ, ବରଂ ଭଲପାଇବା, ଧୈର୍ଯ୍ୟ, ଉତ୍ସାହ ଓ ସକାରାତ୍ମକ ପ୍ରେରଣା ମାଧ୍ୟମରେ ଶିଖାଇବା ଉଚିତ। ଜଣେ ଶିକ୍ଷକଙ୍କ ହାତରେ କେବଳ ପାଠ୍ୟପୁସ୍ତକ ନଥାଏ; ଥାଏ ଆଗାମୀ ପିଢ଼ିର ଭବିଷ୍ୟତ। ତେଣୁ ପ୍ରତ୍ୟେକ ଶିକ୍ଷକଙ୍କୁ ଶିଶୁ ମନୋବିଜ୍ଞାନ, ସକାରାତ୍ମକ ଶୃଙ୍ଖଳା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଓ ପ୍ରଭାବଶାଳୀ ଯୋଗାଯୋଗ କୌଶଳ ଉପରେ ନିୟମିତ ପ୍ରଶିକ୍ଷଣ ମିଳିବା ଆବଶ୍ୟକ। କେବଳ ପାଠ୍ୟପୁସ୍ତକ ପଢ଼ି ଶୁଣାଇଦେବା ଶିକ୍ଷା ନୁହେଁ। ପ୍ରତ୍ୟେକ ବିଷୟକୁ ସରଳ ଭାଷାରେ ବୁଝାଇବା, ଉଦାହରଣ, ଚିତ୍ର, ପରୀକ୍ଷଣ, ଆଲୋଚନା ଓ କାର୍ଯ୍ୟକଳାପ ମାଧ୍ୟମରେ ପଢ଼ାଇବା ଦ୍ୱାରା ପିଲାମାନଙ୍କ ମନରେ ଜ୍ଞାନ ସ୍ଥାୟୀ ହୋଇଥାଏ। ସେହିପରି ନିୟମିତ ନୋଟ୍ ପ୍ରସ୍ତୁତି, ଘରକାମର ସମୀକ୍ଷା ଓ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତି ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ।



ଆଧୁନିକ ସମୟରେ ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ନିୟମିତ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ। ପ୍ରତିଦିନ ପଢ଼ାଯାଇଥିବା ପାଠ, ଦିଆଯାଇଥିବା ଘରକାମ ଓ ପରବର୍ତ୍ତୀ ଦିନର ପ୍ରସ୍ତୁତି ସମ୍ପର୍କରେ ହ୍ୱାଟ୍‌ସ୍‌ଆପ୍ ଗ୍ରୁପ୍ କିମ୍ବା ଅନ୍ୟ ଡିଜିଟାଲ୍ ମାଧ୍ୟମରେ ଅଭିଭାବକଙ୍କୁ ସୂଚନା ଦିଆଗଲେ ପିଲାଙ୍କ ଶିକ୍ଷାରେ ସ୍ୱଚ୍ଛତା ଓ ନିୟମିତତା ବଢ଼ିବ। ଘର ଓ ବିଦ୍ୟାଳୟ ମଧ୍ୟରେ ସମନ୍ୱୟ ଯେତେ ମଜବୁତ ହେବ, ଶିକ୍ଷାର ଗୁଣବତ୍ତା ମଧ୍ୟ ସେତେ ବଢ଼ିବ। ଏହାସହିତ ପ୍ରତ୍ୟେକ ବିଦ୍ୟାଳୟରେ ନିୟମିତ ଭାବେ ଶିକ୍ଷକମାନଙ୍କ ପାଇଁ କର୍ମଶାଳା, ଅନୁଭବ ବିନିମୟ ଓ ଶିକ୍ଷାଦାନ କୌଶଳ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ।

ଜଣେ ଭଲ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ; ସେ ଛାତ୍ରଛାତ୍ରୀଙ୍କ ମନରେ ଶିଖିବାର ଆଗ୍ରହ ସୃଷ୍ଟି କରନ୍ତି। ସମାଜରେ ଶିକ୍ଷକଙ୍କ ସମ୍ମାନ ସର୍ବଦା ଅକ୍ଷୁଣ୍ଣ ରହିବା ଉଚିତ। କିନ୍ତୁ ସେହି ସମ୍ମାନ ସହ ଏକ ବଡ଼ ଦାୟିତ୍ୱ ମଧ୍ୟ ଜଡ଼ିତ ରହିଛି। ଶିକ୍ଷକଙ୍କ ପ୍ରତ୍ୟେକ ଆଚରଣ ଜଣେ ଶିଶୁର ଭବିଷ୍ୟତକୁ ପ୍ରଭାବିତ କରେ। ତେଣୁ ବିଦ୍ୟାଳୟରେ ଦଣ୍ଡର ସ୍ଥାନରେ ସଂଳାପ, ଭୟର ସ୍ଥାନରେ ବିଶ୍ୱାସ ଏବଂ କଠୋରତାର ସ୍ଥାନରେ ସହାନୁଭୂତିର ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଦଣ୍ଡମୁକ୍ତ ବିଦ୍ୟାଳୟ କେବଳ ସରକାରୀ ନୀତି କିମ୍ବା ଘୋଷଣାରେ ସୀମିତ ନ ରହୁ। ଏହା ପ୍ରତ୍ୟେକ ଶ୍ରେଣୀକକ୍ଷରେ, ପ୍ରତ୍ୟେକ ଶିକ୍ଷକଙ୍କ ବ୍ୟବହାରରେ ଏବଂ ପ୍ରତ୍ୟେକ ଶିଶୁର ମୁହଁର ହସରେ ପ୍ରତିଫଳିତ ହେଉ। କାରଣ ପିଲାଙ୍କୁ ମାଡ଼ ମାରିଲେ ସେମାନେ କିଛି ସମୟ ପାଇଁ ଚୁପ୍ ରହିପାରନ୍ତି। କିନ୍ତୁ ଭଲପାଇବା, ସମ୍ମାନ ଓ ପ୍ରେରଣାରେ ପଢ଼ାଇଲେ ସେମାନେ ସାରା ଜୀବନ ପାଇଁ ଶିଖିଯାଆନ୍ତି। ଏହା ହିଁ ଏକ ସତ୍ୟକାର ଶିଶୁବନ୍ଧବ ବିଦ୍ୟାଳୟର ପରିଚୟ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା)
ମୋ: ୯୯୩୮୭୬୬୬୪୯

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପଢ଼ାବହି ତ୍ରୁଟି ମାମଲା**

# ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକଙ୍କୁ ଜାମିନ୍

କଟକ,୫ ।୮ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାରେ ଗିରଫ ହୋଇଥିବା ଏସସିଇଆରଟି (ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ) ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି କଟକ ସ୍ୱତନ୍ତ୍ର ଏସସି-ଏସଟି ଅଦାଲତ । ଶ୍ରୀ ପାଢୀ ଏହି ମାମଲାରେ ତଦନ୍ତକାରୀ ସଂସ୍ଥାକୁ ତଦନ୍ତରେ ସହଯୋଗ କରିବେ । ଆବଶ୍ୟକ ବେଳେ ନିର୍ଦ୍ଧାରିତ ତାରିଖରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ । ପାସପୋର୍ଟ ଥିଲେ ତାହାକୁ ଦାଖଲ କରିବା ସହ ଅନୁମତି ବିନା ଓଡିଶା ବାହାରକୁ ଯାଇପାରିବେନି ବୋଲି ଅଦାଲତ ସର୍ତ୍ତାରୋପ କରିଛନ୍ତି । ପ୍ରକାଶଥାଉକି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକ ତ୍ରୁଟି ମାମଲାରେ ଗତ ଜୁଲାଇ ୧୪ ତାରିଖରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ପାଢୀଙ୍କୁ ନିଲମ୍ବନ କରିଥିଲେ ଓ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରି କରି ଜେଲକୁ ପଠାଇଥିଲା । କଟକ ଜେଏମଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ତଦନ୍ତରୁ ଜଣାପଡିଥିଲା ଯେ ଶ୍ରୀ ପାଢୀ ଏସସିଇଆରଟି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଦାୟିତ୍ୱ ପାଳନ କରିବାରେ ଅବହେଳା କରିଥିଲେ । ଏପରିକି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପିଗୁଡ଼ିକୁ ଯାଞ୍ଚ ନ କରି ପ୍ରକାଶନ ପାଇଁ ପଠାଇଥିଲେ ।


## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ହିଞ୍ଜିଳିକାଟୁ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର କୁମାର ସାହୁ,** ପିତା: ଶ୍ରୀ ନରହରି ସାହୁ, **୨) ଶ୍ରୀମତୀ ପିଙ୍କି ସାହୁ,** ସ୍ୱାମୀ: ଶ୍ରୀ ପବିତ୍ର କୁମାର ସାହୁ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ନରହରି ସାହୁ,** ପିତା: ଶ୍ରୀ ଘନଶ୍ୟାମ ସାହୁ, **୨) ଶ୍ରୀ ପ୍ରଶାନ୍ତ କୁମାର ସାହୁ,** ପିତା: ଶ୍ରୀ ନରହରି ସାହୁ, ସମସ୍ତଙ୍କ ଠିକଣା- ସା: ସମପୁର ମେନ୍ ରୋଡ୍, ଗ୍ରାମଦେବତୀ ମନ୍ଦିର, ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ | ତା.୩୧.୧୦.୨୦୨୫ରିଖ ସୁଦ୍ଧା ଟ.୭,୮୩,୯୫୪.୮୭ + ସେବାବଦ ସୁଧ | ୧୯.୧୧.୨୦୨୫ / ୦୫.୦୮.୨୦୨୬ | ଶ୍ରୀ ନରହରି ସାହୁଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ଖତିୟାନ ନଂ.: ୨୦୧/୧୦୨୭, ପ୍ଲଟ୍ ନଂ.: ୮୭୦, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ସମପୁର, ତହସିଲ: ହିଞ୍ଜିଳିକାଟୁ, ଥାନା: ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବାବାଜୀ ଭୀମ ଚରଣ ଦାସ, ପୂର୍ବ: କୃଷ୍ଣ ସେଠୀ, ପଶ୍ଚିମ: କୈଳାଶ ସାହୁ ଏବଂ କାହ୍ନୁ ଚରଣ ସାହୁ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୦୮.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## KASTURBA GANDHI BALIKA VIDYALAYA GAISILAT TYPE-III

AT/PO/BLOCK- GAISILAT,DIST- BARGARH,PIN-768037

Notice No- 02/2026-27 Dated- 05.08.2026

**SHORT TENDER CALL NOTICE**

Sealed tenders are invited from the registered/reputed firms and manufacturer having valid PAN, valid GST registration certificate for supply of following items like Grocery,Dress materials,Medicines, Vegetables, Non Veg items, Bread bakery & milk items,Fruits,sweets & snacks items to the Kasturba Gandhi Balika Vidyalaya, Gaisilat,Block-Gaisilat,Dist- Bargarh for the year **2026-27**.
Last date of receipt of duly filled in tender form is **21.08.2026 upto 4PM**.
For details contact the undersigned within the office hours.

Sd/- Secretary cum Headmaster
**KGBV GAISILAT,Dist-Bargarh**
**Mob- 9777733411**



## OFFICE OF THE PRINCIPAL MELCHHAMUNDA H. S. SCHOOL
### WALK-IN-INTERVIEW

Walk in interview for engagement of Guest Faculty in the Dept. Of English & Odia will be conduct on Dt. 10/08/2026 at 8.00 A.M. The interested candidates may attend the interview with all Documents.

Sd/ Principal I/C
Melchhamunda H. S. School
8599807449



25001/874/2627

**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**
At- Mainabri, Back side of SBI bank, Koraput, Pin-764020
Email- eerwss-kpt@rediffmail.com

**Tender Identification No.04/EE/RWSS/KPT/2026-27/01.08.2026**

The Executive Engineer, RWSS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | Rural piped water supply Projects under Koraput District |
| 2 | Estimated Cost. | Varies from 25.77 Lakhs to 29.98 lakhs |
| 3 | Total Nos of works | 2 nos. |
| 4 | Tender cost | Rs.6000.00 |
| 5 | Class of Contractor. | "C" & "B" |
| 6 | Availability of Bid document in the web site | Dt. 11.08.2026 at 17.00 hours to 21.08.2026 up to 17.00 hours. |
| 7 | Date of Seeking clarification. | During the Office hours of 11.08.2026 to 20.08.2026 |
| 8 | Date of Opening of Bid. | Dt. 24.08.2026 at 11.00 AM |

Further details can be seen in the bidding documents which is available in the e-procurement portal https://www.tendersorissa.gov.in. Subsequent corrigendum if required shall be appeared in the web site. Authority reserves the right to reject any or all tenders without assigning any reason.

Executive Engineer,
RWSS&S Division, Koraput

OIPR-25001/25034/1/26-27/0006



**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**
At- Malisahi, Back side of SBI bank, Koraput, Pin-764020
Email- eerwss_kpt@rediffmail.com

**Tender Identification No.03/EE/RWSS/KPT/2026-27/01.08.2026**

The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 01. Power supply to PWS Point at Erasantaguda inconnection with PWS to Sipajput G.P Maliput under Pottangi Block JJM<br>02. Power supply to PWS Point at Piped water supply to 132/33 KV Grid Substation (OPTCL) at Lugum GP- Ballel under Lamtaput Block. (OPTCL Deposit)<br>03. Power supply to PWS Point at Kumbharlimika inconnection with PWS to Kumbharlimika G.P Padampur under Koraput Block JJM |
| 2 | Time period for completion | **2 (Two) Months** |
| 3 | Estimated Cost. | **6.33** Lakhs to **8.69** Lakhs, |
| 4 | Total Nos of works | 3 nos. |
| 5 | Tender cost | Rs.4,000.00 |
| 6 | Class of Contractor. | **HT, (Elect.)** |
| 7 | Availability of Bid document in the web site | Dt. 10.08.2026 at 17.00 hours to 20.08.2026 up to 17.00 hours. |
| 8 | Date of Seeking clarification. | During the Office hours of 10.08.2026 to 19.08.2026 |
| 9 | Date of Opening of Bid. | Dt. 21.08.2026 at 11.00 AM |

Further details can be seen in the bidding documents which is available in the e-procurement portal https://www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Executive Engineer,
RWS&S Division, Koraput

OIPR-25001/25034/1/26-27/0005 25001/873/2627



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/1431/2627

ପତ୍ର ସଂଖ୍ୟା ୧୬୧୬୨/ ଭୁ.ଉ.କ., ଭୁବନେଶ୍ୱର
GE-B-435/81

**ସୂଚନା**

ତା. ୨୭.୦୭.୨୦୨୬ରିଖ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୋଡାଗୋପିନାଥ ପ୍ରସାଦ ହାଉସିଂ ସ୍କିମ୍, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-E-147 କୁ ରାଜକିଶୋର ମହାନ୍ତି, ପିତା-ଧ୍ରୁବ ଚରଣ ମହାନ୍ତି, ଗ୍ରାମ-ସରପଦା, ପୋଷ୍ଟ-ହରେକୃଷ୍ଣପୁର, ଥାନା/ଜିଲ୍ଲା-ନୟାଗଡ, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ରାଜକିଶୋର ମହାନ୍ତି ଗତ ତା-୦୭.୦୬.୨୦୧୩ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No. 2729/2013 dated 20.06.2013).

ଆବଣ୍ଟନଗ୍ରାହୀ ରାଜକିଶୋର ମହାନ୍ତିଙ୍କ ସ୍ତ୍ରୀ-ଯାଜ୍ଞସେନୀ ମହାନ୍ତି ଗତ ତା-୦୩.୧୨.୨୦୨୦ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No. 11407/2021 dated 03.09.2021).

Legal heir certificate No. Misc. Case No. e-LHC/2021/193522 dated 11.04.2022 ଅନୁଯାୟୀ ରାଜକିଶୋର ମହାନ୍ତିଙ୍କର ଉତ୍ତରାଧିକାରୀ (୧) ରବିନ୍ଦ୍ରନାଥ ମହାନ୍ତି (ପୁତ୍ର), (୨) ସୁଷମା ମହାନ୍ତି (ବୋହୂ), (୩) ବିଷ୍ଣୁପ୍ରିୟା ବଡଜେନା (ବିବାହିତା କନ୍ୟା), (୪) ଶାନ୍ତିଲତା ମହାନ୍ତି (ବିବାହିତା କନ୍ୟା), (୫) ସଂଯୁକ୍ତା ସାଇଁ (ବିବାହିତା କନ୍ୟା), (୬) ବିଜୟଲକ୍ଷ୍ମୀ ପ୍ରଧାନ (ବିବାହିତା କନ୍ୟା), (୭) ମମତା ସାଇଁ (ବିବାହିତା କନ୍ୟା), (୮) ଦୀପକ କୁମାର ମହାନ୍ତି (ନାତି) ଓ (୯) ଆଲୋକ କୁମାର ମହାନ୍ତି (ନାତି) ଅଟନ୍ତି ।

ବର୍ତ୍ତମାନ (୧) ସୁଷମା ମହାନ୍ତି, (୨) ବିଷ୍ଣୁପ୍ରିୟା ବଡଜେନା, (୩) ଶାନ୍ତିଲତା ମହାନ୍ତି, (୪) ସଂଯୁକ୍ତା ସାଇଁ, (୫) ବିଜୟଲକ୍ଷ୍ମୀ ପ୍ରଧାନ, (୬) ମମତା ସାଇଁ, (୭) ଦୀପକ କୁମାର ମହାନ୍ତି ଓ (୮) ଆଲୋକ କୁମାର ମହାନ୍ତି (Registered deed of Relinquishment No.11082600972 dated 20.01.2026 ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର / ଅଂଶକୁ ରବିନ୍ଦ୍ରନାଥ ମହାନ୍ତି ଙ୍କୁ ହସ୍ତାନ୍ତର କରି ଅଛନ୍ତି । ସୁତରାଂ ଉକ୍ତ ଗୃହଟି ରବିନ୍ଦ୍ରନାଥ ମହାନ୍ତିଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0111



24001/375/2627

## ଓଡିଶା ସରକାର
## ରାୟଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

NO.1044/XVIII-13/2026 Date: 01.08.2026

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ ଜିଲ୍ଲାର ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– **ଧୁମରଗାଁ**, ତହସିଲ- ମୁନିଗୁଡା, ଥାନା- ଅମ୍ବାଦଳା, ଜିଲ୍ଲା- ରାୟଗଡରେ ନିମ୍ନ ତଫସିଲ ମତେ ପ୍ରାୟ ରକବା **ଏ.୧.୦୧ଡ଼ି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧)ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨) ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ରାୟଗଡ
୩) କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:-ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉ ନାହିଁ ।
୪) ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ SIA Study vide No. SIA-୩୩୬/NCDS ତା ୧୭.୧୧.୨୦୨୫ ରିଖ ଦ୍ରଷ୍ଟବ୍ୟ ।
୫) ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ପ୍ରକଳ୍ପ ପ୍ରଶାସକ, ପୁନର୍ବାସ ଓ ଥଇଥାନ (R&R), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ ।
୬) ଜମିର ବିବରଣୀ:-

| କ୍ର. ନଂ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ଧୁମରଗାଁ | ଜଗଦଲପୁର | ମୁନିଗୁଡା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ. ୭.୧୦ ଡ଼ି. | ଏ.୧.୦୧ ଡ଼ି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ମୁନିଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, ରାୟଗଡ

**ଭୂମି ଅଧିଗ୍ରହଣ ଅନୁସୂଚୀ**

ମୌଜା: ଧୁମରଗାଁ (ଗ୍ରାମାଞ୍ଚଳ), ତହସିଲ: ମୁନିଗୁଡା , ଥାନା : ଅମ୍ବାଦଳା (ନଂ.୨୨୦),ଜିଲ୍ଲା: ରାୟଗଡ

ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୯/୧୫ | ରୟତି | ଡଙ୍ଗର ୨ | ୫୭/୧୧୫ | ୧.୦୦ | ୦.୨୦୦ | ଫୁଲ ସାରକାପି:ସାରକାକାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୯/୧୪ | ରୟତି | ଡଙ୍ଗର ୨ | ୫୭/୧୧୪ | ୧.୧୦ | ୦.୧୫୦ | ରବି ସାରକାପି:ସାରକାକାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୯/୧୬ | ରୟତି | ଡଙ୍ଗର ୨ | ୫୭ | ୧.୦୦ | ୦.୦୮୦ | ଗମାଙ୍ଗସାରକାପି:ସାରକାକାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୯/୧୧ | ରୟତି | ଡଙ୍ଗର ୨ | ୫୭/୧୧୩ | ୨.୦୦ | ୦.୨୯୦ | ପଦ୍ମା ସାରକାସ୍ୱା: ରାମଚନ୍ଦ୍ର ସାରକା, ହେମନ୍ତ ସାରକା, ଅନନ୍ତ ସାରକା, ମହାଦେବ ସାରକା, ମୋଗେନ୍ଦ୍ରିସାରକା, ସ୍ୱପ୍ନା ସାରକା ପି: ରାମଚନ୍ଦ୍ର ସାରକା ଜା: କନ୍ଧ ବା: ଧୂମର ଗାଁ |
| ୯/୧୦ | ରୟତି | ଡଙ୍ଗର ୨ | ୫୭/୧୧୨ | ୨.୦୦ | ୦.୨୯୦ | ବନ ମାଳି ସାରକାପି:କାନ୍ଦାରାସାରକା ଜା: କନ୍ଧ ବା: ନିଜଗାଁ |
| | | | ମୋଟ | ଏ. ୭.୧୦ | ଏ. ୧.୦୧ | |

ଭୂ - ଅର୍ଜନ ଅଧିକାରୀ
ମୁନିଗୁଡା, ଜିଲ୍ଲା - ରାୟଗଡ

OIPR-24001/24169/3/26-27/0007



**FOR SALE**

1 Number of MARUTI DZIRE , Registration No.- OD-15-U-5019, Model-2022, - ENGINE NO – K12NP4090488, CHASSIS NO - MBHCZFB3SNC239388, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST- SAMBALPUR-768004

**LOST**

ମୁଁ ଶୁକ ବେହେରା, ସା- ଚର୍ଚ୍ଚିକା, ପୋ- ବାଙ୍କୀ, ଜିଲ୍ଲା- କଟକ ସମସ୍ତ କବଲା ଆଉ ପଟ୍ଟା କୁ ତା. ୨୭/୦୭/୨୦୨୬ ତାରିଖରେ ତହସିଲକୁ ଯିବା ସମୟରେ ଖାତା ନଂ- ୫୪୩ ପଟ୍ଟା ବାଟରେ କେଉଁଠାରେ ହଜି ଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ମୋର ପଟ୍ଟାକୁ ପାଇବେ ଉକ୍ତ ମୋବାଇଲ ନଂ- **9853581084, 9438670857** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

By virtue of an affidavit before the Executive Magistrate,Pipili on dtd. 19.07.2026, I, Jaganmohan Pradhan, formerly known as Mahendra Pradhan, Village/PO-Arisal, P.S. Delang, Dist. Puri-752016, hereby declare that I have changed my name from MAHENDRA PRADHAN to JAGANMOHAN PRADHAN. Henceforth, I shall be known as **JAGANMOHAN PRADHAN** for all purposes.
Jaganmohan Pradhan

**AFFIDAVIT**

IN THE COURT OF EXECUTIVE MAGISTRATE, BALANGIR, By this affidavit No 83AA 781291 the undersigned Rakesh Kumar, S/o-Sarat kumar, At- Talpalipada, P.O:- Balangir, P.S.- Balangir, Dist.- Balangir - 767001 hereby declare That, I am the Father of the minor Nayami Kumar. that she may thereafter be called known and distinguished not by her former name of Nayani Kumar but by her assumed name of Nayami Kumar. That for the purpose of change in the Aadhar Card no- 5259 3429 1168.
DEPONENT- RAKESH KUMAR

**AFFIDAVIT**

I, Siba Sankar Das, aged about 65 years, S/o-Sachindra Chandra Das , resident of AT: Plot No-95, Satya Nagar, Ps-Kharabela Nagar, Bhubaneswar, Dist - Khurda, Pin-751007, Odisha declared by this affidavit No. 1541, dtd-03/08/2026 that now onwards I shall be known as **SIBA SHANKAR DAS** for all future purposes.

**AFFIDAVIT**

By virtue of an affidavit No-2366, sworn before The Executive Magistrate Champua on dtd-22/07/2026, I **Shrinibas Prasad,** S/o- Debendra Prasad, resident of Vill/PO/PS- Champua, Dist-Keonjhar, Odisha Pin-758041 declare that I have changed my name from **SRINIBAS PRASAD to SHRINIBAS PRASAD.** Henceforth, I shall be known as **SHRINIBAS PRASAD** for all future purposes.
**Shrinibas Prasad**

**ହଜିଛି**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୁଁ ଧୀରେନ୍ଦ୍ର ସେଠୀ, ପିତା: ରାଜେନ୍ଦ୍ର ସେଠୀ, ସା: ରାଣୀହାଟ, ଗୋପାଳ ସାହି, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ । ଏଠାରେ ପ୍ରକାଶ କରୁଅଛୁ କି ଅରିଜିନାଲ ପଟ୍ଟା ନଂ.: ୬୯୫, ପ୍ଲଟ୍ ନଂ.: ୧୧୫୯/୧୮୫୮, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: କଟକ ସହର ୟୁନିଟ୍ ନଂ.: ୨୨, ମିରକମଳପାଟଣା, ଜିଲ୍ଲା: କଟକ, ମୋର ବିକ୍ରେତା କ୍ଷୀରୋଦ ଚନ୍ଦ୍ର ଲେଙ୍କା, ପିତା: ଯଦୁମଣି ଲେଙ୍କାଙ୍କ ନାମରେ ଥିଲା ଏବଂ ଅରିଜିନାଲ ଦଲିଲ ନଂ.: ୩୦୬୨, ତା:୦୨.୦୮.୧୯୯୬ରିଖ ପଞ୍ଜିକୃତ ମୋ ବିକ୍ରେତା କ୍ଷୀରୋଦ ଚନ୍ଦ୍ର ଲେଙ୍କା, ପିତା: ଯଦୁମଣି ଲେଙ୍କାଙ୍କ ନାମରେ ଥିଲା ତାହା ଗତ ତା:୧୮.୦୭.୨୦୨୬ରିଖ ରେ ମୁଁ ମୋଟର ସାଇକେଲ ଯୋଗେ ମୋର ବାସ ଗୃହ ଠାରୁ ଜେରକ୍ସ ଦୋକାନ ମଙ୍ଗଳାବାଗ ଯିବା ବେଳେ ଉପରୋକ୍ତ ପଟ୍ଟା ଓ ଦଲିଲ ସହିତ ବ୍ୟାଗଟି ମଙ୍ଗଳାବାଗ ଛକ ଠାରେ ହଜି ଯାଇଅଛି । ମୁଁ ଶତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ ପଟ୍ଟା ଓ ଦଲିଲଟିକୁ ଖୋଜି ପାଇବାରେ ସକ୍ଷମ ହୋଇ ପରିନାହିଁ । ତେଣୁ ଉପରୋକ୍ତ ପଟ୍ଟା ଓ ଦଲିଲଟିକୁ ଯଦି କୌଣସି ସହୃଦୟ ବ୍ୟକ୍ତି ପାଇବେ ମୋର ଉପରୋକ୍ତ ଠିକଣାରେ **୧୫ ଦିନ** ମଧ୍ୟରେ ଜଣାଇବାକୁ ଅନୁରୋଧ । (ମୋ-୯୪୩୭୨୧୯୧୭୩)

**VEHICLE SALE**

TATA 612 SK,MODEL 2025, Regn. No - OD-02-DF-4502, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

**FOR SALE**

1 Number of BHARAT BENZ 4228R Registration No.- OD-23-N-0904 Model- 2022, - ENGINE NO – 926956D0119416 CHASSIS NO - MEC897FCANP114972 For Details, contact – 9437019531 SUNDARAM FINANCE LTD. 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST-SAMBALPUR-768004

**AFFIDAVIT**

I, Nunna Srinivas Rao, aged about 45 years, S/o- Nunna Prasad Rao, resident of Jharsuguda Highway, Pardhiapali, PO: Sankarma, PS: Ainthapali, Tahasil/Dist: Sambalpur, PIN-768006, Odisha declared by this affidavit No. 5312, dtd- 05/08/2026 that now onwards I shall be known as **NUNNA SRINIVASA RAO** for all future purposes.

**AFFIDAVIT**

I, Nunna Veer Lalithamba, aged about 42 years, W/o- Nunna Srinivasa Rao, resident of Jharsuguda Highway, Pardhiapali, PO: Sankarma, PS: Ainthapali, Tahasil/Dist: Sambalpur, PIN- 768006, Odisha declared by this affidavit No. 5313, dtd-05/08/2026 that now onwards I shall be known as **NUNNA VEERA LALITAMBA** for all future purposes.

**AFFIDAVIT**

By virtue of an affidavit before the Court of Executive Magistrate, Baripada, Mayurbhanj, I, Binay Singh S/o Madhu Singh, At/Po-Asana, Ps-Bangiriposi, Dist-Mayurbhanj, Pin-757032 declared by this affidavit dtd. 28-07-2026, SL No-453 that my minor sister name is changed from BIDYASHRI SINGH to BIDYA SINGH. **BIDYA SINGH,** this name has been used for all future purposes.

**AFFIDAVIT**

By virtue of an affidavit (No.01, date: 05/08/2026) sworn before the Executive Magistrate, Padampur. I, Gitesh Sahu, S/o Ramesh Sahu, permanent & current resident of At: Katangpali, PO: Mithapali , PS: Paikmal, Dist: Bargarh, State: Odisha, PIN: 768039 declare that I have changed my name from Gitena Sahu (old name )to Gitesh Sahu (new name ). Henceforth, I shall be known as **Gitesh Sahu** (new name) for all purposes.

**AFFIDAVIT**

By virtue of an affidavit dtd.27.07.2026 before Notary Public, Sonepur, I, Kabitarani Patra, Vill- Lehedi, P.O. Dharmasala, P.S. Birmaharajpur, Dist. Subarnapur, hereby declare that my correct name is KABITARANI PATRA, But in my Aadhaar Card it has been mentioned as KABITA PATRA. That both names refer to one and the same person. Henceforth I shall be known as **KABITARANI PATRA** for all purposes.
Kabitarani Patra

**AFFIDAVIT**

By virtue of an affidavit dtd.09.07.2026 before Executive Magistrate, Khordha, I, Rangabati Mohapatra, W/o- Late Gokula Mohapatra, Vill-Paikarasahi Podadiha, Po-Podadiha, Ps-Baghamari, Dist-khordha, Pin 752061 hereby declare that my correct name is Rangabati Mohapatra as per my Adhar Card no - 661940170794, But in my Pension Book it has been recorded as RANGALATA MOHAPATRA. That both names refer to one and the same person. Henceforth I shall be known as **Rangabati Mohapatra** for all purposes.
Rangabati Mohapatra

**AFFIDAVIT**

I, Madhyamika Misha, aged about 48 years, W/O- Aurobinda Mishra, resident of At- Tareni Bihar, Po- Kapaleswar, Ps-Choudwar, Dist- Cuttack, Odisha, PIN- 754071, do hereby declare by this affidavit No. 79AA198591, dtd- 05/01/2026, that now onwards I shall be known as **MADHYAMIKA MISHRA** for all future purposes.

# ବିପଦସଙ୍କୁଳ ଅବସ୍ଥାରେ ସୁବର୍ଣ୍ଣରେଖା ପାର ହେଉଛନ୍ତି ଯାତ୍ରୀ

● ଅତ୍ୟଧିକ ଯାତ୍ରୀ ଓ ମୋଟରସାଇକଲ ବୋଝେଇ ଡଙ୍ଗା ଚଳାଚଳ
● ଲାଇଫ୍ ଜାକେଟ୍ ବିନା ଯାତ୍ରାକୁ ନେଇ ବଢ଼ୁଛି ଚିନ୍ତା

ଚନ୍ଦନେଶ୍ୱର, ୬।୮ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ବାଲିଆପାଳ ବ୍ଲକ ମଧ୍ୟରେ ସଂଯୋଗର ଅନ୍ୟତମ ପ୍ରମୁଖ ମାଧ୍ୟମ ସୁବର୍ଣ୍ଣରେଖା ନଦୀର ପନ୍ତେଇ ଫେରି ଘାଟରେ ଯାତ୍ରୀମାନେ ପ୍ରତିଦିନ ଚରମ ବିପଦ ମଧ୍ୟରେ ଯାତାୟାତ କରୁଥିବା ଅଭିଯୋଗ ଉଠିଛି। ନଦୀରେ ଡ଼ଙ୍ଗା ପାରି ହେବା ପାଇଁ ସରକାରଙ୍କ ପକ୍ଷରୁ ଇଞ୍ଜିନ ଚାଳିତ ଡଙ୍ଗା ବ୍ୟବସ୍ଥା ଥିଲେ ମଧ୍ୟ, ସୁରକ୍ଷା ନିୟମର ପାଳନ ନ ହେବାରୁ ପ୍ରତିଦିନ ଶତାଧିକ ପରିବାରର ଚିନ୍ତା ବଢ଼ିବାରେ ଲାଗିଛି। ସାମାନ୍ୟ ଅସାବଧାନତା କିମ୍ବା ଯାନ୍ତ୍ରିକ ତ୍ରୁଟି ଘଟିଲେ ଏକ ବଡ଼ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

ସ୍ଥାନୀୟ ସୂଚନା ଅନୁଯାୟୀ, ପନ୍ତେଇ ଫେରି ଘାଟରେ ଦୁଇଟି ଇଞ୍ଜିନ ଚାଳିତ ଡଙ୍ଗା ନିୟୋଜିତ ହୋଇଥିଲେ ମଧ୍ୟ ଅନେକ ସମୟରେ ଗୋଟିଏ ଡଙ୍ଗାରେ ୨୦ରୁ ଅଧିକ ମୋଟରସାଇକେଲ ସହ ୩୦ରୁ ଅଧିକ ଯାତ୍ରୀଙ୍କୁ ଏକାସାଥିରେ ନଦୀ ପାର କରାଯାଉଛି। ପ୍ରାୟ ଏକ କିଲୋମିଟର ବିସ୍ତୃତ ନଦୀରେ ଏପରି ଅତ୍ୟଧିକ ବୋଝେଇ ଡଙ୍ଗା ଚଳାଚଳ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷକରି ବର୍ଷା ଋତୁରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି, ପ୍ରଖର ସ୍ରୋତ ଓ ପବନ ମଧ୍ୟରେ ଡଙ୍ଗା ଚଳାଚଳ ଅଧିକ ବିପଦପୂର୍ଣ୍ଣ ହୋଇପଡୁଛି। ନଦୀରେ ସାମାନ୍ୟ ଭାରସାମ୍ୟ ହରାଇଲେ କିମ୍ବା ଇଞ୍ଜିନରେ ତ୍ରୁଟି ଦେଖାଦେଲେ ଅନେକ ନିରୀହ ଲୋକଙ୍କ ଜୀବନ ବିପନ୍ନ ହେବାର ଆଶଙ୍କା ରହିଛି। ତଥାପି ଯାତ୍ରୀମାନଙ୍କ ନିକଟରେ ପର୍ଯ୍ୟାପ୍ତ ସୁରକ୍ଷା ସଚେତନତାର ଅଭାବ ଏବଂ ସୁରକ୍ଷା ନିୟମ ପାଳନରେ ଅବହେଳା ଚିନ୍ତାକୁ ଆହୁରି ବଢ଼ାଇଛି। ସରକାରଙ୍କ ପକ୍ଷରୁ ଡଙ୍ଗା ଯାତ୍ରା ସମୟରେ ଲାଇଫ୍ ଜାକେଟ ପରିଧାନ, ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଯାତ୍ରୀ ନ ଚଢ଼ାଇବା ଏବଂ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ସେଗୁଡ଼ିକ ପାଳନ ହେଉନଥିବା ଅଭିଯୋଗ ରହିଛି। ଅଧିକାଂଶ ଯାତ୍ରୀ ଲାଇଫ୍ ଜାକେଟ ବ୍ୟବହାର କରୁନଥିବା ବେଳେ ଡଙ୍ଗାରେ କେତେ ଜଣ ଯାତ୍ରୀ ଚଢ଼ିବେ, ସେଥିପାଇଁ ମଧ୍ୟ କୌଣସି ଦୃଶ୍ୟମାନ ନିୟନ୍ତ୍ରଣ ଦେଖିବାକୁ ମିଳୁନାହିଁ। ଏହି ଘାଟ ମାଧ୍ୟମରେ ପ୍ରତିଦିନ ଛାତ୍ରଛାତ୍ରୀ, ଚାକିରିଆ, ଚାଷୀ, ବ୍ୟବସାୟୀ, ମହିଳା, ବୃଦ୍ଧ ଓ ଜରୁରୀ ଚିକିତ୍ସା ପାଇଁ ଯାଉଥିବା ରୋଗୀମାନେ ଯାତାୟାତ କରୁଛନ୍ତି। ଫଳରେ ଏହି ଡଙ୍ଗା ସେବା ଉପରେ ହଜାର ହଜାର ଲୋକଙ୍କ ଦୈନନ୍ଦିନ ଜୀବନ ନିର୍ଭରଶୀଳ। କିନ୍ତୁ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଯୋଗୁଁ ପ୍ରତ୍ୟେକ ଯାତ୍ରା ଭୟ ଓ ଅନିଶ୍ଚିତତା ମଧ୍ୟରେ ଅତିବାହିତ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ମତରେ, ଯେପର୍ଯ୍ୟନ୍ତ ଡଙ୍ଗାର କ୍ଷମତା ଅନୁଯାୟୀ ଯାତ୍ରୀ ଓ ଯାନବାହନ ଚଢ଼ାଇବା, ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଲାଇଫ୍ ଜାକେଟ ବାଧ୍ୟତାମୂଳକ କରିବା, ନିୟମିତ ଯାଞ୍ଚ ଓ ପ୍ରଶାସନିକ ତଦାରଖ ବ୍ୟବସ୍ଥା କରାଯିବ, ସେ ପର୍ଯ୍ୟନ୍ତ ଏହି ଘାଟରେ ଯାତ୍ରା ସୁରକ୍ଷିତ ହେବ ନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଡଙ୍ଗା ଚଳାଚଳ ଉପରେ କଡ଼ା ନିୟମ, ସୁରକ୍ଷା ନିୟମର କଠୋର ପାଳନ ଓ ଆବଶ୍ୟକ ପଡ଼ିଲେ ଅତିରିକ୍ତ ଡଙ୍ଗା ନିୟୋଜନ କରି ଯାତ୍ରୀଙ୍କ ଜୀବନ ସୁରକ୍ଷା ସୁନିଶ୍ଚିତ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି। ସମୟ ଥାଉଥାଉ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଏକ ଅଘଟଣ ଘଟିବା ପରେ ପଶ୍ଚାତ୍ତାପ କରିବା ଛଡ଼ା ଅନ୍ୟ କିଛି ଉପାୟ ରହିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ୧୦ ଦିନ ହେଲା ପାଣି ଘେରରେ ପୁଟୁରାବାସୀ



ରାଜଘାଟ, ୬।୮ (ସମିସ): ଜଳକା ନଦୀରେ ବନ୍ୟା ଜଳ ଆଜକୁ ଦଶ ଦିନ ବିତି ଯାଇଥିଲେ ମଧ୍ୟ ବସ୍ତା ପଞ୍ଚାୟତ ସମିତି ଅଞ୍ଚଳରେ ବିଭିନ୍ନ ପଞ୍ଚାୟତର ଅଧିକାଂଶ ଗ୍ରାମରେ ଆଜି ପର୍ଯ୍ୟନ୍ତ ଜଳ ଘେରରେ ବନ୍ଦି ହୋଇ ଦୁଃଖ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି ପୁଟୁରା ଗ୍ରାମ ପଞ୍ଚାୟତର ତଳ ବାଲିସାହି ଏବଂ ଦକ୍ଷିଣ ପୁଟୁରା ଗ୍ରାମ ପାଣି ଘେରରେ ଜୀବନ ଯାପନ କରୁଥିବାର ଦେଖା ଯାଉଛି। ଦକ୍ଷିଣ ପୁଟୁରା ଗ୍ରାମରେ ଥିବା କଚ୍ଚା ରାସ୍ତା ପାଣିରେ ବୁଡି ରହିଥିବାରୁ ଛାତ୍ରଛାତ୍ରୀମାନେ ୫ କିଲୋମିଟର ଦୂରରେ ଥିବା ବିଦ୍ୟାଳୟକୁ ଯାଇପାରୁ ନାହାଁନ୍ତି। ରାସ୍ତା ମରାମତି ପାଇଁ ଗ୍ରାମର ୱାର୍ଡସଭ୍ୟ ଦିଲ୍ଲିପ ସାହୁଙ୍କ ସହିତ ଗ୍ରାମର ଅଜୟ କୁମାର ପାଳ, ଧୀରେନ ପାଳ, ବାବୁରାମ ପାଳ, ତପନ ସାମନ୍ତ, ଆରତୀ ପାଳ, ବିଶ୍ୱଜିତ୍ ସାମନ୍ତ ଦାବି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ସରପଞ୍ଚ କିମ୍ବା ସରକାରୀ ଅଧିକାରୀମାନେ ଧ୍ୟାନ ଦେଉ ନାହାଁନ୍ତି, ଯାହାଫଳରେ ବର୍ଷା ଦିନ ଆସିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ ଚାଷୀମାନେ ଅତ୍ୟନ୍ତ ଗରିବ ହୋଇ ଥିବାରୁ ଧାରକରଜ କରି ରୁଆ ପୋତା ସରିଥିବା ଜମି ଗୁଡିକ ବର୍ଷା ପାଣି ବିଲରୁ ନିଷ୍କାସନ ହୋଇପାରୁ ନଥିବାରୁ ପଚି ନଷ୍ଟ ହୋଇ ଥିବାରୁ ଚିନ୍ତାରେ ଚାଷୀ କୂଳ ଭାଙ୍ଗି ପଡ଼ିଛନ୍ତି। ସରକାରୀ ଅଧିକାରୀମାନେ ତଦନ୍ତ କରି ଧାନ ବିହନ କ୍ଷତି ହୋଇଥିବା ଲୋକମାନଙ୍କୁ କ୍ଷତି ପୁରଣ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

## ୧୦ ତାରିଖରେ ଗଣବିକ୍ଷୋଭ

ବାଲେଶ୍ୱର, ୬।୮ (ସମିସ): କିଷାନ୍ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ର ମିଳିତ ମଞ୍ଚର ଆହ୍ୱାନକ୍ରମେ ଚଳିତ ମାସ ୧୦ ତାରିଖରେ ଦେଶବ୍ୟାପୀ ପ୍ରତିବାଦ ଅନୁଷ୍ଠିତ ହେବ। ୪ଟି କଳା ଶ୍ରମ କୋଡ୍ ବାତିଲ, ସ୍କିମ୍ ଓ୍ୱାର୍କରଙ୍କୁ କର୍ମଚାରୀ ମାନ୍ୟତା, ସରକାରୀ ସଂସ୍ଥାର ଘରୋଇକରଣ ବନ୍ଦ କରିବା, କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ କରିବା, ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିକରି ବାଲେଶ୍ୱର ଶ୍ରମିକ ଓ କୃଷକ ସଂଗଠନମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବ। ଏ ନେଇ ଆସନ୍ତା ଶନିବାର ପରିବର୍ଦ୍ଧିତ ବୈଠକରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ସମେତ କୃଷକ ସଂଗଠନମାନଙ୍କ ନେତୃବୃନ୍ଦ ଯୋଗଦେବାକୁ ଆବାହକ ତଥା ଟିୟୁଏସିସିର ସାଧାରଣ ସମ୍ପାଦକ ନିବେଦନ କରିଛନ୍ତି। ଆଜିର ବୈଠକରେ ବରିଷ୍ଠ କୃଷକନେତା ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ଉଠାଜଳ ସେଚନ କର୍ମଚାରୀ ସଂଘଗୃହରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଭାଗବତ ପ୍ରତିହାରୀ, ଶିଶିର ହୁଇ, ସୀତାଂଶୁ ସେନାପତି, ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ରାଜକିଶୋର ଲେଙ୍କା, ପୂର୍ଣଚନ୍ଦ୍ର ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ଦଶ ତାରିଖ ଗଣବିକ୍ଷୋଭ ସଫଳ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ କାଉନସିଲରଙ୍କ ଧାରଣା



ବାଲେଶ୍ୱର, ୬।୮ (ସମିସ): ବାଳାଶ୍ରମସ୍ଥିତ ମ୍ୟୁନିସିପାଲ୍ ହାଇସ୍କୁଲ୍‌ରେ ଆବଶ୍ୟକୀୟ ଶିକ୍ଷକ ଅଭାବରୁ ଗୋଟିଏ ଗୋଟିଏ ଶ୍ରେଣୀରେ ଶତାଧିକ ଛାତ୍ରଛାତ୍ରୀ ପାଠ ଢ଼ିବାକୁ ବାଧ୍ୟ ହେଉଛନ୍ତି। ସାହିତ୍ୟ, ସାମାଜିକ ଓ ଇଂରାଜୀ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ଜିଲ୍ଲା ଜନଶୁଣାଣିରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧୀକାରୀଙ୍କୁ ଆବେଦନ କରି ଆସୁଥିଲେବି ସମସ୍ୟାର ସମାଧାନ ହାଇପାରୁନଥିଲା। ଏ ନେଇ ଜିଲ୍ଲା ଶିକ୍ଷାଧୀକାରୀଙ୍କ ଅଫିସ୍ ସମ୍ମୁଖରେ ସ୍ଥାନୀୟ କାଉନସିଲର ତଥା ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଦେ ଦେବାଶିଷ ସିଂହ ଧାରଣାରେ ବସିଥିଲେ। ତାଙ୍କୁ ସମର୍ଥନ ଜଣାଇ ସ୍କୁଲ୍ ପରିଚାଳନା କମିଟିର ସଭ୍ୟ, ସଭ୍ୟା ଓ ଅଭିଭାବକ ତଥା ବାଲେଶ୍ୱରର କେତେକ ସାମାଜିକ ସଂଗଠନର କର୍ମକର୍ତ୍ତା ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ। ଜିଲ୍ଲା ଶିକ୍ଷାଧୀକାରୀ ଡ. ବସନ୍ତ କୁମାର ନାୟକଙ୍କୁ ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ କମିଟିରୁ ମାମା ଧଳ, ସୁରେଖା ବେହେରା, ଶୁଭେନ୍ଦ୍ର ପାତ୍ର, ଧନେଶ୍ୱର ବାରିକ, ସେବତୀ ମାରାଣ୍ଡି, ମିନାକ୍ଷୀ ପଣ୍ଡା, ତାପସ ଆଚାର୍ଯ୍ୟ, ଡମ୍ବରୁ ବେହେରାଙ୍କ ସମେତ ବାଲେଶ୍ୱରର ଶିକ୍ଷା ସୁରକ୍ଷା ମଞ୍ଚର ଆବ ଆବାହକ ରଘୁନାଥ ଲେଙ୍କା, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ସାହୁ, ସେଖ୍ ଇକ୍‌ବାଲ୍, ଶ୍ରମିକ ନେତା ଗୌରାଙ୍ଗ ରାଙ୍ଗ ପାଣିଗ୍ରାହୀ ଓ ରାଜକିଶୋର ଲେଙ୍କା, ସାମାଜିକକର୍ମୀ ଶିଶିର ହୁଇ, ଅରୁଣ ଜେନା ଓ ସୀତାଂଶୁ ସେନାପତି ପ୍ରମୁଖ ସାକ୍ଷାତ କରି ଆଲୋଚନା ପରେ ଆସନ୍ତା ଦୁଇଦିନ ମଧ୍ୟରେ ଜଣେ ଶିକ୍ଷକ ଓ ଆସନ୍ତା ମାସରେ ଅନ୍ୟଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ନାୟକ ଧାରଣାସ୍ଥଳରେ ଶ୍ରୀ ସିଂହଙ୍କୁ ସାକ୍ଷାତ କରି ପ୍ରତିଶ୍ରୁତି ଜଣାଇବା ସହ ଧାରଣାରୁ ନିବୃତ୍ତ ହେବାକୁ ଅନୁରୋଧ କରିଥିଲେ। ପରେ ଧାରଣା ପ୍ରତ୍ୟାହାର କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଚନ୍ଦନେଶ୍ୱର, ୬।୮ (ସମିସ): ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଙ୍ଗଳବାର ଆୟୋଜିତ ଜ୍ଞାନ-ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଓ ନବସୃଜନ କ୍ଷମତାର ଏକ ଚମତ୍କାର ପ୍ରଦର୍ଶନୀରେ ପରିଣତ ହୋଇଥିଲା। କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ଦର୍ଶକ ଓ ବିଚାରକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ମେଳାରେ ବାଲ ବର୍ଗର ୧୪ ଜଣ, ଶିଶୁ ବର୍ଗର ୨୨ ଜଣ ଏବଂ ସ୍ୱତନ୍ତ୍ର ବର୍ଗର ୩୧ ଜଣ ଛାତ୍ରଛାତ୍ରୀ ପରିବେଶ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଦୈନନ୍ଦିନ ଜୀବନ ସହ ଜଡିତ ବିଭିନ୍ନ ଅଭିନବ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦଘାଟନୀ ସଭାକୁ ବିଦ୍ୟା ମନ୍ଦିରର ବୌଦ୍ଧିକ ପ୍ରମୁଖ ତୃପ୍ତି ଦାସ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଅଧ୍ୟାପକ ନୟନ କୁମାର ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ଦେ କୁନି ବୈଜ୍ଞାନିକ ସୃଷ୍ଟିରେ ଗାଇଡ୍ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ ରବୀନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୁରେଶ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡଲିରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କାର୍ଯ୍ୟକ୍ରମ ପ୍ରମୁଖ ତାପସ ଚନ୍ଦ୍ର ଖଟୁଆଙ୍କ ନେତୃତ୍ୱରେ ଗଣିତ, ବିଜ୍ଞାନ ଓ ସଂସ୍କୃତିକୁ ଆଧାର କରି ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ମୂର୍ତ୍ତିକଳା ପ୍ରତିଯୋଗିତାରେ ୧୩ ଜଣ ଏବଂ ଗଣିତ ଓ ବିଜ୍ଞାନ ପ୍ରୟୋଗ ବିଭାଗରେ ୨୨ ଜଣ ଛାତ୍ରଛାତ୍ରୀ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀକାନ୍ତ ଧଡା, ପ୍ରଶାନ୍ତ ସାହୁ ଓ ବିପିନ ବିହାରୀ ସେନାପତି ବିଚାରକ ଭାବେ ଯୋଗଦେଇ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକର ସୂକ୍ଷ୍ମ ମୂଲ୍ୟାଙ୍କନ କରିଥିଲେ। ଉଦଯାପନୀ ସଭାରେ ବିଜ୍ଞାନ ପ୍ରମୁଖ ବ୍ରଜ ଗୋପାଳ ସାହୁ, ବିଦ୍ୟାଳୟର ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସାଁ ଓ ପରିଚାଳନା କମିଟିର ସଭାପତି ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ପ୍ରତିବାଦ ସଭା



ଜଳେଶ୍ୱର, ୬।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ କେତେକ ଦାବୀନେଇ ଜଳେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ଓଷ୍ଟାର ଜଳେଶ୍ୱର ସଭାପତି ସୁକୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଏହି ଧାରଣା ଓ ପ୍ରତିବାଦ ସଭାକୁ ସମର୍ଥନ ଜଣାଇ ଉପସ୍ଥିତ ଥିବା ବେଳେ ସମିତିର ବିଭିନ୍ନ ଦାବି ଗୁଡିକ ସରକାର ତୁରନ୍ତ ପୂରଣ କରିବା ପାଇଁ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ପୌର ପରିଷଦର ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ, ଓଷ୍ଟାର ଜଳେଶ୍ୱର ସମ୍ପାଦକ ହରେକୃଷ୍ଣ ଜେନା, ଓଷ୍ଟା ରାଇବଣିଆ ଶାଖା ସଭାପତି ହରମୋହନ ମହନ୍ତ, ଓଷ୍ଟା ବାଲେଶ୍ୱର ସଭାପତି ମନୋରଞ୍ଜନ ଦାସ, ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ଓଲଷ୍ଟା ସମ୍ପାଦକ କୁମୁଦ ରଞ୍ଜନ ଜେନା, ଅଣ ଶିକ୍ଷକ କର୍ମଚାରୀ ସଭାପତି ପରେଶ ଚନ୍ଦ୍ର କାମିଲା, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଗଠନର ସମ୍ପାଦକ ଖଗେନ୍ଦ୍ର ନାଥ ପାଳ, ଅଜିତ କୁମାର ମହାନ୍ତି, ସମାଜସେବୀ କମଳ ଚକ୍ରବର୍ତ୍ତୀ, କଂଗ୍ରେସ ଟାଉନ ସଭାପତି ଜଗଦୀଶ ନନ୍ଦୀ, କଂଗ୍ରେସ ନେତା ପଦ୍ମଲୋଚନ ବେହେରା ପ୍ରମୁଖଙ୍କ ସହିତ ବହୁ କର୍ମକର୍ତ୍ତା ଯୋଗଦେଇ ଦାବି ଉପସ୍ଥାପନା କରିଥିଲେ। ଦାବି ଗୁଡିକ ମଧ୍ୟରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ ଓ ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ବା ଅବସର ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରୀ ସର୍ତାବଳୀ ଓ ପେନସନ ପ୍ରଦାନ କରାଯାଉ। ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ତୁରନ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ସରକାରୀ କରଣ କରାଯାଉ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ, ଗ୍ରେଡ ପେରେ ଥିବା ଅସଂଗତି ଦୂର କରାଯାଉ, ନୂତନ ପେନସନ ପରିବର୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ ଓ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତିକ ଶିକ୍ଷକ ମାନଙ୍କୁ ୬ଟି ନେସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ କରାଯାଉ ବୋଲି ଦାବୀ କରି ଆଜିର ଏହି ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବୀପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

● ସରକାରୀ ସହାୟତାକୁ ଅପେକ୍ଷା

ସୋର, ୬।୮ (ସମିସ): ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷାରେ ବ୍ରେକ୍ ଲାଗିବା ସହ ବନ୍ୟା ପାଣିର ପ୍ରକୋପ କମିଛି। ହେଲେ ବିଭିନ୍ନ ସ୍ଥାନରେ ଘରେ ପାଣି ପ୍ରବେଶ କରିଥିବାରୁ ଲୋକେ ଆଜିଯାଏ ଦୁର୍ଦ୍ଦଶା ଭୋଗକରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ବନ୍ୟା କ୍ଷୟକ୍ଷତି ପାଇଁ ପ୍ୟାକେଜ ଘୋଷଣା କରିଛନ୍ତି।



ସୂଚନା ଅନୁସାରେ, ଗତ ଲଗାଣବର୍ଷାରେ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଯୁଡାମ୍ବ ଗ୍ରାମର ଜଗବନ୍ଧୁ ମଳିକଙ୍କ ମାଟି ଘରର କିଛି ଅଂଶ ଭାଙ୍ଗିଯାଇଛି। ଏଠାରେ ସେମାନେ ରୋଷେଇ କରନ୍ତି। ଫଳରେ ସେମାନେ ରୋଷେଇ କରିବା ପାଇଁ ହଇରାଣ ହେଉଛନ୍ତି। ଘରର ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ସଜାଡି ନପାରି ଖୋଲା ଆକାଶ ତଳେ ରୋଷେଇ କରୁଛନ୍ତି। ଉକ୍ତ ସ୍ଥାନରେ ରୋଷେଇ କରିବା ସହ ଗୃହ ପାଳିତ ପଶୁ ମଧ୍ୟ ରଖୁଥିଲେ। ହଠାତ୍ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୪ଟି କୁକୁଡ଼ା ମରିଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଶୀଘ୍ର ମରାମତି ନକଲେ ସାପ, ଗୋଧି ପଶିବାର ଭୟ ମଧ୍ୟ ରହିଛି। ମାଟି ଘରଟି ସମ୍ପୂର୍ଣ୍ଣ କେତେବେଳେ ଭାଙ୍ଗିଯିବ କହିହେବ ନାହିଁ। ପିଲାଛୁଆ ନେଇ ରହୁଥିବାରୁ ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ନିବେଦନ କରିଛନ୍ତି।

## ନୀଳମଣି ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ



ବାଲେଶ୍ୱର, ୬।୮ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସତ୍ୟେନ୍ଦ୍ର କୁମାର ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର ମହାବିଦ୍ୟାଳୟ ସଫଳତାର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ରସଂସଦର ବରିଷ୍ଠ ଉପଦେଷ୍ଟା ପର୍ଶୁରାମ ବେହେରା, ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀ ବାସନ୍ତୀ ଭିନ୍ନକ୍ଷମ ବିଦ୍ୟାଳୟର ଅଧ୍ୟକ୍ଷ ଅମର କୁମାର ପାଲ, ପ୍ରକୃତିବନ୍ଧୁ ଗୋପାଳ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ସରୋଜ କୁମାର ପାଣି ଓ ପିନାକ୍ଷୀ ପଣ୍ଡା ପ୍ରମୁଖ ଯୋଗଦେଇ ନୀଳମଣି ମହାବିଦ୍ୟାଳୟ ପଚାଶ ବର୍ଷ ସ୍ୱର୍ଣ୍ଣିମ ଅଧ୍ୟାୟର ଘଟଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ରୁବିରାଣୀ ଦାଶ, ରଶ୍ମିତା ମହାପାତ୍ର, ଅଧ୍ୟାପକ ଡ. ଅର୍ଦ୍ଧେନ୍ଦୁ କୁମାର ଦାଶ, ଡ. ଶାନ୍ତନୁ କୁମାର ଜେନା, ଚନ୍ଦନ କୁମାର ଦାସ, ପ୍ରଶାନ୍ତ ସିଂ, ସିଦ୍ଧାର୍ଥ ବରାଳ, ସୁଧାଂଶୁ ଶେଖର ଜେନା ଓ ଶ୍ରୀଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୟନ୍ତ ମଲ୍ଲିକ, ଶ୍ରୀଧର ମହାପାତ୍ର, ନରେନ୍ଦ୍ର ମହାପାତ୍ର, ଲମ୍ବୋଦର ଜେନା, ସାଗର ସାହୁ, ସୋହମ ସାହୁ, ଯଜ୍ଞେଶ୍ୱର ଗିରି, ପ୍ରଦ୍ୟୁମ୍ନ ସି, ରିଙ୍କି ମାଇତି, ଅଭିପ୍ସା ନାୟକ, ରାଜେନ୍ଦ୍ର ଦାସ, ରଞ୍ଜିତ୍ ତପସ୍ୱୀ ଓ ଲକ୍ଷ୍ମୀ ହାସଦା, ପ୍ରମୁଖ ପରିଚାଳନା କରିଥିଲେ। ଡ. ତପନ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ




ଖଇରା, ୬।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଖଇରା ଶିକ୍ଷକ ସମନ୍ୱୟ ସମିତି ତରଫରୁ ସଭା ଆୟୋଜନ ପରେ ଖଇରା ବିଡିଓ ନାରାୟଣ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମନ୍ୱୟ ସମିତି ଆବାହକ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ୪।୮ ବର୍ଗର ରାଜ୍ୟ ସଭାପତି ବନମାଳୀ ବାରିକ, ଓଷ୍ଟା ସଭାପତି ବ୍ରହ୍ମାନନ୍ଦ ସାହୁ, ଅଲୋଷ୍ଟା ସମ୍ପାଦକ ଶଙ୍କର୍ଷଣ ଜେନା, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ହୋତା ପ୍ରମୁଖ ଖୁବଶିଘ୍ର ଶିକ୍ଷକମାନଙ୍କର ୪ ଦଫା ଦାବି ପୁରଣ ଉପରେଁ ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ କିଶୋର ମିଶ୍ର, କୃଷ୍ଣଚନ୍ଦ୍ର କର, ନରସିଂହ ପାଣି, ଚିତ୍ତରଞ୍ଜନ ଦାସ, ଗୌରାଙ୍ଗ ଚନ୍ଦ୍ର ପାଢ଼ୀ, ଅମରେନ୍ଦ୍ର ବାରିକ, ପାର୍ବତୀ ମହାନ୍ତି, ଗୀତାରାଣୀ ସାହୁ, ରଶ୍ମିରଞ୍ଜନ ଶତପଥି, ଗୌରାଙ୍ଗ ବେହେରା, ରବୀନ୍ଦ୍ର ପଣ୍ଡା, ଉଦୟ ରାଉତ, ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ନୁତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତାବଳୀ ସହ ପେନସନ ବ୍ୟବସ୍ଥା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ, ଗ୍ରେଡ ପେ ଅସଙ୍ଗତି ଦୂରିକରଣ ତଥା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ କରଣ କରାଯିବା ନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

## ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସର ସେବାକାର୍ଯ୍ୟ

ବାଲେଶ୍ୱର, ୬।୮ (ସମିସ): ଜିଲ୍ଲା ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସ୍ଥାନୀୟ ଅନ୍ଧମୂକ ବିଦ୍ୟାଳୟରେ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ସମାଜସେବା, ସଂଗଠନ ପ୍ରତି ଅବଦାନ ଓ ଯୁବ ସମାଜ ପାଇଁ ତାଙ୍କର ଆଦର୍ଶକୁ ସ୍ମରଣ କରି ଉପସ୍ଥିତ ନେତୃବୃନ୍ଦ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଦେବଦତ୍ତ ଦାସ ଓ ବିଜୟ କୁମାର ମହାନ୍ତି, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ, ସଦର ଯୁବ କଂଗ୍ରେସ ସଭାପତି ଜୀବନ ମହାପାତ୍ର, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ନବପ୍ରସାଦ ଭୂୟାଁ, ହର୍ଷ ଖେଦେଲୱା, ବୈରୁଦ ଦାସ, ଡିସିସି ସମ୍ପାଦକ ପଶୁପତି ଉପାଧ୍ୟାୟ ଓ କୋଷାଧ୍ୟକ୍ଷ କନ୍ତିଲାଲ ନାୟକ ସମେତ ବହୁ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

● ଖଇରାରେ ଭୀମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର

## ଆସିଲେନି ଡାକ୍ତର, ନିରାଶ ହୋଇ ଫେରିଲେ ୫୦ ଦିବ୍ୟାଙ୍ଗ

ଖଇରା, ୬।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବୁଧବାର ଦିନ ଭିମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅସ୍ଥିଶଲ୍ୟ ବିଭାଗରେ ୧୮୦, ଚକ୍ଷୁରେ ୫୨, ମାନସିକ ଅଗ୍ରସର ବିଭାଗରେ ୩୯, ବିବିଧରେ ୧୪ଜଣ ମୋଟ ୨୮୫ ଜଣ ପଞ୍ଜିକରଣ କରିବା ପରେ ଡାକ୍ତରଙ୍କ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ତଥା ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଏଥିରେ ଯୋଗଦେଇଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା



ଅଭିଲିପ୍ସା ସାହୁ, ବିଡିଓ ନାରୟଣ ସାହୁ ଏହି ଶିବିରକୁ ଉଦଘାଟନ କରିଥିଲେ। ତେବେ ନାସା, କର୍ଣ୍ଣ ଓ ଗଳା ବିଭାଗରେ କୌଣସୀ ଡାକ୍ତର ଆସି ନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ପାଖାପଖି ୫୦ଜଣ ଦିବ୍ୟାଙ୍ଗ ନିରାଶାରେ ଫେରିଯିବାକୁ ବାଧ ହୋଇଥିଲେ। ବୁଧବାର ବିଭିନ୍ନ ବିଭାଗରେ ଡାକ୍ତର ନ ଆସିବା ତଥା ୨୦୨୪-୨୫ ଓ ୨୫-୨୬ରେ ପ୍ରମାଣପତ୍ର ପାଇଁ ଆବଦେନ କରିଥିବା ବହୁ ଦିବ୍ୟାଙ୍ଗଙ୍କୁ ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ମିଳିନଥିବାରୁ ଏଭଳି ଶିବିର କେବଳ ପ୍ରହସନ ବୋଲି ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା କହିଛନ୍ତି। ଏଥିସହ ହାତଲେଖାରେ ୮୦ପ୍ରତିଶତର ପ୍ରମାଣପତ୍ର ପାଇଥିବା ଦିବ୍ୟାଙ୍ଗଙ୍କର ଏହି ପ୍ରମାଣପତ୍ରକୁ ଅନଲାଇନରେ ପ୍ରଦାନକୁ ବାଧ୍ୟତା ମୂଳକ କରିବାକୁ ଦାବି କରିଛନ୍ତି।

### ବାବା ଭୁଷଣ୍ଡେଶ୍ୱରଙ୍କ ନୂତନ ମନ୍ଦିରରେ କଳିଙ୍ଗ ସ୍ଥାପତ୍ୟର ଅନୁପମ କାରୁକାର୍ଯ୍ୟ

# ଅଗଷ୍ଟ ଶେଷ ସୁଦ୍ଧା ସରିବ ପୀଠର ପଥର ଖୋଦେଇ

ଚନ୍ଦନେଶ୍ୱର, ୬।୮ (ସମିସ)

ଏସିଆ ମହାଦେଶର ସର୍ବବୃହତ୍ ତଥା ଆଦ୍ୟ ଶିବଲିଙ୍ଗ ଭାବେ ପରିଚିତ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କୁମ୍ଭୀରଗଡ଼ି ସ୍ଥିତ ବାବା ଭୂଷଣ୍ଡେଶ୍ୱର ପୀଠରେ ନିର୍ମାଣାଧୀନ ଭବ୍ୟ ନୂତନ ମନ୍ଦିର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ପ୍ରତିକୂଳ ପାଗ ସତ୍ତ୍ୱେ ପାରମ୍ପରିକ କଳିଙ୍ଗ ସ୍ଥାପତ୍ୟ ଶୈଳୀକୁ ଅକ୍ଷୁଣ୍ଣ ରଖି ପଥର ଖୋଦେଇ କାରୁକାର୍ଯ୍ୟ ଅତ୍ୟନ୍ତ ନିଖୁଣ ଓ ଆକର୍ଷଣୀୟ ଭାବରେ ଚାଲିଛି। ମନ୍ଦିରର ପୀଠ କାରୁକାର୍ଯ୍ୟ ଚଳିତ ଅଗଷ୍ଟ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ଶିଳ୍ପୀ ପ୍ରଦୀପ ମହାରଣା ସୂଚନା ଦେଇଛନ୍ତି। ଭୋଗରାଇର ସୁବର୍ଣ୍ଣରେଖା ନଦୀ ମୁହାଣରେ ବିରାଜମାନ ବାବା ଭୂଷଣ୍ଡେଶ୍ୱରଙ୍କ ପୀଠ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବ ତୀର୍ଥକ୍ଷେତ୍ର ଭାବେ ପରିଚିତ। ପୁରୁଣା ମନ୍ଦିର ଜରାଜୀର୍ଣ୍ଣ ହୋଇପଡ଼ିବା ପରେ ପୂର୍ବତନ ଭୋଗରାଇ ବିଧାୟକ ସ୍ୱର୍ଗତ ଅନନ୍ତ ଦାସ ଏକ ଭବ୍ୟ ଓ ଐତିହ୍ୟବାହୀ ନୂତନ ମନ୍ଦିର ନିର୍ମାଣର ସ୍ୱପ୍ନ ଦେଖିଥିଲେ। ତାଙ୍କ ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଗଠିତ ଟ୍ରଷ୍ଟ ବୋର୍ଡ ଓ ନିର୍ମାଣ କମିଟିଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ମନ୍ଦିର ନିର୍ମାଣରେ ବ୍ୟବହୃତ ହେଉଛି ଉଚ୍ଚମାନର ଖଣ୍ଡେଲାଇଟ୍ ପଥର, ଯାହା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଭୁବନେଶ୍ୱରର ପ୍ରାଚୀନ ଦେବାଳୟଗୁଡ଼ିକରେ ବ୍ୟବହୃତ ପାରମ୍ପରିକ ନିର୍ମାଣ ସାମଗ୍ରୀ। ସୂକ୍ଷ୍ମ ଖୋଦେଇ ଓ ଦୀର୍ଘସ୍ଥାୟୀ ସ୍ଥାପତ୍ୟ ପାଇଁ ଏହି ପଥର ଅତ୍ୟନ୍ତ ଉପଯୁକ୍ତ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରାୟ ୧୦ ଜଣ ସୁଦକ୍ଷ କାରିଗର ମନ୍ଦିର ଚାରିପାର୍ଶ୍ୱରେ ତିନି ଫୁଟ ଉଚ୍ଚ ପୀଠରେ କଳିଙ୍ଗ ସ୍ଥାପତ୍ୟର ପାରମ୍ପରିକ ଶୈଳୀରେ ଅତ୍ୟନ୍ତ ନିଖୁଣ ପଥର କାରୁକାର୍ଯ୍ୟ କରୁଛନ୍ତି। ପୀଠର ପ୍ରତ୍ୟେକ ପ୍ୟାନେଲରେ କଳିଙ୍ଗ କଳାର ଅନ୍ୟତମ ବୈଶିଷ୍ଟ୍ୟ ଗଜରଥ, ସିଂହରଥ, ବିଭିନ୍ନ ଭଙ୍ଗୀର ସିଂହ ଓ ହାତୀ ମୂର୍ତ୍ତି ସହ ପାରମ୍ପରିକ ମୁକ୍ତାଦାମ ଅଳଙ୍କରଣ ଅତ୍ୟନ୍ତ ସୁନ୍ଦର ଭାବେ ଖୋଦିତ ହେଉଛି। ପୁରୀ, କୋଣାର୍କ ଓ ଭୁବନେଶ୍ୱରର ପ୍ରାଚୀନ ମନ୍ଦିରଗୁଡ଼ିକର କଳାପରମ୍ପରାକୁ ଯଥାସମ୍ଭବ ଅନୁସରଣ କରାଯାଉଥିବାରୁ ଏହି କାରୁକାର୍ଯ୍ୟ ଦର୍ଶନାର୍ଥୀ ଓ କଳାପ୍ରେମୀଙ୍କୁ ବେଶ ଆକର୍ଷିତ କରୁଛି। ମୁଖ୍ୟ ଶିଳ୍ପୀ ପ୍ରଦୀପ ମହାରଣା କହିଛନ୍ତି ଯେ, ସମସ୍ତ ଅଳଙ୍କରଣ ସହ ପୀଠର କାରୁକାର୍ଯ୍ୟ ଅଗଷ୍ଟ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଏହା ପରେ ମନ୍ଦିରର ସୁରକ୍ଷା ବାଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ମନ୍ଦିର ଟ୍ରଷ୍ଟ ବୋର୍ଡ, ସ୍ଥାନୀୟ ଜନସାଧାରଣ ଓ ଭକ୍ତମାନଙ୍କ ନିରନ୍ତର ସହଯୋଗ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି। ବାବା ଭୂଷଣ୍ଡେଶ୍ୱରଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ଓଡ଼ିଶାର ପ୍ରାଚୀନ କଳିଙ୍ଗ ସ୍ଥାପତ୍ୟ, ଶିଳ୍ପକଳା ଓ ସାଂସ୍କୃତିକ ଗୌରବର ଏକ ଜୀବନ୍ତ ପ୍ରତୀକ ଭାବେ ଆଗାମୀ ଦିନରେ ରାଜ୍ୟର ଅନ୍ୟତମ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଭକ୍ତମାନେ ଆଶା ପ୍ରକାଶ କରିଛନ୍ତି।

## ନିଶାମୁକ୍ତି ମହାପ୍ରତିଜ୍ଞା ଅଭିଯାନ ଶୁଭାରମ୍ଭ

ତେଲକୋଇ, ୬।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟପକ୍ଷରୁ ନିଶାମୁକ୍ତି ପାଇଁ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯାନରେ ମୁଖ୍ୟ ଅତିଥିଭାବେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପି. ସତ୍ୟମ, ସମ୍ମାନିତ ଅତିଥି ବନାଞ୍ଚଳ ଅଧିକାରୀ ଅଶୋକ ମାଝୀ, ମୁଖ୍ୟବକ୍ତା ରୂପେ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଚିରରଞ୍ଜନ ପଟ୍ଟନାୟକ ଓ ୨ ଜଣ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଶଶଧର ସେଠୀ ଓ ରୁଦ୍ରଚରଣ ମୋହାରୀ ଯୋଗ ଦେଇଥିଲେ। ଏହା ବିଶେଷ ଭାବରେ ଯୁବ ସମାଜକୁ ଏକ ନୂଆ ରାସ୍ତା ଦେଖାଇବ ଓ ଲୋକଙ୍କ ମଧ୍ୟରେ ସଚେତନତା ଆଣିବ ବୋଲି ମତପ୍ରକାଶ କରିଥିଲେ। ତେଲକୋଇ ବ୍ଲକର ପ୍ରାୟତଃ ୫୦ଟି ଶିକ୍ଷାନୁଷ୍ଠାନ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ନିଶାମୁକ୍ତ କରିବା ନିମନ୍ତେ ଅଗଷ୍ଟ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ତା'ର ସଫଳ ରୂପାୟନ କରାଯିବ ପାର୍ବତୀ ଭଉଣୀ ସୂଚନା ଦେଇଥିଲେ। ବ୍ରହ୍ମାକୁମାରୀ ଜସ୍ମିନ ଭଉଣୀ ନିଶାମୁକ୍ତି ପ୍ରତିଜ୍ଞାର ଶପଥ ପାଠ କରାଇଥିଲେ। ଗୋଳାବନ୍ଧ, ଛାମୁଣ୍ଡା, ମହୁରାପାଣି, ନମପଶି, ସଂକଲେଇ ଇତ୍ୟାଦିର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ଭାଇ ଭଉଣୀ ମାନେ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ

କୁଆମରା, ୬।୮ (ସମିସ): ଖୁଣ୍ଟା ଥାନା ଗିରିଶଚନ୍ଦ୍ରପୁର ଗ୍ରାମର ଜଣେ ବିଧବା ମହିଳା ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି। ମୃତକ ହେଉଛନ୍ତି ସ୍ୱର୍ଗତ ପବନା ସିଂ ଙ୍କ ପତ୍ନୀ ବାସନ୍ତୀ (୬୩)। ଗାଁ ନିକଟସ୍ଥ ଏକ ପୋଖରୀକୁ ମଧ୍ୟାହ୍ନ ରେ ବାସନ୍ତୀ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ବଶତଃ ଗଭୀର ଜଳ ମଧ୍ୟକୁ ଚାଲିଯାଇ ଆଉ ବାହାରି ପାରି ନଥିଲେ।ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୋଖରୀ ପାଣିରେ ଭାସୁଥିବାର ଦେଖିବାକୁ ପାଇଥିଲେ।ତେବେ ସ୍ଥାନୀୟ ଲୋକେ ପାଣି ଭିତରୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ମୃତ୍ୟୁ ଘଟି ସାରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବାରିପଦା ଡାକ୍ତରଖାନା ପଠାଇଛି ପୁଲିସ।

## ମୟୂରଭଞ୍ଜରେ ବୃଦ୍ଧି ପାଉଛି ଶିଶୁ ହୃଦ୍‌ରୋଗୀଙ୍କ ସଂଖ୍ୟା

# ୧୫ ମାସରେ ୧୪୯ ଜଣ ଚିହ୍ନଟ; ୧୪୦ ସଫଳ ଅସ୍ତ୍ରୋପଚାର

ବାରିପଦା,୬।୮ (ସମିସ)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି ଶିଶୁ ହୃଦ୍‌ରୋଗୀଙ୍କ ସଂଖ୍ୟା। ପ୍ରତିବର୍ଷ ଶହ ଶହ ନବଜାତ ଓ ଶିଶୁ ଜନ୍ମଗତ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଥିବା ତଥ୍ୟ ସାମ୍ନାକୁ ଆସୁଛି। ତେବେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆକ୍ରାନ୍ତ ଶିଶୁମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ପ୍ରତି ୧୦୦୦ ଜଣ ନବଜାତଙ୍କ ମଧ୍ୟରୁ ପ୍ରାୟ ଜଣେ ଦୁଇଜଣ ଶିଶୁଙ୍କଠାରେ ଜନ୍ମଗତ ହୃଦ୍‌ରୋଗ ବା ଅନ୍ୟାନ୍ୟ ଜନ୍ମଗତ ତ୍ରୁଟି ଦେଖାଯାଉଛି। ତେବେ ଡାକ୍ତରୀ ଟିମ୍‌ଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ହସ୍ପିଟାଲ୍ ଓ ମେଡିକାଲ୍ ସ୍ତରରେ ପ୍ରସବ ବୃଦ୍ଧି ପାଇବା ଏବଂ ଗାଁ ଗାଁରେ ସ୍କ୍ରିନିଂ କରାଯାଉଥିବାରୁ ପ୍ରାରମ୍ଭିକ ସ୍ତରରେ ହିଁ ଏହି ସମସ୍ୟାଗୁଡ଼ିକ ଚିହ୍ନଟ ହୋଇପାରୁଛି ଏବଂ ପରିସଂଖ୍ୟାନ ତଥ୍ୟରେ ବୃଦ୍ଧି ଘଟୁଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ହୃଦରୋଗ



ଚିକିତ୍ସା ପାଇଁ ଅକ୍ଟୋବର-୨୦୨୫ରେ ବାରିପଦା ଜିଲ୍ଲା ଚିକିତ୍ସାଳୟ ପରିସରରେ ଏକ ମେଗା ହୃଦରୋଗ କ୍ୟାମ୍ପ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୬ ଜଣଙ୍କ ସ୍କ୍ରିନ ଟେଷ୍ଟ ହୋଇଥିବା ବେଳେ ୭୧ଜଣଙ୍କ ହୃଦରୋଗ ଚିହ୍ନଟ ହୋଇଥିଲା। ଏମାନଙ୍କ ମଧ୍ୟରୁ ୨୦ଜଣରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଅନୁବନ୍ଧିତ ହସ୍‌ପିଟାଲରେ ଅସ୍ତ୍ରୋପ୍ରଚାର କରାଯାଇଥିଲା। ସେହିପରି ଏପ୍ରିଲ -୨୦୨୬ରେ ଯଶିପୁର ଠାରେ ମଧ୍ୟ ଏହିପରି ଅନ୍ୟ ଏକ କ୍ୟାମ୍ପ ଅନୁଷ୍ଠିତ କରାଯାଇଥିଲା। ସେଥିରେ ୧୨୫ଜଣଙ୍କ ସ୍କ୍ରିନଟେଷ୍ଟ କରାଯାଇଥିଲା ଏବଂ ୬୩ଜଣ ଶିଶୁଙ୍କ ହୃଦରୋଗ ଥିବା ଚିହ୍ନଟ ହୋଇଥିଲା। ଏଥିମଧ୍ୟରୁ ୬୦ଜଣଙ୍କର ଅସ୍ତ୍ରୋପଚାର ସରିଛି। ପୁରା ଜିଲ୍ଲାରେ ଏପ୍ରିଲ-୨୦୨୫ରୁ ଜୁଲାଇ -୨୦୨୬ ପର୍ଯ୍ୟନ୍ତ ୧୫ମାସରେ ୧୪୯ ଜଣ ହୃଦରୋଗ ଶିଶୁଙ୍କ ଚିହ୍ନଟ ହୋଇଥିଲା। ଏଥି ମଧ୍ୟରୁ ୧୪୦ ଜଣଙ୍କ ଅସ୍ତ୍ରୋପଚାର କରାଯାଇଛି।

ଆଗାମୀ ଦିନରେ ଅବଶିଷ୍ଟ ୯ଜଣଙ୍କ ଅସ୍ତ୍ରୋପଚାର କରାଯିବ। ଜିଲ୍ଲାରେ ହୃଦରୋଗ ଶିଶୁ ଅଧିକ ଚିହ୍ନଟ ହେଉଥିବା କାରଣରୁ ଖୁବଶୀଘ୍ର ଆଉ ଏକ କ୍ୟାମ୍ପ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମ ବିଭାଗ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟେକ ବ୍ଲକ୍‌ରେ କାର୍ଯ୍ୟରତ ମୋବାଇଲ୍ ହେଲଥ ଟିମ୍ (ଏମଏଚଟି) ଘରକୁ ଘର ଓ ସ୍କୁଲ/ଅଙ୍ଗନବାଡ଼ି ବୁଲି ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ରୋଗୀ ଚିହ୍ନଟ ହେବା ପରେ ବାରିପଦା ଡିଇଆଇସି ମାଧ୍ୟମରେ କଟକ, ଭୁବନେଶ୍ୱର, କୋଲକାତା, ଅହମ୍ମଦାବାଦ ଓ ମୁମ୍ବାଇ ଭଳି ବଡ଼ ବଡ଼ ସହରରେ ଥିବା ହସ୍ପିଟାଲକୁ ଅପରେସନ ଏବଂ ଚିକିତ୍ସା ପାଇଁ ପଠାଯାଉଛି। ପରିବାରର ଘରୁ ନେବା-ଆଣିବା, ରହିବା, ଖାଇବା ଏବଂ ଗ୍ରାଣ୍ଡ ସର୍ଜରୀର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। କେବଳ ହୃଦରୋଗ ନୁହେଁ, ଦୃଷ୍ଟି ବାଧିତ, ଅସ୍ଥିଭଙ୍ଗ, ଗ୍ରହଣ ଖଣ୍ଡିଆ ସବୁ ମାଗଣାରେ ଚିକିତ୍ସା ହେଉଛି ବୋଲି କହିଛନ୍ତି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍‌ଏଚ୍‌ଟି-୧ରେ କାର୍ଯ୍ୟରତ ଡାକ୍ତର ଜୟଦେବ ପଣ୍ଡା। ୪ ମାସ ୩ ଦିନର ଛୁଆକୁ ନେଇ ଦେଓଗିଆ ଅଞ୍ଚଳରୁ ଆସିଥିବା ଅବିନାଶ ସିଂ କହିଛନ୍ତି, ଛୁଆର ପେଟ ଆଉ ନିଶ୍ୱାସ ନେବା ସମସ୍ୟା ହେଉଥିଲା, ସେଥିପାଇଁ ଦେଖାଇବାକୁ ଆସିଥିଲୁ। ସାର୍ କହିଲେ ମେଡିସିନ୍ ଖାଅ, ତା'ପରେ ଭୁବନେଶ୍ୱର ଯିବ। ସେହିପରି ଅନ୍ୟ ଏକ ଶିଶୁର ମା ମାଝୀ କହିଛନ୍ତି, ତାଙ୍କ ଛୁଆର ହାର୍ଟ ସମସ୍ୟା ଅଛି, ସେଥିପାଇଁ କୋଲକାତା ରେଫର କରାଯାଇଛି।

ବାରିପଦା ଡିଇଆଇସିରୁ ସାର୍ ଫୋନ୍ କଲେ ଆମେ ଆସୁ। ସରକାରୀ ଚିକିତ୍ସାରେ ବହୁତ ସୁବିଧା ହେଉଛି। ମୟୂରଭଞ୍ଜ ଭଳି ବୃହତ୍ ଜିଲ୍ଲାରେ ଶିଶୁ ହୃଦ୍‌ରୋଗୀଙ୍କ ସଂଖ୍ୟା ଅଧିକ ଜଣାପଡୁଥିଲେ ବି ସଠିକ୍ ସମୟରେ ରୋଗ ନିରୂପଣ ଓ ଆରବିଏସକେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ଅନେକ ଶିଶୁଙ୍କୁ ନୂଆ ଜୀବନ ଦେଉଛି। ଗ୍ରାମାଞ୍ଚଳର ଅଭିଭାବକମାନେ କୌଣସି ପ୍ରକାର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଆଶା କର୍ମୀ କିମ୍ବା ଆରବିଏସକେ ଟିମ୍ ସହ ଯୋଗାଯୋଗ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡାକ୍ତର ବି ଏନ ଦାଶ କହିଛନ୍ତି।

## ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ଉପସଭାପତିଙ୍କ ଅକାଳ ବିୟୋଗ

ବାରିପଦା, ୬।୮(ସମିସ): ବିଜୁ ଛାତ୍ର ଜନତା ଦଳର ଉପସଭାପତି ସୁଶୀଲ ସେଠୀ (ସିପୁ-୩୫)ଙ୍କ ଅକାଳ ବିୟୋଗ ଘଟିଛି। ସକାଳୁ ହଠାତ୍ ଛାତିରେ ଯନ୍ତ୍ରଣା ହେବା ଫଳରେ ଜିଲ୍ଲା ହେଡ୍‌କ୍ୱାଟର ହସ୍ପିଟାଲ ବାରିପଦାକୁ ନେବା ସମୟରେ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା। ଶ୍ରୀ ସେଠୀ ଜିଲ୍ଲାର ଛାତ୍ର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆକସ୍ମିକ ମୃତ୍ୟୁ ଖବର ମିଳିବା ପରେ ରାଜ୍ୟ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡି, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଇପ୍ସିତା ସାହୁ, ମୁଖପାତ୍ର ଲେଲିନ୍ ମହାନ୍ତି ଗଭୀର ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମ ରେ ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜି ଶ୍ରୀ ସେଠୀଙ୍କ ବାସଭବନରେ ଭାରତୀ ହାଁସଦା, ସୁବ୍ରମଣ୍ୟମ୍ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି ନଛି, ସୀମା ଦାସ, ପ୍ରତିନନ୍ଦା କାନୁନଗୋ, ଶ୍ରାବଣୀ ଦାସ, ସବିତା ବେହେରା, କୁମାର ମୁଖୀ, ଶିବଶଙ୍କର ପାତ୍ର, ଦେବାଶିଷ ପାତ୍ର, ଅରୁଣ ବରାଡ, ସୁନିଲ କୁମାର ନାୟକ, ଅବଦୁଲ ହବିବ, ଅମିତ୍ କୁମାର ବୈଠା, ସେକ ହାକିମ, ଆଶୀର୍ବାଦ ଦାଶ, ଅମନ ପପୁ, ଦେବବ୍ରତ ବେହେରା, ଅଭିନାସ ବେହେରା, ମନିଷ ବେହେରା, ଦେବବ୍ରତ ସେନାପତି ଶେଷ ଦର୍ଶନ କରି ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପିତା ଅବସରପ୍ରାପ୍ତ ଏସବିଆଇ ଅଫିସର ଶରତ ସେଠୀ, ମା' ବରିଷ୍ଠ ନାରୀ ନେତ୍ରୀ ଅନିତା ସେଠୀ, ଝିଅ, ଦୁଇ ପୁଅ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ସାନ ଭାଇ ମୁଖାଗ୍ନି ଦେଇ ଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରୁ ମନରେଗା ଫାଇଲ ଚୋରି

ବାରିପଦା,୬।୮ (ସମିସ): ଖୁଣ୍ଟା ବ୍ଲକ ଧାନଘେରା ପଞ୍ଚାୟତ କାର୍ଯ୍ୟାଳୟରୁ ମନରେଗା ସମ୍ପର୍କୀତ ଫାଇଲ ଗୁଡିକ ଚୋରି ହୋଇଛି। ମଙ୍ଗଳବାର ରାତିରେ ଚୋର ପଞ୍ଚାୟତ କାର୍ଯ୍ୟାଳୟର ଲୁହା ଗ୍ରୀଲ ଭାଙ୍ଗି ଦୁଇ ଆଲମୀରାର ତାଲା ଭାଙ୍ଗିଥିଲେ। ଆଲମୀରାର ଗୋଟିଏ ମଝି ଥାକରେ ଥିବା ମନରେଗା ଯୋଜନା ପ୍ରକଳ୍ପର ୩ ବର୍ଷର ପ୍ରାୟ ୩୦ ଟି ଫାଇଲ ସହିତ ଗୋଟିଏ ବ୍ୟାଟେରୀ ଓ ଇନଭର୍ଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସରପଞ୍ଚ ମୁନି ନାଏକ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତିକାନ୍ତ ସିଂ ଉଦଳା ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ଚାଉଳ ପ୍ରଦାନ ବାରି ଥିବାରୁ ଯୋଗାଣ ସହାୟକ ସକାଳୁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଗ୍ରୀଲ୍ ଭଙ୍ଗାଯାଇଥିବା ଦେଖି ପିଇଓଙ୍କୁ ଜଣେଇଥିଲେ। ଏହି ଫାଇଲ ଚୋରିର ଉଦ୍ଦେଶ୍ୟ ପଛରେ ହୁଏତ କୌଣସି ଅନିୟମିତତାକୁ ଘୋଡେଇବାର ଉଦ୍ୟମ ହୋଇଥାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ପୁଲିସ ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ।

## ଅପରାଧ ରୋକିବାକୁ ବୁଲିବ ବୁଲ୍‌ଡୋଜର

ଯୋଡା, ୬।୮ (ସମିସ): ଗତ କିଛି ଦିନ ପୂର୍ବରୁ ରାଜନନ୍ଦନ ଚୌଧୁରୀ ନାମକ ଜଣେ ବ୍ୟକ୍ତି ମର୍ଣ୍ଣି ୱାକରେ ଘରୁ ବାହାରିଥିବା ବେଳେ ଏକ ପୋଲ ଉପରେ ତାଙ୍କୁ ୪ ଜଣ ନାବାଳକ ଅଟକାଇ ମୋବାଇଲ, ଘଣ୍ଟା ଛଡାଇନେବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ୭୦ ଫୁଟ ଉଚ୍ଚ ପୋଲ ତଳକୁ ଫିଙ୍ଗି ହତ୍ୟା କରିଥିଲେ। ଏହି ଘଟଣା ସମଗ୍ର ଯୋଡା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା।

ପୁଲିସ ଅଭିଯୁକ୍ତ ୪ଜଣ ନାବାଳକଙ୍କୁ ଗିରଫ କରି କିଶୋର ନ୍ୟାୟାଳୟକୁ ପଠାଇଥିଲେ ମଧ୍ୟ ଏହି ଘଟଣାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ସରକାରୀ ଜାଗା ଉପରେ ଥିବା ଉକ୍ତ ଅଭିଯୁକ୍ତଙ୍କ ଘରଗୁଡିକୁ ବୁଲଡୋଜର ଲଗାଇ ଭାଙ୍ଗିଦେବା ପାଇଁ ପଦକ୍ଷେପ ଗ୍ରହଣ କରୁଛି। ଏନେଇ ସେମାନଙ୍କୁ ନୋଟିସ୍ ପ୍ରଦାନ କରାଯାଇଥିବା ବେଳେ ଏହାକୁ ନେଇ ଅସାମାଜିକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଯୋଡା ସହର ଅପରାଧ ପ୍ରବଣ ହେବାରେ ଲାଗିଛି। ଅନେକ ୧୮ ବର୍ଷରୁ କମ ବୟସର କିଶୋର ସାମିଲ ଥିବାରୁ ପୁଲିସ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ। ସେହିପରି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଅସାମାଜିକ ବ୍ୟକ୍ତିମାନେ ଏହି କିଶୋରମାନଙ୍କ ମାଧ୍ୟମରେ ଚୋରି, ଡକାୟତି, ଲୁଟ୍, ଟ୍ରକମାନଙ୍କରୁ ଡିଜେଲ ଚୋରି ପ୍ରଭୃତି ଅସାମାଜିକ କାର୍ଯ୍ୟ ଘଟାଇ ଏହାକୁ ଅର୍ଥ ଉପାର୍ଜନର ମାର୍ଗ ଭାବେ ଗ୍ରହଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି କିଶୋରମାନେ ନିଶାସକ୍ତ ଅବସ୍ଥାରେ ଅସାମାଜିକ କାର୍ଯ୍ୟ ଘଟାଉଥିବା ବେଳେ ନରହତ୍ୟା ଭଳି ଜଘନ୍ୟ କାଣ୍ଡ ଘଟାଇବାକୁ ମଧ୍ୟ ପଛାଉନାହାନ୍ତି। ଏଥିପାଇଁ ଅବହେଳିତ ଶୈଶବ ଦାୟୀ ବୋଲି ଜଣାପଡିଛି। ଏହି ନାବାଳକମାନଙ୍କ ଉପରେ ସେମାନଙ୍କର ମା, ବାପାଙ୍କର କୌଣସି କଟକଣା ରହୁନାହିଁ। ପାଠ ପଢା ତ ଦୂରର କଥା ପିଲା କଣ ଖାଇଲା, କେଉଁଠି ରହିଲା ତାହା ମଧ୍ୟ ବାପା-ମା ହିସାବ ରଖନ୍ତି ନାହିଁ। ଦିନ ଦିନ ଧରି ପିଲା ଘରକୁ ଫେରୁନଥିବା ବେଳେ ସେମାନଙ୍କ ପ୍ରତି ମଧ୍ୟ ମା ବାପାଙ୍କର ନିଘା ନଥାଏ। ଚୋରି, ଡକାୟତି କରି ନିଶା ସେବନ କରିବା ସହ ସେମାନେ ଉଚ୍ଛୃଙ୍ଖଳିତ ଜୀବନ ଜାପନ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ ଢାଞ୍ଚାରେ ଅପରାଧୀଙ୍କୁ ଦମନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସୂତ୍ରରୁ ଜଣାପଡିଛି।

## ଦୁଇଟି ଟ୍ରାନ୍ସଫର୍ମର ଚୋରି; ଗ୍ରାମବାସୀ ଅନ୍ଧାରରେ

କଳାବାଡ଼ିଆ,୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଚନ୍ଦନପୁର ପଞ୍ଚାୟତର ଚନ୍ଦନପୁର ଓ ଅକ୍ତାପାଳ ଗ୍ରାମରେ ଚୋରମାନେ ବିଦ୍ୟୁତ୍ ଲାଇନ୍ କାଟି ଦୁଇଟି ଟ୍ରାନ୍ସଫର୍ମରକୁ ଚୋରି କରି ନେଇଛନ୍ତି। ରାତିରେ ହାତୀ ଆସିଥିବାରୁ



ବିଭାଗ ପକ୍ଷରୁ ବିଦ୍ୟୁତ୍ କଟାଯାଇଥିବା ପ୍ରତମେ ଲୋକେ ଭାବିଥିଲେ। ମାତ୍ର ରାତି ସାରା ଲାଇନ୍ ଆସିନଥିଲା। ସକାଳେ ଗ୍ରାମବାସୀ ଦେଖିବାକୁ ପାଇଥିଲେ ଯେ ଚନ୍ଦନପୁର ଓ ଅକ୍ତାପାଳ ଠାରେ ଦୁଇଟି ଟ୍ରାନ୍ସଫର୍ମର ନାହିଁ। ବିଲରେ ଖୋଳ ପଡିଥିବା ବେଳେ ଚୋରମାନେ ଏହାକୁ ଚୋରି କରି ନେଇଛନ୍ତି। ଏ ବାବଦରେ ଗ୍ରାମବାସୀଙ୍କ ତରଫରୁ ପୁଲିସ ଓ ବିଦ୍ୟୁତ୍ ବିଭାଗକୁ ଲିଖିତ ଅଭିଯୋଗ ପରେ ପୁଲିସ୍ ଘଟଣାସ୍ଥଳ ପହଞ୍ଚି ତଦନ୍ତ କରି ଫେରି ଆସିଛି। ପୁଲିସ ଲିଖିତ ଅଭିଯୋଗ ପାଇ ଥାନାରେ ଏକ କେଶ ମଧ୍ୟ ରୁଜୁ କରିଛି। ଏ ବାବଦରେ ବିଦ୍ୟୁତ୍ ବିଭାଗର ଫିଲ୍ଡ ଯନ୍ତ୍ରୀ ବିକ୍ରମ ଦାସ କୁହନ୍ତି ଦୁଇଟି ଟ୍ରାନ୍ସଫର୍ମର ଚୋରି ହେବା ସତ। ଯାହାର ଅଟକଳ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୋରଡା,୬।୮ (ସମିସ): ମୋରଡ଼ା ବ୍ଲକ ତଥା ଶୁଳିଆପଦା ଥାନା ଅଧିନ ଚଢେଇ ଗାଁ ପଞ୍ଚାୟତ ଡାଳଗାଁ ରେ ଥିବା ଏକ ପୋଖରୀରୁ ଭାସମାନ ଅବସ୍ଥାରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ମୃତକ ହେଲେ ଡାଳଗାଁ ଗ୍ରାମର ବାହାଦୂର ଗଣ୍ଡୁଆର। ମଙ୍ଗଳବାର ବାହାଦୁର ଗଣ୍ଡୁଆ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। ତେବେ ପରିବାର ଲୋକେ ଏଣେ ତେଣେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡ଼ିକାଲକୁ ପଠାଇଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

ଶୁକ୍ରୁଳି,୬।୮ (ସମିସ): ଶୁକ୍ରୁଳି ବ୍ଲକ୍ ପାଣ୍ଡରଶୀଳ ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏକ ଷ୍ଟିଲ୍ ପ୍ଲାଣ୍ଟ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଥିବା ଏକ ଗଛଡ଼ାଳରେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖି କେତେକ ଲୋକ ପୁଲିସକୁ ସୂଚିତ କରିଥିଲେ। ରରୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁବକ ଜଣକ ଲାଲରଙ୍ଗର ସାର୍ଟରେ ଏକ ଛୋଟ ଗଛ ଡାଳରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଦୁଇ ପାଦରେ ରକ୍ତ ଲାଗିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଯୁବକଙ୍କ ବୟସ ୩୦ରୁ ୩୫ବର୍ଷ ମଧ୍ୟରେ ହେବ। ଅନ୍ୟସ୍ଥାନରେ ମାରି ଏଠାରେ ଟାଙ୍ଗିଦିଆଯାଇଥିବା ଅନୁମାନ କରାଯାଉଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ



ଚମ୍ପୁଆ, ୬।୮ (ସମିସ): ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ଓ ପ୍ରତିଭା ପ୍ରଦର୍ଶନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ ମଧ୍ୟ ହୋଇଥିଲା। ସନ୍ଧ୍ୟା ସମୟରେ ପୂର୍ବତନ ପରିଚାଳନା ସମିତିର ସଦସ୍ୟ, ବର୍ତ୍ତମାନର ପରିଚାଳନା ସମିତିର ସଦସ୍ୟ, ପୂର୍ବତନ ଛାତ୍ରଛାତ୍ରୀ, ମାତୃଭାରତୀର ସଦସ୍ୟା, ଶୁଭେଚ୍ଛୁ ଅଭିଭାବକ-ଅଭିଭାବିକା ତଥା ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସଭାରେ ପୂର୍ବତନ ତଥା ପ୍ରଥମ ପରିଚାଳନା ସମିତିର ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ରାମ ମୁଖ୍ୟଅତିଥି, ଶିକ୍ଷା ବିକାଶ ସମିତି, ଓଡ଼ିଶା ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର ଓ ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅରୁଣ ନାଏକ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଆଭିମୁଖ୍ୟ କଥନ କରିଥିବା ବେଳେ ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା, ସେବକସେବିକା ସହଯୋଗ କରିଥିଲେ।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ | ଦୂରବର୍ତ୍ତୀ ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ରରେ ବ୍ୟାପକ ଅନିୟମିତତା

ବାରିପଦା,୬।୮ (ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ)ରେ ବ୍ୟାପକ ଅନିୟମିତତା, ନିୟମ ଉଲ୍ଲଂଘନ ଏବଂ କ୍ଷମତାର ଅପବ୍ୟବହାରକୁ ନେଇ ଗମ୍ଭୀର ଅଭିଯୋଗ ସାମ୍ନାକୁ ଆସିଛି। ନିୟମ ଉଲ୍ଲଂଘନ ଓ ଜାଲିଆତି ସମ୍ପର୍କରେ ନୂଆଦିଲ୍ଲୀସ୍ଥିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଦୂରଶିକ୍ଷା ବ୍ୟୁରୋ (ଡିଇବି)ର ସଚିବଙ୍କ ନିକଟରେ ଏକ ଲିଖିତ ଦାବିପତ୍ର/ସଙ୍କଳ୍ପ ପତ୍ର ମାଧ୍ୟମରେ ଅଭିଯୋଗ କରାଯାଇଛି। ଭୁବନେଶ୍ୱର ଶାସ୍ତ୍ରୀ ନଗରସ୍ଥିତ ଏସବିଆଇ କୋଲୋନୀର ଅଧିବାସୀ ସମର୍ଥ ଷଡ଼ଙ୍ଗୀ ସୂଚନା ଅଧିକାର ବଳରେ ପ୍ରାପ୍ତ ସମସ୍ତ ପ୍ରମାଣପତ୍ର ସହ ଏହି ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୟୁଜିସିର ଓପନ୍ ଆଣ୍ଡ ଡିଷ୍ଟାନ୍ସ ଲର୍ନି (ୟୁଜିସି-ଓଡ଼ିଏଲ ରେଗୁଲସନସ୍, ୨୦୨୦) ନିୟମାବଳୀ ଅନୁଯାୟୀ, ଦୂରଶିକ୍ଷା କେନ୍ଦ୍ର ପାଇଁ ଜଣେ ପୂର୍ଣ୍ଣକାଳୀନ ତଥା ଉତ୍ସର୍ଗୀକୃତ ନିର୍ଦ୍ଦେଶକ ନିଯୁକ୍ତି ଦେବା ବାଧ୍ୟତାମୂଳକ ହୋଇଥିବା ବେଳେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିୟମକୁ ଆଖିବୁଜି ମିଥ୍ୟା ସତ୍ୟପାଠ, ଭୁଲ୍ ତଥ୍ୟ ଓ ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରି ନିୟାମକ ମାନ୍ୟତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ତଥା ପ୍ରଫେସର ଏସ କେ ନାୟକଙ୍କୁ ସିଡିଓଇର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇ ୟୁଜିସି ନିକଟରେ ତାଙ୍କୁ ସମ୍ପୂର୍ଣ୍ଣ 'ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ' ଦର୍ଶାଯାଇଥିଲେ ହେଁ, ବାସ୍ତବରେ ସେ ଏକାଧିକ ଶିକ୍ଷାଗତ ଓ ପ୍ରଶାସନିକ ପଦବୀ ସମ୍ଭାଳୁଛନ୍ତି। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଦପ୍ତରୀ ଆଦେଶ ଅନୁଯାୟୀ (ଅଫିସ ଆଦେଶ ସଂଖ୍ୟା: ୪୫୧୪/ଏମଏସସିବି, ତାରିଖ: ୨୫/୦୭/୨୦୨୪), ତାଙ୍କୁ ବାୟୋଟେକ୍ନୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ (ଏଚଓଡ଼ି), କ୍ୟାରିଅର୍ କାଉନସେଲିଂ ସେଲ୍‌ର ଅଫିସର-ଇନ୍-ଚାର୍ଜ ଏବଂ ଏଚଆରଡି ସେଣ୍ଟରର ନିର୍ଦ୍ଦେଶକ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ୧୩/୦୧/୨୦୨୫ରେ (ଅଫିସ ଆଦେଶ ସଂଖ୍ୟା: ୧୭/୨୦୧୪/୧୮୦) ତାଙ୍କୁ ସିଡିଓଇର ନିର୍ଦ୍ଦେଶକ ପଦରେ ନିଯୁକ୍ତି ଦେଇ ମୂଳ ବିଭାଗର ଦାୟିତ୍ୱରୁ ମୁକ୍ତ ରଖିବାକୁ କୁହାଯାଇଥିଲେ ସୁଦ୍ଧା, ପୁନର୍ବାର ୦୬/୦୬/୨୦୨୫ରେ (ଅଫିସ ଆଦେଶ ସଂଖ୍ୟା: ୩୨୨୩) ତାଙ୍କୁ ୨୦୨୫-୨୬ ଓ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ (ଏଚଓଡ଼ି) ଭାବେ ପୁନଃ ନିଯୁକ୍ତି ଦିଆଯାଇଛି। ପୁଣି ୦୬/୦୫/୨୦୨୬ରେ (ଆଦେଶ ସଂଖ୍ୟା: ୨୪୦) ତାଙ୍କ ସିଡିଓଇ ନିର୍ଦ୍ଦେଶକ କାର୍ଯ୍ୟକାଳକୁ ଆଉ ଗୋଟିଏ ବର୍ଷ ବୃଦ୍ଧି କରାଯାଇଛି। ଏହିଭଳି ଦ୍ୱନ୍ଦ୍ୱିକ, ଜାଲିଆତି ଓ ବେଆଇନ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୟୁଜିସି ନିକଟରେ ଏମଏସସିବି ବିଶ୍ୱବିଦ୍ୟାଳୟର ଓଡ଼ିଏଲ ମାନ୍ୟତା ରଦ୍ଦ ହେବାର ଗୁରୁତର ଆଶଙ୍କା ଦେଖାଦେଇଛି। ଓଡ଼ିଏଲ ମାନ୍ୟତା ରଦ୍ଦ ହେଲେ ଏହି କେନ୍ଦ୍ରରେ ପଢୁଥିବା ହଜାର ହଜାର ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିବ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ପ୍ରତିଷ୍ଠା ଓ ଆର୍ଥିକ



- ନିୟମ ଉଲ୍ଲଂଘନ ଓ କ୍ଷମତାର ଅପବ୍ୟବହାର
- ପ୍ରଫେସରଙ୍କ ମିଥ୍ୟା ସତ୍ୟପାଠ
- ୟୁଜିସି-ଡିଇବି ନିକଟରେ ସଂଗୀନ ଅଭିଯୋଗ
- ବିଶ୍ୱବିଦ୍ୟାଳୟର ଓଡିଏଲ ମାନ୍ୟତା ରଦ୍ଦ ଆଶଙ୍କା

ଅନୁଦାନ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପଡ଼ିବ। ସମସ୍ୟାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନଗର ଉନ୍ନୟନ, ଗୃହ ନିର୍ମାଣ ଏବଂ ସର୍ବସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିବା ବେଳେ, ଅଭିଯୋଗକାରୀ ଶ୍ରୀ ଷଡ଼ଙ୍ଗୀ ୟୁଜିସି-ଡିଇବି ନିକଟରେ ବିଶ୍ୱବିଦ୍ୟାଳୟର ସମସ୍ତ ସରକାରୀ ନଥିପତ୍ର, ନିଯୁକ୍ତି ସମ୍ପର୍କିତ ବାୟୋମେଟ୍ରିକ ଉପସ୍ଥାନ, ଦୂରଶିକ୍ଷା ପାଣ୍ଠିର ହେରଫେର ଓ ବିନିଯୋଗର ସ୍ୱାଧୀନ ଆର୍ଥିକ ଅଡିଟ୍ ସହ ନିୟମ ଭଙ୍ଗ କରିଥିବା ଅଫିସରଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ସୂଚନା ଅଧିକାରୀ ତଥା ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତା ସିଂଙ୍କୁ ପଚାରିବାରୁ ସେ ଅନୁଧ୍ୟାନ କରି ଜଣାଇବେ ବୋଲି କହିଛନ୍ତି।

# ଏକବର୍ଷ ହେଲା ବସିନି ରୋଗୀ କଲ୍ୟାଣ ସମିତି ବୈଠକ

## ଚମ୍ପୁଆ ଡାକ୍ତରଖାନାରେ ପ୍ରଶାସନିକ ଅଚଳାବସ୍ଥା

ଚମ୍ପୁଆ, ୬।୮ (ସମିସ)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି (ଆରକେଏସ୍) ବୈଠକକୁ ନେଇ ସାମ୍ନାକୁ ଆସିଛି ସାଂଘାତିକ ଅବହେଳା। ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସିନାହିଁ ରୋଗୀ କଲ୍ୟାଣ ସମିତି ବୈଠକ। ବର୍ଷକୁ ଅତି କମରେ ଦୁଇଥର ବୈଠକ ହେବାର ନିୟମ ଥିବା ସତ୍ତ୍ୱେ ହସ୍ପିଟାଲ ପ୍ରଶାସନର ନିଷ୍କ୍ରିୟତା ଏବେ ସାମନାକୁ ଆସୁଛି। ବୈଠକ ନ ହେବା ଯୋଗୁଁ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ଓ ସମାଧାନର ରାସ୍ତା ବାହାରି ପାରୁ ନଥିବା ଅଭିଯୋଗ ହେଉଛି। ଭିତ୍ତିଭୂମି ବିକାଶ, ପରିଚାଳନାଗତ ବିଭ୍ରାଟ, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀ ସେବା ଓ ଡାକ୍ତରଙ୍କ ଅଭାବ ଭଳି ସମସ୍ୟା



ଏବେ ବି ରହିଛି। ଏପରିକି ଗୁରୁତ୍ୱପୂର୍ଣ୍ଣ ଏସ୍‌ଡିଏମ୍‌ଓ ପଦ ମଧ୍ୟ ଦୀର୍ଘ ସମୟ ଧରି ଖାଲି ପଡ଼ିଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ସରକାରୀ ଅନୁମତି ମିଳିବା ସହ ରାଜସ୍ୱ ବିଭାଗ ପକ୍ଷରୁ ଜମି ମଧ୍ୟ ଯୋଗାଇ ଦିଆଯାଇଛି। ତଥାପି ପ୍ରକଳ୍ପ ଆଗକୁ ବଢ଼ିପାରୁନାହିଁ। ଏହା ପଛରେ ବିଭାଗର ଆନ୍ତରିକତା ଅଭାବ ବୋଲି ବୁଦ୍ଧିଜୀବୀ ମହଲ ଆଲୋଚୋନା ହେଉଛି। ଏସଡିଏମଓ ଡାକ୍ତର ବି.କେ. ଦାସ କହିଛନ୍ତି, ଆଜି ଏ ଦିଗରେ ବିଧିବଦ୍ଧ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ହସ୍ପିଟାଲ ମ୍ୟାନେଜର ଏମ୍‌ଡିଓ ୱାସିମ କହିଥିଲେ ଯେ ପୂର୍ବତନ ଏସ୍‌ଡିଏମ୍‌ଓ ପ୍ରାୟ ଦୁଇ ମାସ ଛୁଟିରେ ଥିଲେ ଏବଂ ପରେ ତାଙ୍କର ବଦଳି ହୋଇଯାଇଥିଲା। ତେବେ ଶେଷଥର କେବେ ରୋଗୀ କଲ୍ୟାଣ ସମିତି ବୈଠକ ବସିଥିଲା, ତାହାର ସଠିକ୍ ଉତ୍ତର ଦେବାରେ ସେ ଦ୍ୱିଧା ପ୍ରକାଶ କରିଥିଲେ। ରୋଗୀ କଲ୍ୟାଣ ସମିତିର ନିୟମିତ ବୈଠକ ନ ବସିବା ଯୋଗୁଁ ଡାକ୍ତରଖାନାର ସମସ୍ୟାଗୁଡ଼ିକ କେବେ ସମାଧାନ ହେବ ଏବଂ ଟ୍ରମା କେୟାର ପ୍ରକଳ୍ପ କେବେ ଆକାର ନେବ, ତାହାକୁ ନେଇ ଏବେ ରୋଗୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ପ୍ରଶାସନ ତୁରନ୍ତ ଆରକେଏସ୍ ବୈଠକ ଡାକି ଡାକ୍ତରଖାନାର ସମସ୍ତ ସମସ୍ୟା ଉପରେ ଆଲୋଚନା କରିବା ସହ ଅଚଳ ପ୍ରକଳ୍ପଗୁଡ଼ିକୁ ଗତି ଦେବାକୁ ଦାବି ହେଉଛି।

## ବନ ସଂରକ୍ଷଣ, ହାତୀ-ମଣିଷ ସଂଘର୍ଷର ରେଞ୍ଜସ୍ତରୀୟ ସମୀକ୍ଷା



ତୁରୁମୁଙ୍ଗା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟରେ ବୁଧବାର ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଅଧ୍ୟକ୍ଷତା କରି ବନ ପରିଚାଳନା, ବନ୍ୟଜନ୍ତୁ ସୁରକ୍ଷା ଏବଂ ସମୁଦାୟ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ। ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ, ପ୍ରଥମ ବର୍ଷର ବୃକ୍ଷରୋପଣର ସଫଳତା, ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ସହ ଚାରା ବଣ୍ଟନ, ସୌର ଆଲୋକ ଓ ଶସ୍ୟ ସଂରକ୍ଷଣ ପାତ୍ର ବଣ୍ଟନ, ବନ ସୁରକ୍ଷା ସମିତି ରିଭଲଭିଂ ଫଣ୍ଡ ଋଣ ପରିଶୋଧ ଏବଂ ମଣିଷ ହାତୀ ସଂଘର୍ଷ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ହାତୀଜନିତ କ୍ଷୟକ୍ଷତି ସମ୍ବନ୍ଧୀୟ ଅନୁକମ୍ପା ସର୍ଭେ ଓ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ବନ ସୁରକ୍ଷା କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ କରିବା ଏବଂ ଲୋକସମ୍ପୃକ୍ତି ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ବୈଠକରେ ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର, ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ଏନଜିଓ ସଦସ୍ୟ ଉପସ୍ଥିତ ଥିଲେ।

## ନିଲାମୀ ଟ୍ରକ୍‌ର ଏଫ୍‌ଆର୍‌ସି ପାଇଁ ୨୬ ହଜାର ଲାଞ୍ଚ

# ୨ ଆର୍‌ଟିଓ କର୍ମଚାରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ରାଉରକେଲା,୫।୮ (ସମିସ): ନିଲାମ ଦ୍ୱାରା କ୍ରୟ କରାଯାଇଥିବା ଦୁଇଟି ଟ୍ରକ୍‌ର ଫ୍ରେସ୍ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ (ଏଫ୍‌ଆର୍‌ସି) ପ୍ରଦାନ ପାଇଁ ୨୬ ହଜାର ଟଙ୍କା ଲାଞ୍ଚ ନେବାବେଳେ ରାଉରକେଲା ଆର୍‌ଟିଓ କାର୍ଯ୍ୟାଳୟର ୨ ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ବିଭାଗ ବୁଧବାର ଗିରଫ କରିଛି। ସେମାନଙ୍କ ଠାରୁ ଲାଞ୍ଚ ବାବଦକୁ ନିଆଯାଇଥିବା ୨୬ ହଜାର ଟଙ୍କା ଭିଜିଲାନ୍ସ ଅଧିକାରୀ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରାଉରକେଲା ଆର୍‌ଟିଓ କାର୍ଯ୍ୟାଳୟର ଡିଲିଂ କିରାଣି ତଥା ନାଇଟ୍ ୱାଚର୍ ନିରଞ୍ଜନ ଷଣ୍ଢ ଓ ଆଇଟି ଏକ୍‌ଜିକ୍ୟୁଟିଭ ଧର୍ମେନ୍ଦ୍ର କୁମାର ବେହେରା।





ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ନିଲାମ କରାଯାଇଥିବା ଦୁଇଟି ଟ୍ରକ୍‌କୁ କ୍ରୟ କରିଥିଲେ। ପୂର୍ବତନ ମାଲିକ ଋଣ ପରିଶୋଧ କରି ନଥିବାରୁ ବ୍ୟାଙ୍କ ଟ୍ରକ୍‌ଗୁଡ଼ିକୁ ନିଲାମ କରିଥିଲା। ନିୟମ ଅନୁସାରେ ନୂତନ ମାଲିକ ଦୁଇଟି ଟ୍ରକ୍‌ର ଏଫ୍‌ଆର୍‌ସି ପାଇଁ ରାଉରକେଲା ଆର୍‌ଟିଓ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କିନ୍ତୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଡିଲିଂ କିରାଣି ନିରଞ୍ଜନ ଆବେଦନ ପ୍ରକ୍ରିୟା ଆଗକୁ ବଢ଼ାଇ ନଥିଲେ। ବରଂ ପ୍ରତି ଟ୍ରକ୍ ପିଛା ୧୩ ହଜାର ଟଙ୍କା ଲେଖାଏଁ ମୋଟ ୨୬ ହଜାର ଟଙ୍କା ଦାବି କରିଥିଲେ। ଫଳରେ ଅଭିଯୋଗକାରୀ ବାଧ୍ୟ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଭିଜିଲାନ୍ସ ପକ୍ଷରୁ ଟ୍ରାପ ପାଇଁ ଯୋଜନା କରାଯାଇଥିଲା। ପୂର୍ବ ଯୋଜନା ମୁତାବକ ବୁଧବାର ନିରଞ୍ଜନ ଓ ତାଙ୍କ ସହଯୋଗୀ ଧର୍ମେନ୍ଦ୍ର ଅଭିଯୋଗକାରୀଙ୍କ ଠାରୁ ୨୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ଉଭୟଙ୍କ ନିକଟରୁ ରାସାୟନିକ ଲେପ ଥିବା ସମ୍ପୂର୍ଣ୍ଣ ଲାଞ୍ଚ ଅର୍ଥ ୨୬ ହଜାର ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ନିରଞ୍ଜନଙ୍କ ସହ ସମ୍ପୃକ୍ତ ତିନୋଟି ସ୍ଥାନରେ ଆୟବହିର୍ଭୂତ ସମ୍ପତ୍ତି ଠାବ ପାଇଁ ଏକକାଳୀନ ଚଢ଼ଉ ଚାଲିଛି। ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଉଭୟ ଅଭିଯୁକ୍ତଙ୍କୁ ଜେରା କରାଯିବା ସହ ତଦନ୍ତ ଜାରି ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛାତ୍ରଙ୍କ ଉପରେ...

ଅଦାଲତ ସ୍ପଷ୍ଟ କରିଛନ୍ତି। ନିକଟରେ ନିଟ୍ ପରୀକ୍ଷା ଅନିୟମିତତାକୁ ନେଇ କକ୍ରୋଚ୍ ଜନତା ପାର୍ଟି ନେତୃତ୍ୱରେ ହୋଇଥିବା ଛାତ୍ର ଆନ୍ଦୋଳନର ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଗୋଷ୍ଠୀ ଆବେଦନ କରିଥିଲେ। ଏହାସହ ଆନ୍ଦୋଳନ ସମୟରେ ଅଶୋଭନୀୟ ଆଚରଣ କରିଥିବା ଯୁବକମାନଙ୍କୁ ସାମାଜିକ ସେବା ଦଣ୍ଡ ଦେବାକୁ ଦାବି ହୋଇଥିଲା। ଉଚ୍ଚତମ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରି ପୂର୍ବରୁ ପେଣ୍ଡିଂ ଥିବା ମାମଲା ସହ ଯୋଡ଼ିଛନ୍ତି।

### ୧୭ରେ ସ୍ୱତନ୍ତ୍ର...

ଅଭାବରୁ ପାରିତ ହୋଇପାରି ନଥିଲା।

ସଂସଦରେ ଜାରି ଅଚଳାବସ୍ଥା ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଆଜି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରିଥିଲେ। ସୀମା ନିର୍ଦ୍ଧାରଣ ବିଧେୟକକୁ ସମର୍ଥନ ଦେବା ଲାଗି ରିଜିଜୁ ଅନୁରୋଧ କରିଥିବା ବେଳେ ରାହୁଲ ଗାନ୍ଧୀ ମନା କରିଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ କହିଥିଲେ, ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ୍ ଅଭିଯୋଗ ଓ ଜୁଲାଇ ୨୦ର ଛାତ୍ର ଆନ୍ଦୋଳନରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ଗୃହମନ୍ତ୍ରୀଙ୍କ ବିବୃତି ଏବଂ ସଂସଦରେ ଆଲୋଚନା ନ ହେବା ପର୍ଯ୍ୟନ୍ତ ସଦନର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରିବ ନାହିଁ। ଏହାପରେ କିରେଣ ରିଜିଜୁ ଲୋକସଭା ବାଚସ୍ପତି ଓ ଗୃହମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି। ଏପଟେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାର କାର୍ଯ୍ୟ ପୁଣିଥରେ ବାଧାପ୍ରାପ୍ତ ହୋଇଛି। ବିରୋଧୀ ଦଳ ନିଜ ଦାବିରେ ଅଡ଼ି ରହିଥିବାବେଳେ ସରକାର ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

### ଓଡ଼ିଶାର ନିରୁତ୍ସାହଜନକ...

ଅନ୍ତର୍ଭୁକ୍ତିକରଣକୁ ନେଇ ଏହି ସାମଗ୍ରିକ(ଓଭରଅଲ୍) ର୍‌ୟାଙ୍କିଙ୍ଗ ପ୍ରକାଶ ପାଉଥିବା ବେଳେ କୌଣସି ବର୍ଗରେ ଓଡ଼ିଶାର ଗୋଟିଏ ହେଲେ ବି ଜିଲ୍ଲା ଟପ୍-୫ ମଧ୍ୟରେ ସ୍ଥାନ ପାଇନାହିଁ। ଅପରପକ୍ଷେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମଗ୍ର ଦେଶ୍‌ରେ ପଛୁଆ ଜିଲ୍ଲା ଭାବେ ମାଲକାନଗିରି ୩ ନମ୍ବରରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ମୋଟ ୧୧୨ ଜିଲ୍ଲା ମଧ୍ୟରୁ ମାଲକାନଗିରି ୧୧୦ ନମ୍ବରରେ ଥିବାବେଳେ କୋରାପୁଟ ୧୦୪, ବଲାଙ୍ଗୀର ୧୦୧, ନବରଙ୍ଗପୁର ୯୯ ଓ ରାୟଗଡ଼ା ୯୨ ନମ୍ବର ସ୍ଥାନରେ ରହିଛନ୍ତି। ଗତ ଡିସେମ୍ବର ମାସରେ ମାଲକାନଗିରି ୧୦୮ ନମ୍ବର ସ୍ଥାନରେ ଥିବା ବେଳେ ରାୟଗଡ଼ା ୧୦୭ ନମ୍ବର ସ୍ଥାନରେ ଥିଲା। ସୂଚନାଯୋଗ୍ୟ ଯେ ଏହି ଡେଲଟା ର୍‌ୟାଙ୍କିଙ୍ଗ ଆରମ୍ଭ ହେବାପରଠାରୁ ଓଡ଼ିଶା ନିୟମିତ ଭାବରେ ଭଲ ପ୍ରଦର୍ଶନ କରି ଆସୁଥିଲା। ବିଶେଷକରି ୨୦୧୮ ରୁ ୨୦୨୪ ମଧ୍ୟରେ ଓଡ଼ିଶାର ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ବହୁ ସମୟରେ ଏହି ୫ଟି ବର୍ଗରେ ପ୍ରଥମ ୫ ସ୍ଥାନରେ ରହି ଆସୁଥିଲେ। ଯାହା ସ୍ଥାନୀୟ ଜିଲ୍ଲାରେ ଦ୍ରୁତ ବିକାଶ, ଜୀବନ ଧାରଣ ମାନରେ ଉନ୍ନତି, ଯୋଜନାର ସଫଳ କ୍ରିୟାନ୍ୱୟନକୁ ଦର୍ଶାଉଥିଲା। ତେବେ ଗତ କିଛି ମାସ ଧରି ରାଜ୍ୟର ଏହି ୧୦ ଜିଲ୍ଲା ନିୟମିତ ଖରାପ ପ୍ରଦର୍ଶନ କରିବା ବିଭିନ୍ନ ଦିଗକୁ ରେଖାଙ୍କିତ କରୁଛି। ସରକାର ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଏଲପିଜି ସିଲିଣ୍ଡର...

ପଡିବ। ସରକାର ବର୍ତ୍ତମାନ ଦେଶରେ ଏଲ୍‌ଏନ୍‌ଜି ଏବଂ ଏଲ୍‌ପିଜିର ଏକ ବୃହତ ଷ୍ଟ୍ରାଟେଜିକ୍ ଇନ୍ଧନ ଭଣ୍ଡାର ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ, ସରକାର ଗ୍ୟାସ ବ୍ୟବହାରକାରୀଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରିବାକୁ ବିଚାର କରୁଛନ୍ତି। ଏହାକୁ ହାସଲ କରିବା ପାଇଁ, ସରକାର ଗ୍ୟାସ ବ୍ୟବହାରକାରୀଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରିବାକୁ ବିଚାର କରୁଛନ୍ତି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସରକାରଙ୍କ ଏହି ପ୍ରସ୍ତାବିତ ଏଲ୍‌ପିଜି ଶୁଳ୍କ ପରିବାରଗୁଡିକର ଗ୍ୟାସ ବିଲ୍ ୨% ବୃଦ୍ଧି କରିବାର ସମ୍ଭାବନା ରହିଛି। ଇନ୍ଧନ ମୂଲ୍ୟ ପୂର୍ବରୁ ଖାଉଟିଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ସାଜିଥିବାବେଳେ, ସରକାରଙ୍କ ଏହି ପଦକ୍ଷେପ ରାଜନୈତିକ ଭାବରେ ସମ୍ବେଦନଶୀଳ ମଧ୍ୟ ହୋଇପାରେ। ଅପରପକ୍ଷେ ପ୍ରସ୍ତାବକୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କଠାରୁ ଚୂଡ଼ାନ୍ତ ଅନୁମୋଦନ ମିଳିନାହିଁ। ଏହାକୁ ନେଇ ବର୍ତ୍ତମାନ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ଚାଲିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟରୁ ଏହାକୁ ଅନୁମୋଦନ ମିଳିବା କେବଳ ବାକି ଅଛି। ଘରୋଇ ଏଲ୍‌ପିଜି ସିଲିଣ୍ଡର ଉପରେ ପ୍ରତି କିଲୋଗ୍ରାମ ୧.୨୯ ଟଙ୍କା ଶୁଳ୍କ ଲାଗୁ ଜରିଆରେ ସରକାର ପ୍ରାୟ ୪୩୭୫ କୋଟି ଟଙ୍କାର ରାଜସ୍ୱ ଆୟ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷେ ସିଏନ୍‌ଜି ପ୍ରତି ମାନକ ଘନ ମିଟର (ଏସସିଏମ) ୧.୪୩ ଟଙ୍କା ଶୁଳ୍କ ଆଦାୟ ଜରିଆରେ ବାର୍ଷିକ ପ୍ରାୟ ୯୫୦୦ କୋଟି ଟଙ୍କାର ରାଜସ୍ୱ ଆୟ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରସ୍ତାବିତ ଷ୍ଟ୍ରାଟେଜିକ୍ ଭଣ୍ଡାରର ଲକ୍ଷ୍ୟ ହେଉଛି, ଯୁଦ୍ଧ ସମୟରେ ଏହା ଦେଶରେ ଇନ୍ଧନର ଆବଶ୍ୟକତା ପୂରଣ କରିବ।

ଏହି ଷ୍ଟ୍ରାଟେଜିକ୍ ଇନ୍ଧନ ଭଣ୍ଡାର ଯୋଜନାକୁ ପ୍ରାୟ ୧୦ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରାୟ ୪୨ ବିଲିୟନ ଡଲାର ଆବଶ୍ୟକ ହେବ। ଏହି ପରିମାଣର ଅଧାରୁ ଅଧିକ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ, ଯେତେବେଳେ କି ବାକି ଅର୍ଥ ଇନ୍ଧନ କ୍ରୟ ଏବଂ ସଂରକ୍ଷଣରେ ଖର୍ଚ୍ଚ ହେବ। ସରକାରଙ୍କୁ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୨୮ ନିୟୁତ ଟନ୍ ଅତିରିକ୍ତ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା, ୯ ନିୟୁତ ଟନ୍ ଏଲ୍‌ଏନ୍‌ଜି ସଂରକ୍ଷଣ କ୍ଷମତା ଏବଂ ୪ ନିୟୁତ ଟନ୍ ଏଲ୍‌ପିଜି ସଂରକ୍ଷଣ କ୍ଷମତା ଆବଶ୍ୟକ ହେବ।

### ଓଡ଼ିଶାରେ ହେବ...

କମ୍ପାନୀ ପ୍ରସ୍ତାବ ଦେଇଛି। କିନ୍ତୁ ଏହି ପ୍ରକଳ୍ପର ବିନିଯୋଗ, ସ୍ଥାନ ଓ ବିଦ୍ୟୁତ ଉତ୍ପାଦନ କ୍ଷମତା ସମ୍ପର୍କରେ କୌଣସି ଅଧିକୃତ ତଥ୍ୟ ପ୍ରକାଶ ପାଇନାହିଁ। ଉଭୟ ପ୍ରସ୍ତାବର ବୈଷୟିକ ଓ ପ୍ରଶାସନିକ ପରୀକ୍ଷା ଚାଲିଥିବା କୁହାଯାଉଛି। ଭାରତରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ମଧ୍ୟ ଘରୋଇ ମାଲିକାନାର ପରମାଣୁ ବିଦ୍ୟୁତ କେନ୍ଦ୍ର କାର୍ଯ୍ୟକ୍ଷମ ନାହିଁ। ଦେଶର ସମସ୍ତ ବାଣିଜ୍ୟିକ ପରମାଣୁ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ସେହିପରି ସାରା ବିଶ୍ୱରେ କେବଳ ଆମେରିକା, ବ୍ରିଟେନ ଓ ଜାପାନ ଭଳି ଦେଶରେ ଘରୋଇ କିମ୍ବା ବେସରକାରୀ ମାଲିକାନାର ପରମାଣୁ ବିଦ୍ୟୁତ କେନ୍ଦ୍ର ରହିଥିବାବେଳେ ଫ୍ରାନ୍ସ, ଫିନଲ୍ୟାଣ୍ଡ ଓ ଦକ୍ଷିଣ କୋରିଆରେ ଏହି କ୍ଷେତ୍ର ସମ୍ପୂର୍ଣ୍ଣ ରୂପେ ସେହି ଦେଶର ସରକାରଙ୍କ ପ୍ରମୁଖ ନିୟନ୍ତ୍ରଣ ରହିଛି। ଏହି କ୍ରମରେ ଭାରତରେ ଘରୋଇ ପରମାଣୁ ପ୍ରକଳ୍ପ ବିଭିନ୍ନ ସମୟରେ ବିବାଦ ମଧ୍ୟରେ ରହିଛି। ସିଭିଲ ଲାୟାବିଲିଟି ଫର୍ ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟ ୨୦୧୦କୁ ନେଇ ଏଯାଏ କୌଣସି ସ୍ୱଷ୍ଟତା ଆସିନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପରମାଣୁ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି।

### ଓଡ଼ିଶା ଇଞ୍ଜିନକୁ...

କେୟାର, ଶିଶୁ ହେଲ୍ପଲାଇନ୍ ସୁବିଧା ନିମନ୍ତେ ମିଶନ ବାତ୍ସଲ୍ୟ ଯୋଜନାରେ ମଧ୍ୟ ଓଡ଼ିଶା କ୍ରମାଗତ ଭାବରେ କମ୍ ଅନୁଦାନ ପାଉଥିବା ସୂଚନା ମିଳିଛି। ମିଶନ ବାତ୍ସଲ୍ୟ ପାଇଁ ୨୦୨୩-୨୪ରେ ୧୩.୮୫ କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ୨୦୨୪-୨୫ରେ ୬୮.୮୩ କୋଟି ଟଙ୍କା, ୨୦୨୫-୨୬ରେ ୯.୬୯ କୋଟି ଟଙ୍କା ଏବଂ ୨୦୨୬-୨୭ରେ ଜୁଲାଇ ୨୦ ସୁଦ୍ଧା ୨୫.୦୪ କୋଟି ଟଙ୍କା ରାଜ୍ୟକୁ ମିଳିଛି। ପୁନଶ୍ଚ ମିଶନ ଶକ୍ତି ଅଧୀନସ୍ଥ ଯୋଜନାରେ ଓଡ଼ିଶା ଭୀଷଣ ଭାବରେ ପ୍ରତାରିତ ହୋଇଛି। ଏହି ଯୋଜନାରେ ୱାନ୍ ଷ୍ଟପ୍ ସେଣ୍ଟର, ମହିଳା ହେଲ୍ପଲାଇନ୍, ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ଶକ୍ତି ସଦନ, ସଖୀ ନିବାସ ଓ ପାଲନା ଭଳି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଅନୁଦାନ ଦେଇଥାଆନ୍ତି। ବିଡ଼ମ୍ବନା ହେଉଛି ଏହି ଯୋଜନାରେ ବି ବର୍ଷକୁ ବର୍ଷ ଅନୁଦାନ ହ୍ରାସ ପାଇ ଚାଲିଛି। ମିଶନ ଶକ୍ତି ଅଧୀନରେ ୨୦୨୩-୨୪ରେ ୬୦.୨୮ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଓଡ଼ିଶା ପାଇଥିଲା। ମାତ୍ର ଏହା ୨୦୨୪-୨୫ରେ ୫୭.୧୦ କୋଟି ଟଙ୍କାକୁ ହ୍ରାସ ପାଇଛି। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା ଆହୁରି ହ୍ରାସ ପାଇ ୨୦୨୫-୨୬ରେ ୫୧.୯୨ କୋଟି ଟଙ୍କା ଏବଂ ୨୦୨୬-୨୭ରେ ୪୦.୮୪ କୋଟି ଟଙ୍କାରେ ପହଞ୍ଚିଛି।

ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ପ୍ରଦାନ କରିଥିବା ଏହି ତଥ୍ୟ ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳାକୁ ସ୍ପଷ୍ଟ କରିଛି। ତେବେ ମନ୍ତ୍ରୀ ସାମଗ୍ରିକ ଭାବରେ ଗତ ୪ ବର୍ଷ ମଧ୍ୟରେ ଓଡ଼ିଶାକୁ ୩୨୦୦ କୋଟି ଟଙ୍କା ଆର୍ଥିକ ସହାୟତା ମିଳିଥିବା ଓ ଏହାଦ୍ୱାରା ଲକ୍ଷାଧିକ ମହିଳା ଉପକୃତ ହୋଇଥିବା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସମସ୍ତ ପ୍ରମୁଖ ଯୋଜନା ବର୍ତ୍ତମାନ ମିଶନ ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ ୨.୦, ମିଶନ ଶକ୍ତି ଏବଂ ମିଶନ ବାତ୍ସଲ୍ୟ ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଜୁନ୍ ୩୦, ୨୦୨୬ ସୁଦ୍ଧା ଓଡ଼ିଶାର ୪୮,୪୧୬ ଜଣ ମହିଳା ୱାନ୍ ଷ୍ଟପ୍ ସେଣ୍ଟର ମାଧ୍ୟମରେ ସହାୟତା ପାଇଥିବାବେଳେ ୮୭,୬୭୫ ଜଣ ମହିଳା ୧୮୧ ମହିଳା ହେଲ୍ପଲାଇନ୍ ସେବାର ଲାଭ ନେଇଛନ୍ତି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୧,୦୪,୨୭୦ ଜଣ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ ଫିଲ୍ମ ପାଇଁ ବସିଲା ବୈଠକ

# ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବା ନେଇ ଆଶାବ୍ୟକ୍ତ କଲେ ଗଜପତି

ଭୁବନେଶ୍ୱର,୫।୮ (ସମିସ): 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଫିଲ୍ମ ବିବାଦ ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଷ୍ଟେଟ ଗେଷ୍ଟହାଉସ୍‌ରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଜୁଲାଇ ୨୯ ତାରିଖରେ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର ରିଲିଜ୍ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କରିବା ସହ ଫିଲ୍ମ ରିଲିଜ ବ୍ୟାନ୍ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ ସୁପ୍ରିମକୋର୍ଟ। ଏହାପରେ ମହାପ୍ରଭୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ନେଇ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ଆଲୋଚନା ହୋଇଥିଲା। ଏନେଇ ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମହାପ୍ରଭୁଙ୍କ ସଂସ୍କୃତି ଓ ମହିମାର ପ୍ରଚାର କିପରି ଉତ୍ତମ ଭାବେ ହୋଇପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ମାମଲା ହାଇକୋର୍ଟରେ ଶୁଣାଣି ହେବାକୁ ଥିବାରୁ ଏବେ ହାଇକୋର୍ଟଙ୍କ ନିଷ୍ପତ୍ତି କଣ ରହିବ ତାକୁ ଅପେକ୍ଷା ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ଏହି ପ୍ରସଙ୍ଗ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ତେଣୁ ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ଆଶା ରହିଛି। ଆସନ୍ତା କାଲି ହାଇକୋର୍ଟରେ ଏହି ମାମଲାର ଶୁଣାଣି ହେବ।

ସୂଚନାଅନୁସାରେ, ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତିରୁ ବିବାଦ ଉପୁଜିଥିଲା। କିଛି ସାମାଜିକ ଏବଂ ଧାର୍ମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ ଚଳଚ୍ଚିତ୍ରରେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଏବଂ ତାଙ୍କ ସହିତ ଜଡିତ ପରମ୍ପରା ଧାର୍ମିକ




ବିଶ୍ୱାସ ସହିତ ମେଳ ଖାଉନାହିଁ। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଏପରି ଚିତ୍ରଣ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବନାକୁ ଆଘାତ ଦେଇପାରେ। ତେଣୁ ରଥଯାତ୍ରା ଭଳି ଧାର୍ମିକ ଅବସରରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପ୍ରତିବାଦ ସୃଷ୍ଟି କରିବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଥିବା ଆବେଦନକାରୀମାନେ ଯୁକ୍ତି ଦର୍ଶାଇଥିଲେ। ଏହି ଆଧାରରେ ଓଡ଼ିଶା ହାଇକୋର୍ଟରେ ଚଳଚ୍ଚିତ୍ରର ମୁକ୍ତିଲାଭରେ ରୋକ୍ ଲଗାଇବାକୁ ଆବେଦନ ଦାଖଲ କରାଯାଇଥିଲା।

ହାଇକୋର୍ଟ ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ ସ୍ଥଗିତ ରଖି କହିଥିଲେ ଯେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଉପରେ ଉଠାଯାଇଥିବା ଆପତ୍ତି ପାଇଁ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପୂର୍ବରୁ ବିସ୍ତୃତ ନ୍ୟାୟିକ ଯାଞ୍ଚ ଆବଶ୍ୟକ। ଏହା ପରେ ଚଳଚ୍ଚିତ୍ର ପ୍ରଯୋଜକମାନେ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୨୯ ତାରିଖରେ ବିଚାରପତି ବିଭି

- ଫିଲ୍ମ ରିଲିଜ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କରିଥିଲେ ସୁପ୍ରିମକୋର୍ଟ
- ଆଜି ହାଇକୋର୍ଟରେ ମାମଲାର ଶୁଣାଣି

ନାଗରତ୍ନ ଏବଂ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଖଣ୍ଡପୀଠ ଚଳଚ୍ଚିତ୍ରର ମୁକ୍ତିଲାଭକୁ ଅନୁମତି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ ସଂଶୋଧନ କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ ମତ ଦେଇଥିଲେ ଯେ ଆନିମେସନ୍ ହେଉଛି ପିଲାମାନଙ୍କ ପାଇଁ ସୃଷ୍ଟି ହୋଇଥିବା କଳାର ଏକ ନୂତନ ରୂପ ଏବଂ ଏପରି ଆବେଦନ ଯୋଗୁଁ ଏହାକୁ ହ୍ରାସ କରାଯାଇପାରିବ ନାହିଁ।

## ମହିଳାଙ୍କଠାରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ଅଭିଯୋଗ

# ନକଲି କର୍ଣ୍ଣେଲକୁ ଧରିଲା ଅସଲି ପୁଲିସ

ଭଦ୍ରକ/ବାସୁଦେବପୁର,୫।୮ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ନାୟକାଣୀଡିହି ଥାନା ଅଧୀନ ଆନ୍ଦୁଲା ପଞ୍ଚାୟତର ଗୋପାଳପୁର ଗାଁର ଜନୈକ ନକଲି କର୍ଣ୍ଣେଲଙ୍କୁ ବିଭିନ୍ନ ଲୁଟ୍ ଅଭିଯୋଗରେ କାବୁ କରିଛି ଅସଲି ପୁଲିସ। ସମ୍ପୃକ୍ତ ନକଲି କର୍ଣ୍ଣେଲ ଜଣକ ହେଲେ ଉକ୍ତ ଗାଁର ପରମାନନ୍ଦ ବିଶ୍ୱାଳ (୪୦)। ସେ ନିଜକୁ ପ୍ରତିରକ୍ଷା ବିଭାଗର କର୍ଣ୍ଣେଲ ବୋଲି ପରିଚୟ ଦେଇ ମହିଳାମାନଙ୍କୁ ପ୍ରଭାବିତ କରିବା ସହ ଅଭିନବ ଉପାୟରେ ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ କରୁଥିବାର ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ପରମାନନ୍ଦ ଜଣେ ବିବାହିତ ଅଟନ୍ତି। ସେ ଲୋକଙ୍କୁ ଠକିବା ଓ ଲୁଟ୍ କରିବା ପାଇଁ ନିଜକୁ ପ୍ରତିରକ୍ଷା ବିଭାଗର କର୍ଣ୍ଣେଲ ବୋଲି ଅଭିହିତ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ବିଶେଷକରି ମହିଳାମାନଙ୍କୁ ଟାର୍ଗେଟ୍ କରୁଥିଲେ। ସେ ଅନେକ ମହିଳାଙ୍କୁ ଧରମ ଭଉଣୀ କରି ସୁନାଚେନ୍, ମୁଦି ଓ ସ୍ୱର୍ଣ୍ଣ ଅଳଙ୍କାର ଲୁଟ୍ କରୁଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ କଥା ପରମାନନ୍ଦ ଏବେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ପ୍ରେମରେ ପଡ଼ିଛନ୍ତି। ବାସୁଦେବପୁର ଥାନା ଅଞ୍ଚଳର ଉକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଏକ କେସ୍‌ରେ ସାହାଯ୍ୟ କରିବାକୁ ଥାନାକୁ ଆସିଥିବାବେଳେ ବୁଧବାର ଜଣେ ଧରମ ଭଉଣୀ ହାବୁଡ଼ରେ ପଡ଼ିଯାଇଥିଲେ। ସମ୍ପୃକ୍ତ ଧରମ ଭଉଣୀ ଜଣକ ଗାଡ଼ି ସହିତ ପରମାନନ୍ଦଙ୍କୁ ରାଧାବଲ୍ଲଭପୁରକୁ ଡକାଇ ପଚରାଉଚରା କରିଥିଲେ। ଖବର ପାଇ ଆଉ ୪ଜଣ ମହିଳା ସେଠାରେ ପହଞ୍ଚିଥିଲେ। କାହାକୁ ସ୍ୱାମୀଙ୍କର ସାଙ୍ଗ କହି ବାଇକ୍‌ରେ ଲିଫ୍ ଦେବେ କହି ଛୁଆଙ୍କୁ ଆଗରେ ବସାଇ ସୁନାହାର ଓ ଲକେଟ୍ ଲୁଟିଛନ୍ତି ତ ଆଉ କାହାଠାରୁ ଟଙ୍କା ଲୁଟ୍ କରିଛନ୍ତି। ଖବର ପାଇ ପରମାନନ୍ଦଙ୍କ ନିଜ ସ୍ତ୍ରୀ ମଧ୍ୟ ସେଠାରେ ପହଞ୍ଚିଥିଲେ। ଜଣେ ଅଙ୍ଗନବାଡ଼ି



ଦିଦିଙ୍କ ସହିତ ଭାଇରାଲ୍ ଫଟୋ ଦେଖି ସ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସେଠାରୁ ସ୍ୱାମୀଙ୍କ କଳାକାରନାମା ଦେଖି ପଳାଇ ଯାଇଥିଲେ। ହେଲେ ଅଙ୍ଗନବାଡ଼ି ଦିଦି ପ୍ରେମିକଙ୍କ ଅବସ୍ଥା ସହ୍ୟ କରିପାରି ନ ଥିଲେ। ଶେଷରେ ପୁଲିସ ସହାୟତାରେ ଅଙ୍ଗନବାଡ଼ି ଦିଦି ଜଣକ ପରମାନନ୍ଦଙ୍କୁ ଉଦ୍ଧାର କରିଥିଲେ। ପୂର୍ବରୁ ୪୨୦ ପରମାନନ୍ଦଙ୍କ ନାମରେ ବିଭିନ୍ନ ଥାନାରେ ମହିଳାଙ୍କୁ ଠକିଥିବା ଅଭିଯୋଗରେ ମାମଲା ଥିବା ଜଣାଯାଇଛି। ନକଲି ଆର୍ମୀ ଅଫିସର (କର୍ଣ୍ଣେଲ)କୁ ବାସୁଦେବପୁର ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଧମକ ପରେ କ୍ଷମା ମାଗିଲେ ମେଟା ସିଇଓ ଜୁକରବର୍ଗ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ସଂସ୍ଥା 'ମେଟା'ର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମାର୍କ ଜୁକରବର୍ଗ ନିଜ ପ୍ଲାଟଫର୍ମଗୁଡ଼ିକରେ ଶିଶୁ ଯୌନ ଶୋଷଣ ସମ୍ବନ୍ଧୀୟ ବିଷୟବସ୍ତୁ, ଡିପଫେକ ଭିଡିଓ ଏବଂ ନିୟନ୍ତ୍ରଣ ଗତ ତ୍ରୁଟି ପାଇଁ ଭାରତ ସରକାରଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ହୋଇଥିବା ଉଚ୍ଚସ୍ତରୀୟ ଆଲୋଚନା ସମୟରେ ସେ ଏହି ଅନୁଶୋଚନା ପ୍ରକାଶ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହି ଦୁଇ ଦିନିଆ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ଲାଟଫର୍ମର ଉତ୍ତରଦାୟିତ୍ୱ, ବିଷୟବସ୍ତୁ ନିୟନ୍ତ୍ରଣ ଏବଂ ଭାରତୀୟ ଆଇନର ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। କକ୍ରୋଚ୍ ପାର୍ଟି ଆନ୍ଦୋଳନ ସମୟରେ ଫେସବୁକରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡିଓ ହଟାଯିବା ଘଟଣାକୁ ନେଇ ମଧ୍ୟ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ଏଥିପାଇଁ ସେ ବୈଷୟିକ ତ୍ରୁଟିକୁ ଦାୟୀ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାରଙ୍କ ଧମକ ପରେ ଯାଇ ଜୁକରବର୍ଗ କ୍ଷମା ପ୍ରାର୍ଥନା କରିଥିବା କୁହାଯାଉଛି। ମେଟା ନିଜର ବିଷୟବସ୍ତୁ ନିୟନ୍ତ୍ରଣ ପ୍ରକ୍ରିୟାରେ ହୋଇଥିବା ଭୁଲକୁ ସ୍ୱୀକାର କରିବା ସହ କ୍ଷତିକାରକ ତଥ୍ୟର ପ୍ରସାର ପାଇଁ ଦୁଃଖ ପ୍ରକାଶ କରିଛି। ମେଟା ପକ୍ଷରୁ ସ୍ୱୀକାର କରାଯାଇଛି ଯେ କେତେକ କଣ୍ଟେଣ୍ଟକୁ ପ୍ରମୋଟ୍ କରିବା ଲାଗି ସଂସ୍ଥାକୁ ବିପୁଳ ଅର୍ଥ ପ୍ରଦାନ କରାଯାଇଛି।

ସରକାରୀ ଅଧିକାରୀମାନଙ୍କ କହିବା ଅନୁଯାୟୀ, ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୭୯ ଅଧୀନରେ ମିଳୁଥିବା 'ସେଫ ହାର୍ବର' ଆଇନଗତ ସୁରକ୍ଷା ଅଧିକାର ମେଟା ପାଇଁ ଲାଗୁ ନହୋଇପାରେ। କାରଣ ମେଟାର ଆଲଗୋରିଦମ ସ୍ୱୟଂ ନିର୍ଦ୍ଧାରଣ କରେ ଯେ କେଉଁ ବିଷୟବସ୍ତୁ କେଉଁ ବ୍ୟବହାରକାରୀଙ୍କ ପାଖକୁ ଯିବ। ତେଣୁ ଏହାକୁ କେବଳ ଏକ ମଧ୍ୟସ୍ଥତା ପ୍ଲାଟଫର୍ମ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହା ବ୍ୟତୀତ ବ୍ୟବସାୟିକ ନୀତି ସମ୍ପର୍କରେ ହୋଇଥିବା ଆଲୋଚନାରେ, କେତେକ ନିର୍ଦ୍ଦିଷ୍ଟ ବର୍ଗର ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବା ପାଇଁ ବିପୁଳ ପରିମାଣର ଅର୍ଥ ବିନିଯୋଗ କରାଯାଇଥିବା ମେଟା ସ୍ୱୀକାର କରିଛି। ଏହିପରି ନିଷ୍ପତ୍ତି ପାଇଁ କମ୍ପାନୀ ସରକାରଙ୍କ ସମ୍ମୁଖରେ ଅନୁଶୋଚନା ପ୍ରକାଶ କରିଛି।

## ଅଲ୍ ଓଡ଼ିଶା ମେଡ଼ିକାଲ୍ ପିଜି ପରୀକ୍ଷା ପେପର୍ ଲିକ୍ ଘଟଣା

# ଏମ୍‌କେସିଜିରେ ତଦନ୍ତ କରି ଫେରିଲା ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ କମିଟି

ବ୍ରହ୍ମପୁର,୫।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ(ଓୟୁଏଚଏସ) ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ମେଡ଼ିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗଠିତ ୩ଜଣିଆ ଉଚ୍ଚସ୍ତରୀୟ କମିଟି ଘଟଣାର ତଦନ୍ତ କରିଛନ୍ତି। ବୁଧବାର କମିଟିର ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମିଶ୍ର ଓ ଯୁଗ୍ମ ଡ଼ିଏମଇଟି ଡ଼ା. ଅନିଲ କୁମାର ସାହୁ ଏମକେସିଜି ମେଡିକାଲ କଲେଜରେ ପହଞ୍ଚିଥିଲେ। କମିଟି ପ୍ରଥମେ ଡ଼ିନ ତଥା ଅଧ୍ୟକ୍ଷ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଲେଇ ଓ ରେଜିଷ୍ଟ୍ରାର ଡଃ. ଶ୍ୱେତ କୁମାର ଦାଶଙ୍କ ସହ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ଏହି ଉଚ୍ଚସ୍ତରୀୟ କମିଟି ପରୀକ୍ଷା ଦିନର



ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ଏବଂ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ସିଧାସଳଖ ବିଭିନ୍ନ ହ୍ୱାଟସଅପ ଗ୍ରୁପ୍‌ରେ ସେୟାର କରାଯାଇଥିବା ଅଭିଯୋଗର ତଦନ୍ତ କରିଥିଲେ। ଏଥିରେ ଜଣେ ପିଜି ଡାକ୍ତରୀ ଛାତ୍ରଙ୍କ ମୋବାଇଲ ନମ୍ବର ରହିଥିବା ବେଳେ କମିଟି ପକ୍ଷରୁ ଉକ୍ତ ଛାତ୍ରଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। ଗ୍ରୁପ୍‌ରେ ପ୍ରଶ୍ନପତ୍ର ସେୟାର ପରେ ସଙ୍ଗେସଙ୍ଗେ ଯେଉଁ ପିଜି ଛାତ୍ରୀ ଜଣକ ଉକ୍ତ ପ୍ରଶ୍ନର ଉତ୍ତର ରଖିଥିଲେ, ସେହି ଛାତ୍ରୀଜଣଙ୍କୁ ମଧ୍ୟ କମିଟିର ସଦସ୍ୟମାନେ ପଚରାଉଚରା କରିଥିଲେ। ଶେଷରେ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷଙ୍କୁ ପରୀକ୍ଷା ଦିନର ଘଟଣାକୁ ନେଇ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗଠିତ ୩ଜଣିଆ ଉଚ୍ଚସ୍ତରୀୟ କମିଟି ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ବିଭାଗ ନିକଟରେ ପ୍ରଦାନ କରିବେ। ରିପୋର୍ଟ ଆଧାରରେ ବିଭାଗ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବରୁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ

**ଯାଞ୍ଚହେଲା ସିସିଟିଭି, ଦୁଇ ପରୀକ୍ଷାର୍ଥୀଙ୍କୁ ପଚରାଉଚରା, ଆଗାମୀ ପଦକ୍ଷେପକୁ ଅପେକ୍ଷା**

ଗଠିତ ୫ଜଣିଆ ତଦନ୍ତ କମିଟି ଇତି ମଧ୍ୟରେ ନିଜର ତଦନ୍ତ ରିପୋର୍ଟ ଡିନ୍‌ଙ୍କ ଜରିଆରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପଠାଇସାରିଛି। ସେହିଭଳି ଆବଶ୍ୟକ ସ୍ଥଳେ ଘଟଣାର କ୍ରାଇମ ବ୍ରାଞ୍ଚ ତଦନ୍ତ କରିବ ସୂଚନା ରହିଛି।

## ରେଭେନ୍ସା ଚିଫ୍ ୱାର୍ଡେନଙ୍କୁ ସଦର ବିଧାୟକଙ୍କ ଦୁର୍ବ୍ୟବହାର ଅଭିଯୋଗ

# ବିଧାୟକ କ୍ଷମା ପ୍ରାର୍ଥନା କରନ୍ତୁ: ରୁଟା

କଟକ,୫।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ କଟକ ସଦର ବିଧାୟକ ପ୍ରକାଶ ସେଠୀ ଦୁର୍ବ୍ୟବହାର କରିଥିବା ଅଭିଯୋଗକୁ ନେଇ ଏବେ ଅଧ୍ୟାପକ ଓ ବିଧାୟକଙ୍କ ମଧ୍ୟରେ ବିବାଦୀୟ ସ୍ଥିତି ଉପୁଜିଛି। ରେଭେନ୍ସା ଇଷ୍ଟ ହଷ୍ଟେଲ ଅନ୍ତେବାସୀଙ୍କ ଆନ୍ଦୋଳନସ୍ଥଳରେ କଟକ ସଦର ବିଧାୟକ ପହଞ୍ଚି ସେଠାରେ ହୋଇଥିବା ଆଲୋଚନା ବୈଠକରେ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିବା ବେଳେ ଗତକାଲି ସମସ୍ତ ୱାର୍ଡେନ ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ବିଧାୟକଙ୍କ ଏଭଳି ଆଚରଣକୁ ବିରୋଧ କରି ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ରୁଟା) ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ଅନ୍ୟପଟରେ ରେଭେନ୍ସା ଚିଫ୍ ୱାର୍ଡେନ ପ୍ରଫେସର ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ସଦର ବିଧାୟକ ଚିଠି ଲେଖିବା ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟରେ ବାତାବରଣ ବେଶ୍ ସରଗରମ ହୋଇପଡିଛି। ଏହି ଘଟଣାରେ କଟକ ସଦର ବିଧାୟକ ଶ୍ରୀ ସେଠୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଦାବି କରିଛି।

ବିଶ୍ୱବିଦ୍ୟାଳୟର ସାମ୍ବିଧାନିକ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା, ଜଣେ ନିର୍ବାଚିତ ଜନପ୍ରତିନିଧି କିମ୍ବା ବାହ୍ୟ କର୍ତ୍ତୃପକ୍ଷ ପ୍ରଶାସନିକ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କିମ୍ବା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଚାହିଁଲେ କୁଳପତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ନେବା ବାଧ୍ୟତାମୂଳକ କରାଯାଉ ବୋଲି ସଂଘ ଦାବି କରିଛି। ଏ ସମ୍ପର୍କିତ ଏକ ଦାବିପତ୍ର କୁଳପତିଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ, ଚିଫ ୱାର୍ଡେନ ତଥା ଶିକ୍ଷା ବିଭାଗ ଏଚଓଡି ପ୍ରଫେସର

- ୱାର୍ଡେନଙ୍କ ସମର୍ଥନରେ ଛାତ୍ରଛାତ୍ରୀ
- ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିଲେ ବିଧାୟକ

ମିଶ୍ରଙ୍କ ସମର୍ଥନରେ ବାହାରିଛନ୍ତି ବିଭାଗର ଛାତ୍ରଛାତ୍ରୀ। ପ୍ରଫେସର ମିଶ୍ରଙ୍କୁ ବିଧାୟକ ଯେଉଁ ଦୁର୍ବ୍ୟବହାର କରିଛନ୍ତି ସେଥିପାଇଁ ସେ କ୍ଷମା ମାଗନ୍ତୁ ବୋଲି ଛାତ୍ରଛାତ୍ରୀମାନେ ଦାବି କରି କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ସେଠୀ ଏ ବାବଦରେ ଉଲ୍ଲେଖ କରିଛନ୍ତି ଯେ ରେଭେନ୍ସାରେ ଇଷ୍ଟ ହଷ୍ଟେଲ ଅନ୍ତେବାସୀଙ୍କ ଅନଶନ ସମ୍ପର୍କରେ ଖବର ପାଇ ସେଠାକୁ ଯାଇଥିଲେ। ସିନେଟ ସଭ୍ୟ ଭାବେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ବୈଠକରେ ଯୋଗ ଦେଇଥିଲେ। ଏହି ସମୟରେ ପ୍ରଫେସର ମିଶ୍ର ତାଙ୍କୁ ଅଶୋଭନୀୟ ବ୍ୟବହାର କରିଥିବା ନେଇ ଶ୍ରୀ ସେଠୀ ପାଲଟା ଅଭିଯୋଗ କରିଛନ୍ତି। ୱାର୍ଡେନଙ୍କ ତରଫରୁ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିବା ସହ କ୍ଷମା ମାଗିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ସମସ୍ୟାକୁ ନେଇ ଚାଲିଥିବା ଅନ୍ତେବାସୀଙ୍କ ଅନଶନ ଓ ଆନ୍ଦୋଳନକୁ ନେଇ ଏହି ବିବାଦର ସୂତ୍ରପାତ ହୋଇଥିଲା। ହଷ୍ଟେଲ ସମସ୍ୟା ବୈଠକରେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ଚିଫ୍ ୱାର୍ଡେନଙ୍କ ସମର୍ଥନରେ ସମସ୍ତ ହଷ୍ଟେଲ ୱାର୍ଡେନ ନିଜ ନିଜ ହଷ୍ଟେଲ ଦାୟିତ୍ୱରୁ ଓହରି କୁଳପତିଙ୍କୁ ସାମୂହିକ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ୱାର୍ଡେନମାନେ କହିଛନ୍ତି, ବିଶ୍ୱବିଦ୍ୟାଳୟରେ ବାହ୍ୟ ହସ୍ତକ୍ଷେପ ତୁରନ୍ତ ବନ୍ଦ ହେବା ଦରକାର। ଶିକ୍ଷକମାନଙ୍କ ସମ୍ମାନ ଓ ଗୌରବ ରକ୍ଷା କରିବା ସରକାରଙ୍କ ଦାୟିତ୍ୱ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଯୋଜନା ମୁତାବକ କାମ କରିବେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ଦୀର୍ଘ ଦିନର ଆଶା ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ମାନ ସମ୍ମାନ ବୃଦ୍ଧି ପାଇବ । ସାମାଜିକ କାର୍ଯ୍ୟରେ ସାମିଲ ରହିବେ ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ । ଦିନଟି ଶୁଭଫଳ ପ୍ରଦାନ କରିବ । ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ବ୍ୟବସାୟରୁ ଲାଭ ମିଳିପାରେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ନିଜ ଲୋକ ଶତ୍ରୁ ସାଜି ପାରନ୍ତି ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଅଚାନକ ଖୁସି ଖବର ମିଳିପାରେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିବେ । ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ବ୍ୟବସାୟରୁ କ୍ଷତି ସହି ପାରନ୍ତି ।

## ଆଜିର ଇତିହାସ

- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୬୨- ଜାମାଇକା ସ୍ୱାଧୀନ ହେଲା ।
- ୧୯୮୬- ଦେଶର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ଜନ୍ମ ନେଲା ।
- ୨୦୧୦- ଜାମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି ।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା ।

# ହିରୋସୀମା ମହାବିନାଶର କାହାଣୀ



ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସୀମା ଦିବସ ଭାବେ ପାଳନ କରାଯାଏ । ୧୯୪୫ ମସିହା ଏହି ଦିନରେ ଆମେରିକା ଜାପାନର ହିରୋସୀମା ସହର ଉପରେ 'ଲିଟିଲ ବୟ' ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ଭୟଙ୍କର ଆକ୍ରମଣରେ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଇଥିଲେ ଏବଂ ଏହାର ବିନାଶକାରୀ ପ୍ରଭାବ ଦୀର୍ଘ ଦିନ ଯାଏଁ ରହିଥିଲା । ଏହି ଦିବସ ପରମାଣୁ ଅସ୍ତ୍ରଶସ୍ତ୍ରର ବିନାଶକାରୀ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା । ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା । ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା । ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଉଥିଲେ । କୁନି କୁନି ପିଲାମାନେ ସ୍କୁଲ୍ ଯାଉଥିଲେ । ଏକ ରିପୋର୍ଟ ଅନୁଯାୟୀ, ଏହି ପରମାଣୁ ବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା । ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଥିଲେ । ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ । ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା । ବୋମା ବିସ୍ଫୋରଣର କେନ୍ଦ୍ରସ୍ଥଳରେ ତାପମାତ୍ରା ପ୍ରାୟ ୪,୦୦୦ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲା, ଯାହା ସୂର୍ଯ୍ୟଙ୍କ ପୃଷ୍ଠଭାଗର ତାପମାତ୍ରା ସହ ସମାନ । ଉତ୍ତାପ ଏତେ ଅଧିକ ଥିଲା ଯେ, କିଛି ଲୋକ ସେଠାରେ ତରଳି ପଥର ବା କାନ୍ଥରେ କେବଳ ସେମାନଙ୍କର କଳା ଛାଇ ଛାଡ଼ି ଯାଇଥିଲେ । ଏହା ତ କେବଳ ଜୀବନ କଥା, କେତେ ଯେ ସମ୍ପତ୍ତି ନଷ୍ଟ ହୋଇଛି, ତା'ର କଳ୍ପନା କରାଯାଇ ନପାରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ୍ୟ ନ ଥିଲେ । କାରଣ ପରମାଣୁ ଆକ୍ରମଣରେ ସେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ । ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ସମେତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢାଇଥିଲେ । ଏହାସତ୍ତ୍ୱେ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ ନ କରିବାରୁ ୩ ଦିନ ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା 'ଫ୍ୟାଟ୍ ମ୍ୟାନ୍' ପକାଇଥିଲା । ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା । ଲକ୍ଷ ଲକ୍ଷ ଲୋକ ଦିବ୍ୟାଙ୍ଗ ହୋଇଯାଇଥିଲେ । ମୃତ୍ୟୁର ଉପତ୍ୟକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର । ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ । ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ୍ୟ ହୋଇଛି । ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ଔପଚାରିକତା ହୋଇ ରହିଯାଇଥିଲା । ଜାପାନ ସେନା ପଛଘୁଞ୍ଚା ଦେଇଥିଲେ । ପ୍ରାୟ ଏକ ସପ୍ତାହ ପରେ ଜାପାନ କିଛି ମିତ୍ର ଦେଶର ମିଳିତ ସହଯୋଗୀଙ୍କ ପାଖରେ ଆତ୍ମସମର୍ପଣ କରିଥିଲା । 'ହିରୋସୀମା ଦିବସ' ପରମାଣୁ ଯୁଦ୍ଧର ବିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସବୁ ରାଷ୍ଟ୍ରକୁ ଚେତାବନୀ ଦିଏ । ଏହିଦିନ ପରମାଣୁ ଆକ୍ରମଣରେ ପ୍ରାଣ ହରାଇଥିବା ନିରୀହ ଲୋକମାନଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ ।

# କମ୍ବଳ ଆକାରର ରୁଟି



ବିଶ୍ୱର ବିଭିନ୍ନ ଦେଶରେ ବିବାହ ସହିତ ଜଡ଼ିତ ଅନେକ ଅନନ୍ୟ ପରମ୍ପରା ସବୁ ଦେଖିବାକୁ ମିଳେ । ଏହି କ୍ରମରେ ଏବେ ସୋସିଆଲ ମିଡିଆରେ ପାକିସ୍ତାନର ବିବାହ ସମୟରେ ପରଷା ଯାଉଥିବା ଏମିତି ଏକ ପାରମ୍ପରିକ ରୁଟିର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଭିଡିଓରେ ଦେଖାଯାଉଥିବା ଏହି ବିଶାଳ ରୁଟିକୁ ପ୍ରଥମେ ଦେଖିଲେ କୌଣସି ରେକର୍ଡ ପାଇଁ ଏହାକୁ ପ୍ରସ୍ତୁତ କରାଯାଉଛି ବୋଲି ଲାଗିବ । ପ୍ରକୃତରେ ଏହା ପାକିସ୍ତାନର ଖୈବର ପଖତୁନଖ୍ୱା ଅଞ୍ଚଳର ଏକ ପାରମ୍ପରିକ ରୁଟି, ଯାହାକୁ ବିଶେଷକରି ବିବାହ କିମ୍ବା ବଡ଼ ସାମୂହିକ ଭୋଜିରେ ପ୍ରସ୍ତୁତ କରାଯାଏ । ଏହି ବିଶାଳକାୟ ରୁଟିକୁ ସ୍ଥାନୀୟ ଭାଷାରେ 'ପୋସ୍ତା' ବା 'ବନ୍ଦୁ' କୁହାଯାଏ । ଏହା ପ୍ରାୟ ୧୦ ରୁ ୧୨ ଫୁଟ ଚଉଡ଼ା ହୋଇଥାଏ । ୧୦ରୁ ୧୫ ଜଣ ଲୋକ ଏହି ରୁଟିଟିକୁ ଖାଇପାରିବେ । ଏହାକୁ ବେଲିବା ପାଇଁ ବେଲଣାର ବ୍ୟବହାର କରାଯାଏ ନାହିଁ । କାରିଗରମାନେ ନିଜ ହାତରେ ଏବଂ ବାହୁ ସାହାଯ୍ୟରେ ଅଟାକୁ ବୁଲାଇ ବୁଲାଇ ଏବଂ ପବନରେ ଫେଣେଇ ଏହାକୁ ବଡ଼ କରିଥାନ୍ତି । ଏହାକୁ ସେକିବା ପାଇଁ ବିଶେଷ ଭାବେ ଲମ୍ବା ଏବଂ ଚଉଡ଼ା ବିଶିଷ୍ଟ ଇଟା ଚୁଲା ଖୋଲା ପଡ଼ିଆରେ ନିର୍ମାଣ କରାଯାଏ । ଏହା ଉପରେ ଏକ ବଡ଼ ଲୁହା କିମ୍ବା ମାଟିର ପ୍ଲେଟ୍ ଥାଏ, ଯାହାକୁ କୋଇଲା ବା କାଠ ନିଆଁରେ ଗରମ କରାଯାଏ । ଏତେ ବଡ଼ ରୁଟିକୁ ଚୁଲା ଉପରେ ପକାଇବା ଏବଂ ତାହା ଯେପରି କେଉଁଠି ହେଲେ ନ ଚିରିବ କିମ୍ବା ନ ପୋଡ଼ିବ, ସେଥିପାଇଁ ତିନିରୁ ଚାରି ଜଣ ଅଭିଜ୍ଞ ବ୍ୟକ୍ତିଙ୍କର ଏକାଠି ସାହାଯ୍ୟ ଦରକାର ହୋଇଥାଏ । ତେବେ ଏହି ବିଶାଳ ରୁଟି ପ୍ରତିଦିନ ତିଆରି ହୁଏ ନାହିଁ; ବରଂ ଗାଁର ମଉଜ-ମଜଲିସ୍, ବଡ଼ ବିବାହ ଉତ୍ସବ ଏବଂ ସାମୂହିକ ଭୋଜିରେ ବିଶେଷ ଭାବେ ତିଆରି କରାଯାଏ । ପାସତୁନ୍ ସଂସ୍କୃତିରେ ସମସ୍ତ ଅତିଥି ଗୋଟିଏ ବଡ଼ ସାମୂହିକ ରୁଟିକୁ ଭାଙ୍ଗି ମିଶି ଖାଆନ୍ତି, ଯାହା ସେମାନଙ୍କ ପାରମ୍ପରିକ ଅତିଥିସତ୍କାର ଏବଂ ଭାଇଚାରାର ପରିଚୟ ଦେଇଥାଏ ।

# ନୀରଜଙ୍କ ବାୟୋପିକ୍ ଫିଲ୍ମରେ ଅକ୍ଷୟ



ଅନେକ ଦିନ ହେଲାଣି ଆର୍. ଡି. ବର୍ମନଙ୍କ ବାୟୋପିକ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ଏହି ଚଳଚ୍ଚିତ୍ରର ମୁଖ୍ୟ ଅଭିନେତାଙ୍କୁ ନେଇ ଖବର ଆସିଥିଲା, ଏବେ ଏଥିରେ ଆଉଜଣେ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଥିବା ଜଣାପଡ଼ିଛି । ନିର୍ଦ୍ଦେଶକ ନୀରଜ ପାଣ୍ଡେ ଆର. ଡି. ବର୍ମନଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି, ଯେଉଁଥିରେ ସେ ତାଙ୍କ ସଂଘର୍ଷରୁ ନେଇ ସଫଳତାର ଯାତ୍ରାକୁ ପରଦାରେ ଦେଖାଇବେ । ଏଥିରେ ଫରହାନ୍ ଅଖତର ଆର୍.ଡି ବର୍ମନଙ୍କ ଭୂମିକାରେ ଦେଖାଯିବେ । ହେଲେ ଏବେ ଏଥିରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ତେବେ ନୀରଜ ଏହି ଫିଲ୍ମ ପାଇଁ ଅକ୍ଷୟ କୁମାରଙ୍କ ସହ ଯୋଗାଯୋଗ କରିବା ପରେ ସେ ଏହି ଚଳଚ୍ଚିତ୍ରରେ କାମ କରିବା ପାଇଁ ରାଜି ହୋଇଯାଇଥିବା ଜଣାପଡ଼ିଛି । ଅକ୍ଷୟ ଏଥିରେ ଅତିଥି କଳାକାର ଭାବେ ସାମିଲ ହୋଇ ପାରନ୍ତି ବୋଲି କୁହାଯାଉଛି । ହେଲେ, ଏପର୍ଯ୍ୟନ୍ତ ତାଙ୍କ ଚରିତ୍ର ବିଷୟରେ କୌଣସି ସ୍ପଷ୍ଟ ସୂଚନା ସାମ୍ନାକୁ ଆସିନାହିଁ । ନିର୍ମାତାମାନେ ଏହାକୁ ଗୋପନୀୟ ରଖିଛନ୍ତି । ପ୍ରକୃତରେ ଅକ୍ଷୟ ଏବଂ ନୀରଜ ବହୁତ ଭଲ ସାଙ୍ଗ । ଅତୀତରେ ଏହି ଯୋଡ଼ି ବକ୍ସ ଅଫିସ୍‌କୁ 'ସ୍ପେଶାଲ ୨୬' ଏବଂ 'ବେବି' ଭଳି ହିଟ୍ ଚଳଚ୍ଚିତ୍ର ଦେଇଛନ୍ତି । ତେଣୁ ଅକ୍ଷୟ ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି । 'ଭୂତ ବଙ୍ଗଲା' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ' ଭଳି ସଫଳ ଫିଲ୍ମ ପରେ ଏବେ ଅକ୍ଷୟ 'ହୈୱାନ' ଫିଲ୍ମରେ ନଜର ଆସିବେ । ଏହା ଆସନ୍ତା ସେପ୍ଟେମ୍ବର ୧୧ରେ ମୁକ୍ତିଲାଭ କରିବ ।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

# ସଜନା ଶାଗ ପତୁଆ



**ଆବଶ୍ୟକ ସାମଗ୍ରୀ**

ଧୁଆ ସଜନା ଶାଗ – ଦୁଇ କପ୍, ସୋରିଷ ରସୁଣ ବଟା – ଏକ ଚାମଚ, ଶୁଖିଲା ଲଙ୍କା– ଦୁଇଟି, କଟା ପିଆଜ – ଅଧା କପ୍, କଟା ଟମାଟୋ– ଅଧା କପ୍, ଲଙ୍କା ଗୁଣ୍ଡ- ଅଧା ଚାମଚ, ହଳଦୀ – ଅଧା ଚାମଚ, ଜିରା ଗୁଣ୍ଡ – ଅଧା ଚାମଚ, ଲୁଣ ସ୍ୱାଦାନୁସାରେ, ସୋରିଷ ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ଶାଗ ନେଇ ସେଥିରେ ପିଆଜ, ଟମାଟୋ, ସୋରିଶ ବଟା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ ଏବଂ ଏକ ଚାମଚ ସୋରିଷ ତେଲ ଦେଇ ଭଲରେ ଗୋଳାନ୍ତୁ । ଏହାପରେ ଏକ କଦଳୀ ପତ୍ରରେ ଗୋଳା ଶାଗକୁ ରଖି କାଠିରେ ବନ୍ଦ କରନ୍ତୁ । ଏହାପରେ ଚୁଲିରେ ତାୱା ବସାଇ ଅଙ୍ଗାର ରଖି ସେଥିରେ କଦଳୀପତ୍ର ରଖନ୍ତୁ । ୨୦ ମିନିଟ୍ ପରେ ତାୱା କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ସଜନା ଶାଗ ପତୁଆ' ।

# ଲୋକପ୍ରିୟ ହସ୍ତତନ୍ତ ଶାଢ଼ି

**ହାତବୁଣା ଶାଢ଼ିର ଏକ ବିଶେଷ ମହତ୍ତ୍ୱ ରହିଛି । ଏହା ଭାରତର ସଂସ୍କୃତି, ହସ୍ତତନ୍ତ ଶିଳ୍ପ, ଉତ୍କୃଷ୍ଟ କଳାର ପରିଚୟ ପ୍ରଦାନ କରିଥାଏ । ଏଥିସହ ଶାଢ଼ିଗୁଡ଼ିକ ଜଟିଳ ବୁଣାଶୈଳୀ, ଡିଜାଇନ୍ ଏବଂ ରଙ୍ଗ ପାଇଁ ଜଣାଯାଏ । ପ୍ରତ୍ୟେକ ଶାଢ଼ିରେ ସ୍ଥାନୀୟ ସଂସ୍କୃତି, ପରମ୍ପରା ଏବଂ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତିଫଳିତ ହୋଇଥାଏ । ତେବେ ଓଡ଼ିଶା ଏବଂ ଭାରତରେ ପ୍ରସିଦ୍ଧି ଲାଭ କରିଥିବା କିଛି ଲୋକପ୍ରିୟ ହସ୍ତତନ୍ତ ଶାଢ଼ିକୁ ନେଇ ଏହି ଆଲେଖ୍ୟ ।**





### ଖଣ୍ଡୁଆ

ଓଡ଼ିଶାର ପାରମ୍ପରିକ ହାତବୁଣା ପାଟଶାଢ଼ି ଭାବେ ଖଣ୍ଡୁଆର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ଓଡ଼ିଶାର ବାନ୍ଧକଳା ଓ ସାଂସ୍କୃତିକ ପରମ୍ପରାର ଅଭିନ୍ନ ଅଂଶ । ଏହି ପାଟ ଶାଢ଼ି ସୂକ୍ଷ୍ମ କପା ଏବଂ ରେଶମ ସୂତାରେ ବୁଣି ପ୍ରସ୍ତୁତ କରାଯାଏ । ଏହା ଜଟିଳ ଡିଜାଇନ୍ ପାଇଁ ଜଣାଶୁଣା । ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଖଣ୍ଡୁଆ ପାଟ ଶାଢ଼ି ଲାଗି କରାଯାଏ । ସେହିପରି ଏହା ଟେମ୍ପଲ ବର୍ଡର ପାଇଁ ମଧ୍ୟ ଜଣାଶୁଣା । ଏହା ଜଗନ୍ନାଥ ସଂସ୍କୃତି, ଓଡ଼ିଶା ହସ୍ତତନ୍ତ ଐତିହ୍ୟର ପ୍ରତୀକ ଭାବେ ପରିଚିତ । ଖଣ୍ଡୁଆ ଶାଢ଼ୀର ମୂଲ୍ୟ ଏହାର ଡିଜାଇନ ଉପରେ ନିର୍ଭର କରେ । ଏହା ବିଦେଶରେ ମଧ୍ୟ ଖୁବ୍ ଲୋକପ୍ରିୟ ।

### ସମ୍ବଲପୁରୀ

ଲୋକପ୍ରିୟ, ପ୍ରତିଷ୍ଠିତ ହସ୍ତତନ୍ତ ଶାଢ଼ୀ ମଧ୍ୟରୁ ଗୋଟିଏ ସମ୍ବଲପୁରୀ ଶାଢ଼ି । ଏହାର ଜଟିଳ ଏବଂ ରଙ୍ଗୀନ ପ୍ୟାଟର୍ଣ୍ଣ ପାଇଁ ବୁଣା ଓ ତନ୍ତସୂତାକୁ ବାନ୍ଧି ରଙ୍ଗ କରାଯାଏ । ଏହି ଶାଢ଼ିର ଜ୍ୟାମିତିକ ଆକୃତି, ଫୁଲ ପ୍ରକୃତି ଡିଜାଇନ୍, ପୌରାଣିକ କାହାଣୀ ଏବଂ ଲୋକକଥା ଦ୍ୱାରା ଅନୁପ୍ରାଣିତ ବିଷୟବସ୍ତୁ ପାଇଁ ଜଣାଶୁଣା । ଏହା ଓଡ଼ିଶାର ଗୌରବ ଏବଂ ପରିଚୟର ପ୍ରତୀକ । ମହିଳାମାନେ ବିଭିନ୍ନ ପର୍ବପର୍ବାଣି ତଥା ବିଶେଷ ଦିନରେ ଏହାକୁ ପିନ୍ଧିଥାନ୍ତି । ଏହାର ମୂଲ୍ୟ ଡିଜାଇନ୍ ଏବଂ ବୁଣାକାରଙ୍କ କାରିଗରୀ ଉପରେ ନିର୍ଭର କରିଥାଏ ।



### କାଞ୍ଜିବରମ୍

ତାମିଲନାଡୁ କାଞ୍ଚିପୁରମ୍‌ର ପାରମ୍ପରିକ ଶାଢ଼ି ଭାବେ ଏହା ବେଶ୍ ପରିଚିତ । ଏହାକୁ ରେଶମ ସୂତାରେ ବୁଣି ପ୍ରସ୍ତୁତ କରାଯାଏ । ଏହା ମଲବେରୀ ରେଶମ, ଜରିକାମ, ସୁନ୍ଦର ଡିଜାଇନ୍, ଦୀର୍ଘସ୍ଥାୟୀ ଏବଂ ବୁଣାଶୈଳୀ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହାକୁ ବିବାହ, ପର୍ବପର୍ବାଣୀ ସମେତ ବିଶେଷ ଅବସରରେ ପିନ୍ଧାଯାଏ । ବଲିଉଡ୍ ଅଭିନେତ୍ରୀଙ୍କଠୁ ନେଇ ସାଧାରଣ ମହିଳାଙ୍କ ମଧ୍ୟରେ ଏହି ଶାଢ଼ି ବେଶ୍ ଲୋକପ୍ରିୟ । ଏହାର ଡିଜାଇନ୍ ଅନୁସାରେ ମୂଲ୍ୟ ଭିନ୍ନ ଥାଏ ।



### ବନାରସୀ

ଉତ୍ତର ପ୍ରଦେଶ ବାରଣସୀରେ ପ୍ରସ୍ତୁତ ଏକ ପ୍ରସିଦ୍ଧ ପାରମ୍ପରିକ ପାଟଶାଢ଼ି ଭାବେ ବନାରସୀ ଶାଢ଼ି ବେଶ୍ ପରିଚିତ । ଏହା ଶୁଦ୍ଧ ରେଶମ, ସୁନା ଓ ରୂପା ଜରିକାମ ଏବଂ ସୁନ୍ଦର କାରୁକାର୍ଯ୍ୟ ପାଇଁ ଜଣାଯାଏ । ଏହି କଳା ମୋଗଲ ସାମ୍ରାଜ୍ୟରୁ ଆରମ୍ଭ ବୋଲି ବିଶ୍ୱାସ ରହିଛି । ବିବାହ ଭଳି ମାଙ୍ଗଳିକ କାର୍ଯ୍ୟରେ ଏହା ମହିଳାଙ୍କ ପ୍ରଥମ ପସନ୍ଦ । ବାରଣସୀର ବୁଣାକାରମାନେ ଏହି ଶାଢ଼ି ପ୍ରସ୍ତୁତ କରିଥାନ୍ତି । ହାତରେ ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ତିନିଜଣ କାରିଗରଙ୍କ ପରିଶ୍ରମ ଲାଗିଥାଏ । ଡିଜାଇନ୍ ଅନୁସାରେ ଏହାର ମୂଲ୍ୟ ଭିନ୍ନ ଭିନ୍ନ ରହିଥାଏ ।

# ବ୍ୟାଗ୍ ଚାର୍ମ ଟ୍ରେଣ୍ଡ

**ପୋଷାକ ଭଳି ଆସେସରିଜ୍ ମଧ୍ୟ ଲୁକ୍‌କୁ ଆକର୍ଷଣୀୟ କରିଥାଏ । ସେଥିମଧ୍ୟରୁ ଗୋଟିଏ ବ୍ୟାଗ୍ ଚାର୍ମ । ଏହା ଚାବି ରିଙ୍ଗ୍ ଭଳି ଛୋଟ ଆକର୍ଷଣୀୟ ହୋଇଥାଏ । ଅଧିକାଂଶ କଲେଜ ଛାତ୍ରୀ ଏବଂ କର୍ମଜୀବୀ ମହିଳାମାନେ ବ୍ୟାଗ୍‌କୁ ସୁନ୍ଦର କରିବା ପାଇଁ ଏହା ବ୍ୟବହାର କରିଥାନ୍ତି ।**

**ବ୍ୟାଗ୍ ଚାର୍ମସ କ'ଣ?**

- ଏହା ଛୋଟ ଡେକୋରେଟିଭ୍ ଆସେସରିଜ୍ ଭାବେ ପରିଚିତ । ଏହାକୁ ବ୍ୟାଗ୍ ଚେନ୍‌ରେ ଚାବି ରିଙ୍ଗ୍ ଭଳି ଝୁଲାଯାଏ । ଏହା ଲେଦର, ମେଟାଲ୍, ମୋତି, ରିବନ୍ ଫ୍ୟାବ୍ରିକ୍‌ରେ ଉପଲବ୍ଧ । କିଛି ମହିଳା ବ୍ୟାଗ ଚାର୍ମ ଭାବେ ସେମାନଙ୍କ ନାମର ପ୍ରଥମ ଅକ୍ଷର, ପ୍ରିୟ ଚରିତ୍ର ମଧ୍ୟ ବ୍ୟବହାର କରନ୍ତି ।
- ଏହା ବିଭିନ୍ନ ପ୍ରକାର ବ୍ୟାଗ୍‌ରେ ଲଗାଇପାରିବେ । ସିନେ ତାରକା ଏବଂ ଇନ୍‌ଫ୍ଲୁଏନ୍ସର୍‌ମାନେ ବ୍ୟାଗ୍‌ରେ ଭଳିକି ଭଳି ଚାର୍ମ ଲଗାଇ ତାକୁ ଏକ ପର୍ସନାଲ ଟଚ୍ ଦେଇଥାନ୍ତି । ଅବଶ୍ୟ ଏବେ ସାଧାରଣ ଲୋକେ ମଧ୍ୟ ଏହି ଟ୍ରେଣ୍ଡକୁ ଅନୁକରଣ କରୁଛନ୍ତି ।
- ଏହା ସବୁ ପ୍ରକାର ବ୍ୟାଗ୍‌ରେ ଲଗାଇପାରିବେ । ଟୋଟ୍, ସୋଲଡର୍, କ୍ରସ୍‌ବଡୀ, ମିନିବ୍ୟାଗ୍ ଏବଂ ବ୍ୟାଗ୍‌ପ୍ୟାଗ୍‌ରେ ଲଗାଇପାରିବେ ।
- ସାଧା ବ୍ୟାଗ୍‌କୁ ଏହି ଚାର୍ମ ଅଧିକ ଆକର୍ଷଣୀୟ କରିଥାଏ ।



# କେଶ ମଝିରେ ଫାଙ୍କା ଥିଲେ...

**ଅନେକ ମହିଳାଙ୍କ ମଥା ସମ୍ମୁଖରେ କେଶ ପତଳା ବା ଖାଲି ସ୍ଥାନ ଦେଖିବାକୁ ମିଳିଥାଏ । ଏହା ଅନେକଙ୍କ ପାଇଁ ସମସ୍ୟାଜନକ ହୋଇଥାଏ । ଏଥିପାଇଁ ହେୟାର୍ ଟ୍ରାନ୍ସପ୍ଲାଣ୍ଟ ଭଳି ଦାମୀ ଟ୍ରିଟ୍‌ମେଣ୍ଟ ରହିଛି । ହେଲେ ଏହା ସଭିଙ୍କ ପକ୍ଷେ ସମ୍ଭବ ନୁହେଁ । ଏପରି ସ୍ଥଳେ ହେୟାରଲାଇନ୍ ମେକ୍‌ଅପ୍ କରି ଘନ କେଶ ପାଇପାରିବେ । ଏହା ସ୍ଥାୟୀ ନହେଲେ ବି ପାର୍ଟି ଫଙ୍କସନ୍ ପାଇଁ ଭଲ ହୋଇଥାଏ ।**



- ଏହି ପ୍ରକ୍ରିୟାରେ ହେୟାର୍ ପାଉଡର୍, ମ୍ୟାଟ୍ ଆଇସ୍ୟାଡୋ ଏବଂ ହେୟାର୍‌ଲାଇନ୍ ଷ୍ଟିକ୍ ସାହାଯ୍ୟରେ କେଶ ମଝିରେ ଥିବା ଖାଲି ସ୍ଥାନକୁ ପୂରଣ କରାଯାଏ । ଏହା କେଶକୁ ଘନ ଏବଂ କଳା କରିଥାଏ ।
- ପ୍ରଥମେ କେଶକୁ କୁଣ୍ଡାଇ ଭାଗ କରନ୍ତୁ । ଏହାପରେ କେଶ ସହ ମେଳ ଖାଉଥିବା ସ୍ୟାଡୋ ନେଇ ବ୍ରଶ୍ କିମ୍ବା ସ୍ପଞ୍ଜ ସାହାଯ୍ୟରେ ଖାଲି ସ୍ଥାନରେ ଲଗାନ୍ତୁ ।
- ଗାଢ଼ ରଙ୍ଗରୁ ଦୂରେଇ ରୁହନ୍ତୁ । ଏହାକୁ ନ ରଗଡ଼ି ହାଲୁକା ହାତରେ ଲଗାନ୍ତୁ ।
- ଦୀର୍ଘ ସମୟ ଧରି ବାହାରେ ରହୁଥିଲେ, ଝାଳରୋଧୀ ବା ଜଳରୋଧୀ ପ୍ରସାଧନ ଲଗାଇପାରିବେ । ରାତିରେ ଶୋଇବା ପୂର୍ବରୁ ଏହି ମେକ୍‌ଅପ୍‌କୁ ଛଡ଼ାଇ ଦିଅନ୍ତୁ ।

## ତାମିଲନାଡୁର କ୍ରୀଡ଼ା ବଜେଟ ୧୦୫୧ କୋଟି

ଚେନ୍ନଇ, ୫।୮ (ଏଜେନ୍ସି): ତାମିଲନାଡୁରେ ଆଜି ଉପସ୍ଥାପନ କରାଯାଇଥିବା ବଜେଟରେ ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ଲାଗି ୧,୦୫୧କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଯୋଶେଫ ବିଜୟ ମୁଖ୍ୟମନ୍ତ୍ରୀ ହେବା ପରେ ନୂଆ ସରକାରଙ୍କର ଏହା ପ୍ରଥମ ବଜେଟ। ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ଲାଗି ପୂର୍ବବର୍ଷ ତୁଳନାରେ ଏଥର ୪୭୯ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଥିରେ ସ୍କୁଲସ୍ତରରେ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ବ୍ୟତୀତ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ଓ ପ୍ରସ୍ତୁତି ଲାଗି ଏହି ବଜେଟରେ ଅଧିକ ଅର୍ଥ ବରାଦ କରାଯାଇଛି। ରାଜ୍ୟରେ ୧୦ଟି ଅଲିମ୍ପିକ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହି କେନ୍ଦ୍ରଗୁଡିକ ଲାଗି ୫୦ କୋଟି ଲେଖାଏଁ ଟଙ୍କା ବ୍ୟୟବରାଦ ହେବ ବୋଲି ବଜେଟରେ ବ୍ୟବସ୍ଥା ରହିଛି।

**କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

## ଦ୍ୱିତୀୟ ରାଉଣ୍ଡରେ ତନ୍ୱୀ ଶର୍ମା



ଚେନ୍ନଇ, ୫।୮ (ଏଜେନ୍ସି): ନିକଟରେ ତାଇପେଇ ଓପନ ଟାଇଟଲ ଜିତିଥିବା ଭାରତର ତନ୍ୱୀ ଶର୍ମା ଦକ୍ଷିଣ କୋରିଆ ଓପନ ବ୍ୟାଡମିଣ୍ଟନରେ ମହିଳା ଏକକରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଖେଳରେ ସେ ଚୀନ୍‌ର ୟୁଆନ ଆନ କ୍ୱି’ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ଆଉ ଜଣେ ଭାରତୀୟ ଖେଳାଳି ବା ଶ୍ରୀୟାଂଶୀ ଭାଲିସେଟ୍ଟୀଙ୍କ ସହ ହେବ। ଶ୍ରୀୟାଂଶି ପ୍ରଥମ ରାଉଣ୍ଡରେ ଚାଇନିଜ୍ ତାଇପେଇର ପାଇ ୟୁଙ୍କୁ ୨-୦ରେ ହରାଇଥିଲେ। ଏହି ପ୍ରତିଯୋଗିତାର ଆଉ ଏକ ପ୍ରଥମ ରାଉଣ୍ଡ ଖେଳରେ ମାନସୀ ସିଂ ବିଜୟୀ ହୋଇଛନ୍ତି। ପୁରୁଷ ଯୁଗଳରେ ଚତୁର୍ଥ ସିଡ୍ ଥାଇଲାଣ୍ଡର ୱରାପି ଥୋଙ୍ଗସାଙ୍ଗା ଓ ଚାଲୋମ୍ପିଆନ ସି.ଙ୍କୁ ହରାଇ ଭାରତର ପୃଥ୍ୱୀ କ୍ରିଷ୍ଣମୂର୍ତ୍ତି ରୟ ଓ କ୍ରିଷ୍ଣା ପ୍ରସାଦ ଗାରଗା ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

## ଅଭିଜିତ୍‌ଙ୍କ ଅଭିଯୋଗ ପରେ ଜାତୀୟ ଚେସ୍ ଚାମ୍ପିଅନସିପ୍ ତାରିଖ ବଦଳିଲା



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଅର୍ଜୁନ ପୁରସ୍କାରପ୍ରାପ୍ତ ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତାଙ୍କ ଅଭିଯୋଗ ପରେ ସର୍ବଭାରତୀୟ ଚେସ୍ ମହାସଂଘ ବା ଏଆଇସିଏଫ୍ ଜାତୀୟ ବରିଷ୍ଠ ଚେସ୍ ଚାମ୍ପିଅନସିପ୍‌ର ତାରିଖରେ ପରିବର୍ତ୍ତନ କରିଛି। ୨୦୧୬ ବର୍ଷ ଲାଗି ହେବାକୁ ଥିବା ଏହି ପ୍ରତିଯୋଗିତା ୨୦୨୭ ମାର୍ଚ୍ଚରେ ଆୟୋଜନ କରିବା ଲାଗି ଏଆଇସିଏଫ୍ କାର୍ଯ୍ୟକ୍ରମ ସ୍ଥିର କରିଥିଲା। ଏହାକୁ ବିରୋଧ କରିଥିଲେ ଅଭିଜିତ୍। ତାଙ୍କ ମତରେ ୨୦୨୬ରୁ ଟୁର୍ଣ୍ଣାମେଣ୍ଟ କାହିଁକି ୨୦୨୭ରେ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସେ ତାଙ୍କ ଅସନ୍ତୋଷ ସୋସିଆଲ ମିଡିଆରେ ପ୍ରକାଶ କରିବା ପରେ ହଜାର ହଜାର ସମର୍ଥନ ପାଇଥିଲେ। ଏହା ଜାଣିବା ପରେ ଏଆଇସିଏଫ୍ ଏହି ପ୍ରତିଯୋଗିତାକୁ ଚଳିତବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୯ ମଧ୍ୟରେ ଖେଳାଯିବାକୁ ସ୍ଥିର କରିଛି। ଉତ୍ତରପ୍ରଦେଶର ବାରାଣସୀରେ ଏହା ଆୟୋଜିତ ହେବ ବୋଲି କ୍ୟାଲେଣ୍ଡରରେ ସଂଶୋଧୀତ କାର୍ଯ୍ୟସୂଚୀରେ ପ୍ରକାଶ ପାଇଛି।

## ବାସନ୍ଦ ହୋଇପାରନ୍ତି ୮ ପୂର୍ବତନ ପାକ୍ କ୍ରିକେଟର

କରାଚି, ୫।୮ (ଏଜେନ୍ସି): ଜାମ୍ବିଆର ଲୁସାକାରେ ଅନୁଷ୍ଠିତ ଏସିଆନ୍ ଲିଜେଣ୍ଡସ୍ କପ୍ ନାମକ ଏକ ଅନଧିକୃତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା କିଛି ପୂର୍ବତନ ପାକିସ୍ତାନୀ ଖେଳାଳିଙ୍କ ପ୍ରତି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) କଠୋର ହୋଇଛି। ଏହି ଖେଳାଳିମାନଙ୍କୁ ପିସିବି ଦୁଇ ବର୍ଷ ପାଇଁ ବାସନ୍ଦ କରାଯିବାର ସମ୍ଭାବନା ରହିଛି। ଏହି ଖେଳାଳିମାନେ ହେଲେ ପୂର୍ବତନ ଦ୍ରୁତ ବୋଲର ମହମ୍ମଦ ଇରଫାନଙ୍କ ସମେତ ଇମ୍ରାନ୍ ନାଜିର, ତୌଫିକ୍ ଉମର, ରାହତ ଅଲି, ୟାସିର୍ ଶାହ, ଜାହିଦ୍ ମହମୁଦ୍, ହାସନ୍ ରାଜା ଏବଂ ଇବ୍ରାର ହୁସେନ। ପିସିବି ଏକ ବିବୃତ୍ତି ଜାରି କରି ସ୍ପଷ୍ଟ କରିଛି ଯେ ପିସିବିର ବିନା ଅନୁମୋଦନରେ ଏହି ଲିଗରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଆଗାମୀ ଦିନରେ ଦେଶ କିମ୍ବା ବିଦେଶୀର କୌଣସି ପ୍ରତିଯୋଗିତାରୁ ଦୁଇ ବର୍ଷ ପାଇଁ ବାସନ୍ଦ ହୋଇପାରନ୍ତି। ଅପରପକ୍ଷରେ ଏହି ଲିଗକୁ ଅନୁମୋଦନ ମିଳି ନ ଥିବା ଜାଣିବା ପରେ କିଛି ଖେଳାଳି ଓହରି ଯାଇଥିଲେ। ଯେଉଁମାନେ ଓହରି ଯାଇଥିଲେ ସେମାନଙ୍କ ମଧ୍ୟରେ ମହମ୍ମଦ ହାଫିଜ୍, ସୋଏବ୍ ମାଲିକ, ୱାହାବ୍ ରିଆଜ୍, ସୋହେଲ୍ ତନଭିର୍ ଏବଂ ଉମର ଆକମଲ୍ ରହିଛନ୍ତି।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ପାକିସ୍ତାନୀ ଓ ଉଗାଣ୍ଡା ଆଥଲେଟ୍‌ଙ୍କ ପତ୍ତା ମିଳୁନି

ଗ୍ଲାସ୍‌ଗୋ, ୫।୮ (ଏଜେନ୍ସି):



ଗ୍ଲାସ୍‌ଗୋରେ ଗତ ରବିବାର ସଫଳତାର ସହ ଶେଷ ହୋଇଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ପାକିସ୍ତାନ ଓ ଉଗାଣ୍ଡାର ଏକାଧିକ ପ୍ରତିଯୋଗୀଙ୍କ ପତ୍ତା ଏଯାଏ ମିଳୁନାହିଁ। ସେମାନେ କେଉଁଠି ଅଛନ୍ତି ସେ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ପୁଲିସ୍ ସ୍କଟଲାଣ୍ଡ। ଅସମର୍ଥିତ ସୂତ୍ରରୁ ଜଣାଯାଇଛି, ଆହୁରି ଅନେକ ପ୍ରତିଯୋଗୀ ମଧ୍ୟ ଏହି ପ୍ରତିଯୋଗିତାରୁ କୁଆଡ଼େ ଚାଲିଯାଇଛନ୍ତି ତାହା ଜଣାପଡୁନାହିଁ। କେବଳ ପାକିସ୍ତାନ ଓ ଉଗାଣ୍ଡା କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଅଭିଯୋଗ କରି ନ ଥିବା ଦେଶ ଗୁଡିକ ମଧ୍ୟରେ ସର୍ବାଧିକ ଆଫ୍ରିକୀୟ ରାଷ୍ଟ୍ର ବୋଲି ସୂଚନା ମିଳିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପ୍ରତିଯୋଗୀମାନଙ୍କ ଠିକଣା ନ ମିଳିବା ପରେ ସମ୍ପୃକ୍ତ ଦେଶର କ୍ରୀଡ଼ା ସଂଗଠନ ଗୁଡିକ ପୁଲିସ୍‌ରେ ଅଭିଯୋଗ କରିଥିବା କଥା ପୁଲିସ୍ ସ୍କଟଲାଣ୍ଡର ଜଣେ ମୁଖପାତ୍ର ସ୍ୱୀକାର କରିଛନ୍ତି। ଏହି ପ୍ରତିଯୋଗୀଙ୍କ ସମ୍ପର୍କରେ ଏବେ ତଦନ୍ତ ଆରମ୍ଭ ହୋଇଛି ଓ ଅଭିଯୋଗକାରୀଙ୍କୁ ରିପୋର୍ଟ ଖୁବ୍‌ଶୀଘ୍ର ଜଣାଇଦିଆଯିବ ବୋଲି ଏହି ମୁଖପାତ୍ର ଜଣଙ୍କ କହିଛନ୍ତି।

ଉଗାଣ୍ଡାର ଏନ୍‌ବିଏସ୍ ସ୍ପୋର୍ଟ୍ସ କରିଥିବା ରିପୋର୍ଟରୁ ଜଣାଯାଇଛି ଯେ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହି ଦେଶରୁ ଅଂଶଗ୍ରହଣ କରିଥିବା ୬ ଜଣ ବକ୍ସରଙ୍କ ମଧ୍ୟରୁ ୪ଜଣଙ୍କ ପତ୍ତା ମିଳୁନାହିଁ। ଉଗାଣ୍ଡା ବକ୍ସରମାନେ ସ୍ୱଦେଶ ଫେରିବା ଲାଗି ହୋଟେଲ ଛାଡିଲା ବେଳକୁ ଏହି ୪ଜଣ ବକ୍ସର ହୋଟେଲରେ ନ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ପଚାରା ଉଚାରା କରିବା ପରେ ସେମାନେ ସ୍କଟଲାଣ୍ଡରେ ରାଜନୈତିକ ଆଶ୍ରୟ ନେବେ ବୋଲି ଯୋଜନା କରିଥିଲେ। ୪ଜଣ ସଫଳ ହୋଇଥିଲାବେଳେ ଅନ୍ୟ ୨ଜଣ ସ୍ୱଦେଶ ଫେରିଯାଇଛନ୍ତି। ଏହା ପରେ ଉଗାଣ୍ଡା ବକ୍ସିଂ ଫେଡେରେସନ ପୁଲିସ୍ ସ୍କଟଲାଣ୍ଡ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି।

ଉଗାଣ୍ଡାର ଅଭିଯୋଗର କିଛି ସମୟ ପରେ ପାକିସ୍ତାନ କର୍ତ୍ତୃପକ୍ଷ ସମାନ ଅଭିଯୋଗ ଆଣିଥିଲେ। ପାକିସ୍ତାନ ବକ୍ସିଂ ଫେଡେରେସନର ଅଭିଯୋଗ ଅନୁଯାୟୀ ଏହି ଦେଶର ଜଣେ ବକ୍ସର କ୍ୱାଦ୍ରାତୁଲ୍ଲା ହୋଟେଲରୁ କେଉଁଆଡେ ଚାଲିଯାଇଛନ୍ତି। ଜିଓ ନ୍ୟୁଜ୍ ଅନୁଯାୟୀ ପାକିସ୍ତାନୀ ଟିମ୍ ସଦସ୍ୟମାନେ ସ୍ୱଦେଶ ଫେରିବା ଲାଗି ବିମାନବନ୍ଦରକୁ ଯିବା ଲାଗି ହୋଟେଲ ଲବିରେ ଏକତ୍ର ହେଲା ବେଳକୁ କ୍ୱାଦ୍ରାତୁଲ୍ଲା ଆସି ନ ଥିଲେ। କର୍ମକର୍ତ୍ତାମାନେ ତାଙ୍କ ହୋଟେଲ ରୁମ୍ ଚେକ୍ କଲାବେଳକୁ ସେଠାରେ ସେ ନ ଥିଲେ। ସକାଳ ୯ଟାରେ ହୋଟେଲ ଲବିରେ ଏକତ୍ର ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହା ପୂର୍ବରୁ ରାତି ୨ଟାରେ ସେ ହୋଟେଲରେ ଥିବାର ସୂଚନା ମିଳିଛି। ଏହା ପରେ ତାଙ୍କ ସମ୍ପର୍କରେ ଆଉ କିଛି ସୂଚନା ମିଳି ନ ଥିଲା। କ୍ୱାଦ୍ରାତୁଲ୍ଲାଙ୍କ ରିଟର୍ଣ୍ଣ ଟିକଟ ଓ ପାସ୍‌ପୋର୍ଟ ଟିମ୍ ମ୍ୟାନେଜରଙ୍କ ନିକଟରେ ରହିଛି।

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବା ପରେ ଖେଳାଳି ନିଖୋଜ ହେବା କିଛି ନୂଆ କଥା ନୁହେଁ। ନିଜ ଦେଶରେ ସୁବିଧା ସୁଯୋଗ ନ ଥିଲାବେଳେ ଭଲ ଦେଶରେ ରହିବାକୁ ଏମାନେ ପସନ୍ଦ କରିଥାନ୍ତି। ୨୦୧୮ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫୦ଜଣ ଆଥଲେଟ ଓ କର୍ମକର୍ତ୍ତା ନିଖୋଜ ହୋଇଯାଇଥିଲେ। ଏହା ଛଡ଼ା ୧୯୦ଜଣ ଅଷ୍ଟ୍ରେଲିଆରେ ଶରଣାର୍ଥୀ ରହିବା ଲାଗି ମଧ୍ୟ ଆବେଦନ କରିଥିଲେ। ଅଷ୍ଟ୍ରେଲିଆ ସରକାର କେତେଜଣଙ୍କୁ ଶରଣ ଦେଲେ ତାହା ଜଣା ପଡ଼ି ନ ଥିଲା। ଅଲିମ୍ପିକ୍ସଶେଷ ହେବା ପରେ ଏଭଳି ଘଟଣା ପ୍ରାୟତଃ ଦେଖିବାକୁ ମିଳିଥାଏ।

## ୱେଷ୍ଟଇଣ୍ଡିଜ୍‌ର ବ୍ୟାଟିଂ ବିପର୍ଯ୍ୟୟ



ପୋର୍ଟ ଅଫ୍ ସ୍ପେନ୍, ୫।୮ (ଏଜେନ୍ସି): ସ୍ପିନରଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅବଦୁଲ୍ଲା ସଫିକ୍‌ଙ୍କ ଅପରାଜିତ ୧୬୦ ରନ୍ ସହାୟତାରେ ପାକିସ୍ତାନ ପ୍ରଥମ ଇନିଂସରେ ୪୩ ରନ୍‌ର ଅଗ୍ରଣୀ ନେଇଥିଲା। ପାକିସ୍ତାନ ପ୍ରଥମ ଇନିଂସରେ ବାମହାତୀ ସ୍ପିନର ଜୋମେଲ ୱାରିକାନ ଘରୋଇ ଦଳ ପକ୍ଷରୁ ୬ଟି ୱିକେଟ ଅକ୍ତିଆର କରିଥିଲେ। ଏହା ପରେ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ଟେଷ୍ଟର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୧୦୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଫଳରେ ୨ ଦିନ ଖେଳ ଓ ୪ଟି ୱିକେଟ ବାକିଥାଇ ଇଣ୍ଡିଜ୍ ମାତ୍ର ୬୦ ରନ୍‌ରେ ଆଗୁଆ ରହିଥିଲା। ପାକିସ୍ତାନ ପକ୍ଷରୁ ଦୁଇ ସ୍ପିନର ସାଜିଦ୍ ଖାନ୍ ୪ଟି ଓ ଅଲି ଉସ୍‌ମାନ ୨ଟି ୱିକେଟ ନେଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

**ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍**

## ଭାରତରେ ଅଭ୍ୟାସ ମ୍ୟାଚ୍ ଖେଳିବନି ଅଷ୍ଟ୍ରେଲିଆ

ସିଡ୍‌ନୀ, ୫।୮ (ଏଜେନ୍ସି): ଆସନ୍ତାବର୍ଷ ଭାରତ ସହ ବର୍ଡର-ଗାଭାସ୍କର ଟ୍ରଫି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତ ଆସିବ ଅଷ୍ଟ୍ରେଲିଆ। ସିରିଜ୍ ଆରମ୍ଭ ପୂର୍ବରୁ ଅଷ୍ଟ୍ରେଲିଆ ଭାରତରେ କୌଣସି ଅଭ୍ୟାସ୍ ମ୍ୟାଚ୍ ଖେଳିବ ନାହିଁ ବୋଲି ହେଡ୍ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ କହିଛନ୍ତି। ଅଭ୍ୟାସ ମ୍ୟାଚ୍ ଅପେକ୍ଷା ଭାରତ କିମ୍ବା ୟୁଏଇରେ କିଛି ଦିନ କ୍ୟାମ୍ପ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଭାରତରେ ଟେଷ୍ଟ ସିରିଜ୍ ଖେଳିବା ପୂର୍ବରୁ ଅଷ୍ଟେଲିଆ ଦଳ ମଧ୍ୟ ଏଭଳି ଶିବିରରେ ନିଜକୁ ପ୍ରସ୍ତୁତ କରିଥିଲାବୋଲି ସେ କହିଥିଲେ। ଭାରତରେ ଟେଷ୍ଟ ସିରିଜ୍ ୨୦୨୭ ଜାନୁଆରୀ ୨୧ରୁ ନାଗପୁରରେ ଆରମ୍ଭ ହେବ। ଏହା ପରେ ଚେନ୍ନଇ, ଗୌହାଟୀ, ରାଞ୍ଚି ଓ ଅହମ୍ମଦାବାଦ୍‌ରେ ପରବର୍ତ୍ତୀ ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଫାଓ ଲିଗ୍: ଟାଉନ କ୍ଲବକୁ ହରାଇଲା ଇଲେଭେନ ଗନ୍

ଭୁବନେଶ୍ୱର, ୫।୮ (ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର ୩୩ତମ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଲେଭେନ ଗନ୍ କ୍ଲବ ୩-୨ ଗୋଲ୍‌ରେ ଟାଉନ କ୍ଲବକୁ ହରାଇଦେଇଛି।



ବିଜୟୀ ଦଳ ପକ୍ଷରୁ ଅଧିନାୟକ ମନୋଜ କୁମାର ମାଝୀ ଦୁଇଟି ଓ ଅଭୟ ମୁର୍ମୁ ଗୋଟିଏ ଗୋଲ୍ ଦେଇଥିଲେ। ସେହିଭଳି ଅନିଲ ସ୍ୱାଇଁ ଓ ଅନୁଭବ ବସ୍ତି ଗୋଟିଏ ଲେଖାଏ ସ୍କୋର କରିଥିଲେ। ତେବେ ଏକଦା ମ୍ୟାଚ୍ ୨-୨ ଗୋଲରେ ବରାବର୍ ରହିଥିବାବେଳେ ୭୨ତମ ମିନିଟରେ ମନୋଜ ନିର୍ଣ୍ଣାୟକ ତୃତୀୟ ଗୋଲଟି ଦେଇ ଇଲେଭେନ ଗନ୍ କ୍ଲବକୁ ବିଜୟୀ କରାଇଥିଲେ।

## ଲକ୍ଷ୍ମଣ ହୋଇପାରନ୍ତି ମୁଖ୍ୟ ଚୟନକର୍ତ୍ତା



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଭାରତୀୟ ସିନିଅର କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ପଦରୁ ଅଜିତ ଅଗରକରଙ୍କୁ ହଟାଯାଇପାରେ। ବିସିସିଆଇ ତାଙ୍କ ସ୍ଥାନରେ ଭିଭିଏସ ଲକ୍ଷ୍ମଣଙ୍କୁ ପରବର୍ତ୍ତୀ ଚୟନ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିପାରେ। ୫୧ ବର୍ଷୀୟ ଲକ୍ଷ୍ମଣ ବର୍ତ୍ତମାନ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନୂତନ ମୁଖ୍ୟ ଚୟନକର୍ତ୍ତା ଦୌଡ଼ରେ ଲକ୍ଷ୍ମଣ ସର୍ବାଗ୍ରେ ରହିଛନ୍ତି।

ଏହି ସମ୍ପୂର୍ଣ୍ଣ ମାମଲା ରୋହିତ ଶର୍ମାଙ୍କୁ ଦଳରୁ ବାଦ ଦିଆଯିବା ଯୋଜନା ସହିତ ଜଡ଼ିତ। ଘଟଣାରୁ ଜଣାପଡ଼ିଛି ଯେ ଇଂଲଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜ୍ ସମୟରେ, ରୋହିତଙ୍କ ଅବସର ନେଇ କଳ୍ପନାଜଳ୍ପନା ଜୋର ଧରିଥିଲା। କୁହାଯାଉଥିଲା ଯେ ରୋହିତ ଲର୍ଡସରେ ତାଙ୍କ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ। ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ମଧ୍ୟ ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ ଟିମ୍ ମ୍ୟାନେଜମେଣ୍ଟକୁ ଭବିଷ୍ୟତ ଯୋଜନାରୁ ରୋହିତଙ୍କୁ ବାଦ ଦେବା ପାଇଁ ପ୍ରସ୍ତାବ ଦେଇଥିଲା। ଏହି ସମୟରେ, ଲର୍ଡସ ଦିନିକିଆରେ ରୋହିତ ୧୩୮ ରନ୍‌ର ଦମଦାର ଶତକୀୟ ପାଳି ଖେଳିଥିଲେ। ଯାହାକି ଅଗରକରଙ୍କ ଯୋଜନାରେ ପୂର୍ଣ୍ଣଛେଦ ଟାଣିଥିଲା। ଫଳରେ ଟିମ୍ ମ୍ୟାନେଜମେଣ୍ଟ ସହିତ ରୋହିତଙ୍କ ସମ୍ପର୍କ ଠିକ୍‌ଠାକ ନ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଶେଷରେ ବାଧହୋଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କୁ ଆଗକୁ ଆସିବାକୁ ପଡ଼ିଥିଲା। ସାଇକିଆ କହିଥିଲେ ଯେ ରୋହିତ ଯେପର୍ଯ୍ୟନ୍ତ ଦଳର ଅଂଶ ରହିଛନ୍ତି ସେପର୍ଯ୍ୟନ୍ତ ଖେଳ ଜାରି ରଖିବେ।

ଏହା ଉଲ୍ଲେଖନୀୟ ଯେ ବିସିସିଆଇ ଖୁବ୍ ଶୀଘ୍ର ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତର ନୈରାଶ୍ୟଜନକ ପ୍ରଦର୍ଶନ ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିବାକୁ ଯାଉଛି। ଏହି ବୈଠକରେ ଅଗରକରଙ୍କ ଭବିଷ୍ୟତ ବିଷୟରେ ମଧ୍ୟ ନିଷ୍ପତ୍ତି ନିଆଯାଇପାରେ। ଅଗରକରଙ୍କ କାର୍ଯ୍ୟକାଳ ଜୁନ୍ ୨୦୨୬ରେ ଶେଷ ହୋଇଥିଲା। କିନ୍ତୁ ତାଙ୍କ କାର୍ଯ୍ୟକାଳ ତିନି ମାସ ପାଇଁ ବୃଦ୍ଧି କରାଯାଇଥିଲା। ଆଶା କରାଯାଉଥିଲା ଯେ ସେ ୨୦୨୭ ବିଶ୍ୱକପ୍ ଶେଷ ପର୍ଯ୍ୟନ୍ତ ମୁଖ୍ୟ ଚୟନକର୍ତ୍ତା ରହିବେ। ତେବେ ବର୍ତ୍ତମାନ ପରିସ୍ଥିତି ବଦଳିଥିବା ପରି ମନେ ହେଉଛି।

## ଜାତୀୟ ଜୁନିଅର ପୁରୁଷ ହକି: ସେମିରେ ଓଡ଼ିଶା



ଭୁବନେଶ୍ୱର, ୫।୮ (ସମିସ):

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ଓଡ଼ିଶା ସହ ପଞ୍ଜାବ ଏବଂ ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ଦଳ ୫-୧ ଗୋଲରେ ଅନ୍ୟତମ ଟାଇଟଲ୍ ଦାବିଦାର ହରିୟାଣାକୁ ହରାଇଥିଲା। ଓଡ଼ିଶା ପକ୍ଷରୁ ଲେଲସାନ ମିଞ୍ଜ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ସେହିଭଳି ଅଧିନାୟକ ଦୀପକ ପ୍ରଧାନ ଓ ମନଦୀପ୍ କେରକେଟା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲଗୁଡ଼ିକରେ ପଞ୍ଜାବ ୫-୨ ଗୋଲ୍‌ରେ କର୍ଣ୍ଣାଟକକୁ, ଝାଡ଼ଖଣ୍ଡ ସୁଟଆଉଟରେ ୪-୩ ଗୋଲରେ ଉତ୍ତର ପ୍ରଦେଶକୁ ଏବଂ ମଧ୍ୟପ୍ରଦେଶ ୭-୩ ଗୋଲ୍‌ରେ ଦାଦ୍ରା ଆଣ୍ଡ ନଗର ହାବେଳୀ ଓ ଡାମନ ଆଣ୍ଡ ଡିଉ ଦଳକୁ ହରାଇଥିଲା।

## ପଦକ ବିଜେତାଙ୍କୁ ୧୩.୪୭ କୋଟି ଟଙ୍କା ପୁରସ୍କାର ଦେବ ହରିୟାଣା

ପଞ୍ଚକୁଲା, ୫।୮ (ଏଜେନ୍ସି): ନିକଟରେ ଶେଷ ହୋଇଥିବା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରାଜ୍ୟର ପଦକ ବିଜେତା ଏବଂ ଅଂଶଗ୍ରହଣକାରୀ କ୍ରୀଡାବିତଙ୍କୁ ହରିୟାଣା ସରକାର ସମ୍ମାନିତ କରିବେ। ପଞ୍ଚକୁଲାର ସେକ୍ଟର-୩ସ୍ଥିତ ତାଉ ଦେବୀଲାଲ ଷ୍ଟାଡିୟମରେ ଅଗଷ୍ଟ ୭ରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଯେଉଁଥିରେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସଇନି ମୁଖ୍ୟଅତିଥି ଭାବରେ ଯୋଗଦେଇ କ୍ରୀଡାବିତଙ୍କୁ ନଗଦ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିବେ। ହରିୟାଣା କ୍ରୀଡ଼ାମନ୍ତ୍ରୀ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬**

ଗୌରବ ଗୌତମ ବୁଧବାର ଏହି ସୂଚନା ଦେଇଛନ୍ତି। ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହରିୟାଣା କ୍ରୀଡ଼ାବିତ୍‌ମାନେ ମୋଟ୍ ୧୦ଟି ପଦକ ବିଜୟୀ ହୋଇଥିଲେ। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସାମିଲ। ହରିୟାଣା ସରକାରଙ୍କ କ୍ରୀଡା ନୀତି ଅନୁଯାୟୀ, ପଦକ ବିଜେତା ଏବଂ ଅଂଶଗ୍ରହଣକାରୀ କ୍ରୀଡାବିତଙ୍କୁ ମୋଟ୍ ୧୩.୪୭ କୋଟି ଟଙ୍କାର ନଗଦ ପୁରସ୍କାର ବଣ୍ଟନ କରାଯିବ। ସାତ ଜଣ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧.୫୦ କୋଟି ଟଙ୍କା ଲେଖାଏଁ ମିଳିବ। ସେହିଭଳି ରୌପ୍ୟ ବିଜେତାଙ୍କୁ ୭୫ ଲକ୍ଷ ଲେଖାଏଁ ଏବଂ କାଂସ୍ୟ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଜଣାପଡ଼ିଛି। ଏହାବାଦ୍ ୧୩ ଜଣ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ସ୍ୱରୂପ ପ୍ରତ୍ୟେକଙ୍କୁ ୭.୫୦ ଲକ୍ଷ ଟଙ୍କା ସହିତ ସମ୍ମାନିତ କରାଯିବ।

## ଲଙ୍କା ପ୍ରିମିଅର ଲିଗ୍‌ରେ ଦଳ କିଣିଲେ ଜାହିର

ମୁମ୍ବଇ, ୫।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ଜାହିର ଖାନ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛନ୍ତି। ୪୭ ବର୍ଷୀୟ ଜାହିର ଲଙ୍କା ପ୍ରିମିୟର ଲିଗ (ଏଲ୍‌ପିଏଲ)ରେ ‘ଆଙ୍କର୍ ଜାଫନା କିଙ୍ଗସ୍’ ଫ୍ରାଞ୍ଚାଇଜର ସହ-ମାଲିକ ହୋଇଛନ୍ତି। ଏହି ଦଳଟି ପୂର୍ବରୁ ଜାଫନା କିଙ୍ଗସ୍’ ଭାବରେ ଜଣାଶୁଣା ଥିଲା। କିନ୍ତୁ ବର୍ତ୍ତମାନ ଷ୍ଟକହୋମ-ଭିତ୍ତିକ ‘ଆଙ୍କର୍ ସ୍ପୋର୍ଟ୍ସ ଏବି’ ଗୋଷ୍ଠୀ ଦ୍ୱାରା ଜାଫନା କିଙ୍ଗ୍‌ସକୁ ଅଧିଗ୍ରହଣ କରାଯାଇଛି। ଅଗଷ୍ଟ ୪ରେ ଚୁକ୍ତିଟି ଆନୁଷ୍ଠାନିକ ହେବାପରେ, ଦଳର ନାମ ପରିବର୍ତ୍ତନ ହୋଇଯାଇଛି। ଏହି ଦଳର ନାମ ଏବେ ‘ଆଙ୍କର୍ ଜାଫନା କିଙ୍ଗସ୍’ ରଖାଯାଇଛି। ଆଙ୍କର୍ ସ୍ପୋର୍ଟ୍ସ ମାଲିକ ନଗେନ୍ଦ୍ର ସିଦ୍ଧେଧାତ୍ତମଙ୍କ ସହିତ ଜାହିର ଖାନ ଏହି ଫ୍ରାଞ୍ଚାଇଜର ନୂତନ ମାଲିକ ହୋଇଛନ୍ତି। ଏହାକୁ ନେଇ ଜାହିର କହିଛନ୍ତି ଯେ, ମୁଁ ସବୁବେଳେ ଶ୍ରୀଲଙ୍କାରୁ ଆସୁଥିବା ବୋଲିଂ ପ୍ରତିଭାର ଦକ୍ଷତା ଏବଂ ବିବିଧତାକୁ ପ୍ରଶଂସା କରିଛି। ଏହା ଏପରି ଏକ ଦେଶ ଯାହାକୁ ମୁଁ ପରିଦର୍ଶନ କରିଛି,



ଖେଳିଛି ଏବଂ ଏହାର ସୁନ୍ଦର ସ୍ମୃତି ରହିଛି। ମୁଁ ଏବେ ଶ୍ରୀଲଙ୍କା କ୍ରିକେଟରେ ସହ-ମାଲିକ ଭାବରେ ଯୋଗଦେବାକୁ ବହୁତ ଉତ୍ସାହିତ। ମୁଁ ଆଙ୍କର୍ ଜାଫନା କିଙ୍ଗସ ସହିତ କାମ କରିବାକୁ ଉତ୍ସାହିତ’। ଉଲ୍ଲେଖଯୋଗ୍ୟ ଜାହିରଙ୍କ ପୂର୍ବରୁ ରାହୁଲ ଦ୍ରାବିଡ ୟୁରୋପୀୟ ଟି୨୦ ପ୍ରିମିୟର ଲିଗରେ ଡବଲିନ୍ ଗାର୍ଡିଆନ୍ସର, ସଚିନ ତେନ୍ଦୁଲକର ନ୍ୟାସନାଲ କ୍ରିକେଟ ଲିଗରେ ଚିକାଗୋ ଷ୍ଟାର୍ସର, ଯୁବରାଜ ସିଂହ ଶ୍ରୀଲଙ୍କା ପ୍ରିମିୟର ଲିଗରେ କଲମ୍ବୋ ସୁପରଷ୍ଟାର୍ସ ଷ୍ଟ୍ରାଇକର୍ସର ସହ-ମାଲିକ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS